

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com





ବାଲେଶ୍ୱର ■ ରବିବାର, ୩୧ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 31 JULY 2022
Vol.No. 35 ■ No. 199 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧


ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ପ୍ରାପ୍ତିସ୍ଥାନ
ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


## ବିବାଦରେ ଫଁଶିଲେ ରାଜ୍ୟପାଳ ଭଗତ ସିଂ କୋଶିୟାରୀ



ନୂଆଦିଲ୍ଲୀ, ୩୦/୦୭ : ମହାରାଷ୍ଟ୍ରରେ ଗୋଟିଏ ପଟେ କ୍ଷମତା ସଂକଟ ଲାଗି ରହିଥିବା ବେଳେ ଏବେ ମହାରାଷ୍ଟ୍ରବାସୀଙ୍କୁ ନେଇ ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଦେଇଥିବା ବୟାନ ବେଶ୍ ଚର୍ଚ୍ଚା ହେଉଛି । ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀ କହିଥିଲେ ଯଦି ଗୁଜରାଟୀ ଓ ରାଜସ୍ଥାନୀଙ୍କୁ ମୁମ୍ବାଇରୁ ହଟାଇ ଦିଆଯାଏ ତେବେ ରାଜ୍ୟରେ ଟଙ୍କାର ଅଭାବ ପଡିଯିବ । ମୁମ୍ବାଇରୁ ଆର୍ଥିକ ରାଜଧାନୀ ଟ୍ୟାଗ ହଟିଯିବ । ମଂଚ ଉପରେ ହସି ହସି ଏଭଳି କିଛି ବୟାନ ଦେଇଥିଲେ ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀ । ଆଖାପାଖରେ ଥିବା ଅତିଥି ଓ ମନ୍ତ୍ରୀ ମହୋଦୟ ମଧ୍ୟ ରାଜ୍ୟପାଳଙ୍କ କଥା ଶୁଣି ହସି ପକାଇଥିଲେ । ତେବେ ହୁଏତ କେହି ବି କଳ୍ପନାରେ ଭାବି ନଥିବେ କି ରାଜ୍ୟପାଳଙ୍କ ଏହି ବୟାନ କେବଳ ମହାରାଷ୍ଟ୍ର ରାଜନୀତିରେ ହଇଚଇ ସୃଷ୍ଟି କରିବ । ଘଟଣାକୁ ନେଇ ପୁଣି ଆରମ୍ଭ ହୋଇଛି ବିବାଦ । ଶିବସେନା ନେତା ସଂଜୟ ରାଉତ କହିଛନ୍ତି କି ରାଜ୍ୟପାଳଙ୍କ ଏହି ବୟାନ ଅତ୍ୟନ୍ତ ନିନ୍ଦନୀୟ । ମହାରାଷ୍ଟ୍ରର ଲୋକମାନେ ମୁମ୍ବାଇ ପାଇଁ ରକ୍ତ ଓ ଝାଳ ବୁହାଇଛନ୍ତି । ସବୁ ଜିନିଷକୁ ଟଙ୍କା ଦ୍ୱାରା ଓଜନ କରାଯାଏ ନାହିଁ । ଏଥିସହ ଶିବସେନା କହିଛି ବହୁ ଦଶନ୍ଧି ଧରି ମରାଠୀ-ଗୁଜରାଟୀ ବିବାଦ ଜାରି ରହିଛି । ନିଆଁରେ ଘିଅ ପକାଇ ବିଜେପି ଦ୍ୱାରା ପୁଣି ଆଉ ଏକ ପ୍ରାୟୋଜିତ ବିବାଦ ଜାଣିଶୁଣି ସୃଷ୍ଟି କରାଯାଉଛି । ଶିବସେନା ସାଂସଦ ସଂଜୟ ରାଉତ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ମାମଲାର ହସ୍ତକ୍ଷେପ କରିବାକୁ କହିଛନ୍ତି । ଜଣେ ରାଜ୍ୟପାଳ ଭାବେ ଏଭଳି ବୟାନ କେତେଦୂର ଗ୍ରହଣୀୟ ବୋଲି ପ୍ରଶ୍ନ କରିଛି ଦଳ । ଏଭଳି ବୟାନ ମରାଠାଙ୍କ ପ୍ରତି ଅପମାନ ବୋଲି ଶିବସେନା କହିଛି । ବୟାନକୁ ନେଇ ପ୍ରତିକ୍ରିୟା ରଖିଛି ଉଭୟ କଂଗ୍ରେସ ଓ ଏନସିପି । ଉଭୟ ଦଳ କହିଛନ୍ତି ରାଜ୍ୟପାଳଙ୍କ ଏଭଳି ବୟାନ ମହାରାଷ୍ଟ୍ର ଓ ମରାଠା ମାନଙ୍କ ପ୍ରତି ଅପମାନ । ବୟାନ ପାଇଁ କ୍ଷମା ମାଗନ୍ତୁ ରାଜ୍ୟପାଳ ଭଗତ ସିଂ କୋଶିୟାରୀ । ସେପଟେ ବିବାଦ ତେଜୁଥିବା ଦେଖି ଟୁଇଟରରେ ସଫେଇ ରଖିଛନ୍ତି ରାଜ୍ୟପାଳ ଭଗତ ସିଂ କୋଶିୟାରୀ । ଟୁଇଟ କରି ରାଜ୍ୟପାଳ କହିଛନ୍ତି ସେ ମୁମ୍ବାଇ, ମହାରାଷ୍ଟ୍ର ଓ ମରାଠାକୁ ନେଇ ଗର୍ବ ଅନୁଭବ କରନ୍ତି । ଏଭଳି ରାଜ୍ୟର ରାଜ୍ୟପାଳ ଦାୟିତ୍ୱ ତୁଲାଉଥିବାରୁ ନିଜକୁ ଭାଗ୍ୟଶାଳୀ ମନେ କରୁଛନ୍ତି । ମରାଠା କିମ୍ବା ମହାରାଷ୍ଟ୍ରକୁ ଅପମାନ କରିବା ଉଦ୍ଦେଶ୍ୟରେ ସେ କୌଣସି ବୟାନ ଦେଇନଥିଲେ । କେବଳ ରାଜ୍ୟର ବ୍ୟବସାୟ ଓ ବାଣିଜ୍ୟରେ ଗୁଜରାଟୀ ଓ ରାଜସ୍ଥାନୀ ବ୍ୟବସାୟୀଙ୍କୁ ଯୋଗଦାନକୁ ନେଇ ନିଜର ମତାମତ ରଖିଥିଲି । ବୟାନକୁ ରାଜନୈତିକ ରଙ୍ଗ ଦିଆଯାଉଛି ଓ ଅଯଥାରେ ବିବାଦ ଛିଡା କରାଯାଉଛି । ରାଜ୍ୟପାଳ ସଫେଇ ରଖିବା ସତ୍ତ୍ୱେ ବିବାଦ ତେଜିବା ନାଁ ଧରୁନି । କୋଶିୟାରୀଙ୍କୁ ଜୋରଦାର ବିରୋଧ କରାଯାଉଛି । ରାଜ୍ୟପାଳ ଯଦି କ୍ଷମା ନମାଗିବେ ତେବେ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛି କଂଗ୍ରେସ, ଏନସିପି, ଓ ଶିବସେନା ।

## ପ୍ରଭାତ ବିଶ୍ୱାଳଙ୍କ ୩ କୋଟି ୯୨ ଲକ୍ଷ ଟଙ୍କାର ସମ୍ପତ୍ତି ଆଟାଚ୍ କଲା ଇଡି



ଭୁବନେଶ୍ୱର,୩୦/୦୭ (ନି.ପ୍ର): ପୂର୍ବତନ ବିଧାୟକ ପ୍ରଭାତରଂଜନ ବିଶ୍ୱାଳଙ୍କ ୩ କୋଟି ୯୨ ଲକ୍ଷ ୨୦ ହଜାର ଟଙ୍କାର ସମ୍ପତି ଆଟାଚ୍ କରିଛି ପ୍ରବର୍ତନ ନିର୍ଦ୍ଦେଶାଳୟ ବା ଇଡି। ମନି ଲଣ୍ଡରିଂ ଆକ୍ଟ ଅନୁଯାୟୀ ତାଙ୍କର ଏହି ସମ୍ପତି ଆଟାଚ୍ କରାଯାଇଛି। ପ୍ରଭାତରଂଜନ ବିଶ୍ୱାଳଙ୍କର ଏସବିଆଇ କଟକ ଶାଖାରେ ଥିବା ୨୫ ଲକ୍ଷ ଟଙ୍କା ଆଟାଚ୍ ହୋଇଛି। ଅଣ ବ୍ୟାଙ୍କିଙ୍ଗ୍ ସଂସ୍ଥା ଜରିଆରେ ଟଙ୍କା ଆଦାୟ ମାମଲାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେହିପରି ଉତର ପ୍ରଦେଶର ନୋଏଡାରେ ଥିବା ମିଡିଆ ଗୁରୁ କନସଲଟାଂଟସ ପ୍ରାଇଭେଟ ଲିମିଟେଡର ସଂପତି ଆଟାଚ୍ କରାଯାଇଛି। ଏହି କଂପାନି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ସହିତ କିମ୍ବା ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆରେ ତାଲିକାଭୁକ୍ତ ନୁହେଁ। ଏନଏସଇଆଇ ଏବଂ ଏହିପରି ସର୍ବସାଧାରଣ ଜମା ସଂଗ୍ରହ କରିବାକୁ ଅନୁମତିପ୍ରାପ୍ତ ନୁହେଁ। ୨୦୦୨ରେ ହୋଇଥିବା ଏତଲା ଆଧାରରେ ଏହି ମାମଲାର ଅନୁସନ୍ଧାନ ଆରମ୍ଭ ହୋଇଥିଲା। ଓଡ଼ିଶାର କ୍ରାଇମ ବ୍ରାଂଚର ଇକୋନୋମିକ୍ ଅଫେନ୍ସ ୱିଙ୍ଗ (ଇଓଡବ୍ଲୁ) ଦ୍ୱାରା ଚାର୍ଜସିଟ୍ ଦାଖଲ ହୋଇଥିଲା। ଭାରତୀୟ ଏବଂ ବିଭିନ୍ନ ବିଭାଗ ଅଧୀନରେ ସିବିଆଇ ଦ୍ୱାରା ଦାଖଲ ହୋଇଥିବା ଚାର୍ଜସିଟ୍ ଉପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## ଥାନାରେ ହାଜର ହେଲେ ବାବୁସାନ



ଭୁବନେଶ୍ୱର,୩୦/୦୭ (ନି.ପ୍ର): ପତ୍ନୀ ତୃପ୍ତି ଦେଇଥିବା ଏତଲା ଆଧାରରେ ଆଜି ଜନ୍ମଦିନରେ ବାବୁସାନ୍ ଖାରବେଳ ଥାନାରେ ହାଜର ହୋଇଛନ୍ତି। ବାବୁସାନଙ୍କ ସହ ତାଙ୍କ ମାଆ ଅପରାଜିତା ମହାନ୍ତି ଓ ପାରିବାରିକ ବନ୍ଧୁ ରବି ମିଶ୍ର ମଧ୍ୟ ଖାରବେଳ ନଗର ଥାନା ଯାଇଥିଲେ । ପୋଲିସ୍ ବାବୁସାନ୍‌ଙ୍କୁ ପ୍ରାୟ ଘଂଟାଏ କାଳ ପଚରାଉଚରା କରିଥିଲା । ଅନ୍ୟପକ୍ଷରେ ପତ୍ନୀ ତୃପ୍ତି ଶତପଥୀ ବାବୁସାନଙ୍କ ନାଁରୁ ମାମଲା ପ୍ରତ୍ୟାହାର କରିବେ ବୋଲି ସୂଚନା ଦେଇଛନ୍ତି ବାବୁସାନଙ୍କ ପାରିବାରିକ ବନ୍ଧୁ ରବି ମିଶ୍ର। ସମାଧାନର ବାଟ ବାହାରିଛି, ଖୁବ୍ ଶୀଘ୍ର ତୃପ୍ତି କେସ୍ ପ୍ରତ୍ୟାହାର କରିବେ ବୋଲି ସେ କହିଛନ୍ତି। ସେହିପରି ବାବୁସାନ୍ ଫୋନ ମାଧ୍ୟମରେ ତୃପ୍ତିଙ୍କ ସହ କଥା ହୋଇଛନ୍ତି । ଖାରବେଳନଗର ଥାନା ଆଇଆଇସି ଅରୁଣ ସ୍ୱାଇଁ କହିଛନ୍ତି, ବାବୁସାନଙ୍କୁ ଥାନାରେ ହାଜର ହେବାକୁ ସୂଚନା ଦେଇଥିଲୁ। ସେହି ଆଧାରରେ ସେ ଆଜି ଥାନାରେ ହାଜର ହୋଇଥିଲେ। ତାଙ୍କ ସହ ତାଙ୍କ ମା' ଅପରାଜିତା ଓ ରବି ମିଶ୍ର ଥିଲେ। ସେମାନଙ୍କ ଉପସ୍ଥିତିରେ ବାବୁସାନଙ୍କୁ ଜେରା କରାଯାଇଥିଲା। ୨ଟି କେସ୍ ରେ ତାଙ୍କୁ ପଚରାଉଚରା କରାଯାଇଥିବା ବେଳେ ବାବୁସାନ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। କେସ୍ ର ସବୁ ଦିଗକୁ ଅନୁଶୀଳନ କରିବା ପରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ । ଏହା ପୂର୍ବରୁ ବାବୁସାନ୍ ଆଜି ନିଜର ଜନ୍ମଦିନରେ ନିଜ ଘର ବାଲକୋନିକୁ ଆସି ସମସ୍ତଙ୍କୁ ନମସ୍କାର କରିଥିଲେ। ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଆଜି ସକାଳେ ତାଙ୍କ ଘର ସାମ୍ନାରେ ଫ୍ୟାନମାନଙ୍କର ଭିଡ଼ ଲାଗି ରହିଥିଲା।

## କାଶୀପୁର ପରେ ଝାରସୁଗୁଡାରେ ଝାଡାବାନ୍ତି

ଭୁବନେଶ୍ୱର,୩୦/୦୭ (ନି.ପ୍ର): କାଶୀପୁର ପରେ ଏବେ ଝାରସୁଗୁଡାରେ ମାତିଛି ଝାଡାବାନ୍ତି ଆତଙ୍କ । ଝାରସଗୁଡା ୧୩ ନମ୍ବର ୱାର୍ଡରେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ବାପା, ପୁଅଙ୍କ ମୃତ୍ୟୁ ହୋଇଛି । ଝାରୁସୁଗୁଡାର ଦେବାଡିହିର ୩ଟି ପଡାରେ ଝାଡାବାନ୍ତି ବ୍ୟାପୁଥିବା ଦେଖିବାକୁ ମିଳିଛି । ସେପଟେ କାଶୀପୁରରେ ବି ହଇଜା ଆତଙ୍କ ଥମିବାର ନାଁ ନେଉନାହିଁ । ଟିକିରାପଡା ଗାଁର ୫୫ ବର୍ଷୀୟ ଗୁରୁବାରୀ ଦୋରାଙ୍କ ଝାଡାବାନ୍ତିରେ ମୃତ୍ୟୁ ହୋଇଛି । ଏହାକୁ ମିଶାଇ କାଶୀପୁର ହଇଜାରେ ୧୦ଜଣଙ୍କ ଜୀବନ ଯାଇଥିବା ଜିଲ୍ଲା ପ୍ରଶାସନ ତରଫରୁ ସ୍ପଷ୍ଟ କରାଯାଇଛି । ସେପଟେ ବେସରକାରୀ ଭାବେ କାଶୀପୁର ଟିକିରି ଅଞ୍ଚଳରେ ହଇଜାରେ ୧୩ଜଣଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଛି ।

## ବିଦ୍ୟୁତ ବିଭାଗର ଚରମ ଅବହେଳା : ସବୁଦିନ ପାଇଁ ହାତ ହରାଇଲା ୭ ବର୍ଷର ମୁନ୍ନା

ଭୁବନେଶ୍ୱର,୩୦/୦୭ (ନି.ପ୍ର): ଜୀବନ କଣ ଜାଣିବା ପୂର୍ବରୁ କୁନି ପୁଅ ମୁନ୍ନା ତାର ଦୁଇ ହାତ ହରାଇଛି । ହସଖୁସିରେ ଚାଲିଥିବା ଜିଲୁ ମାଝୀଙ୍କ ପରିବାରରେ ଘୋଟି ଆସିଛି ଅନ୍ଧକାରର କଳା ବାଦଲ । ସୁଖର ସଂସାରରେ ଏଭଳି ବିପଦ ଆସିବ କେହି କେବେ କଳ୍ପନା କରି ନଥିଲେ । ▶▶ପୃଷ୍ଠା ୭

## ଜୟନାରାୟଣ ମିଶ୍ର ହେଲେ ବିରୋଧୀ ଦଳ ନେତା

### ଆମର ଲକ୍ଷ୍ୟ ବିଜେଡିମୁକ୍ତ ଓଡ଼ିଶା : ଜୟନାରାୟଣ ମିଶ୍ର



ଭୁବନେଶ୍ୱର, ୩୦/୦୭ (ନି.ପ୍ର): ବିରୋଧୀ ଦଳ ନେତା ହୋଇଛନ୍ତି ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର। ଦୀର୍ଘ ଦିନ ଧରି ଅସୁସ୍ଥ ଥିବା ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କ ସ୍ଥାନ ନେଇଛନ୍ତି ଜୟନାରାୟଣ। ଶନିବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ସହପ୍ରଭାରୀ ବିଜୟ ପାଲ ସିଂ ତୋମାର ଜୟନାରାୟଣ ମିଶ୍ରଙ୍କୁ ବିରୋଧୀ ଦଳ ନେତା ଭାବେ ଘୋଷଣା କରିଛନ୍ତି। ବିରୋଧୀ ଦଳ ନେତା ହେବା ପରେ ଜୟନାରାୟଣ ମିଶ୍ର ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଦଳ ମୋ ଉପରେ ବିଶ୍ୱାସ କରିଛି। ମୋ ଉପରେ ଦାୟିତ୍ୱ ଦେଇଛି। ମୁଁ ମୋର ଦାୟିତ୍ୱ ଠିକ୍ ଭାବେ ତୁଲାଇବି। ବିରୋଧୀ ଦଳ ନେତା ଭାବେ ଓଡ଼ିଶାର ସ୍ୱରକୁ ବିଧାନସଭାରେ ପହଂଚାଇବି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ସମୀର ମହାନ୍ତି ଓ ବିଧାୟକ ମୋହନ ଚରଣ ମାଝି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଜୟନାରାୟଣ ମିଶ୍ର ସମ୍ବଲପୁର ଆସନରୁ ୪ ଥର ବିଧାୟକ ହୋଇଛନ୍ତି। ପୂର୍ବରୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ▶▶ପୃଷ୍ଠା ୭

## ରାଜ୍ୟରେ ମୋଟ ୩୫୮ଟି ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା

ଭୁବନେଶ୍ୱର,୩୦/୦୭ (ନି.ପ୍ର): ରାଜ୍ୟରେ ମୋଟ ୩୫୮ଟି ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦିଆ ଯାଇଛି । ରାଜ୍ୟର ପର୍ଯ୍ୟଟନ ସ୍ଥଳୀ ଗୁଡିକର ବିକାଶ ପାଇଁ ରାଜ୍ୟ ସରକାର ନିରନ୍ତର କାମ କରୁଛନ୍ତି । ନୂଆ ପର୍ଯଟନ ନୀତି ଅନୁସାରେ ପର୍ଯ୍ୟଟନ ସ୍ଥଳୀ ଗୁଡିକର ବିକାଶ କରା ଯାଉଛି । ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ବିଧାନସଭାରେ ଏ ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ।

## ମଙ୍କିପକ୍ସ ସଚେତନତା ପାଇଁ କମିଟି ଗଠନ କରାଯାଇଛି : ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦/୦୭ (ନି.ପ୍ର): ଦେଶର ବିଭିନ୍ନ ସ୍ଥାନରେ ମଙ୍କିପକ୍ସ ଆକ୍ରାନ୍ତ ଚିହ୍ନଟ ହେବା ପରେ ଓଡ଼ିଶା ସରକାର ଏନେଇ ସତର୍କ ଅଛନ୍ତି। ମଙ୍କିପକ୍ସକୁ ନେଇ ଶନିବାର ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ କହିଛନ୍ତି ଯେ ଭୁବନେଶ୍ୱର ଆଇସିଏମଆରରେ ମଙ୍କିପକ୍ସ ଟେଷ୍ଟ ଉଦ୍ୟମ ଚାଲିଛି, କିଟ୍ ପାଇଁ କେନ୍ଦ୍ରକୁ କୁହାଯାଇଛି। ସଚେତନତା ସୃଷ୍ଟି ଲାଗି ଅଗଷ୍ଟ ୧୦ ସୁଦ୍ଧା ଏସସିବିରେ ଟ୍ରେନିଂ ଦିଆଯିବ। ପ୍ରତି ଜିଲ୍ଲାରୁ ଜଣେ ଲେଖାଏଁ ଶିଶୁ, ଚର୍ମ ଓ ଭେଷଜ ବିଶେଷଜ୍ଞ ଟ୍ରେନିଂ ନେବେ। ଏହାସହ ପ୍ରତି ଜିଲ୍ଲାରେ ଜଣେ ଲେଖାଏଁ ନୋଡାଲ ଅଫିସର ନିଯୁକ୍ତ ହେବେ। ମଙ୍କିପକ୍ସ ସଚେତନତା ଲାଗି ଏସସିବିରେ ଏକ କମିଟି ଗଠନ ହୋଇଛି।

## ୬୩ କେଜି ଗଞ୍ଜେଇ ଜବତ : ୫ ଅଭିଯୁକ୍ତ ଗିରଫ



ବାଲେଶ୍ୱର,୩୦/୦୭ (ନି.ପ୍ର): ବାଲେଶ୍ୱର ଅବକାରୀ ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୬୩ କେଜି ଗଞ୍ଜେଇ ଜବତ ସହ ୫ଜଣ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରାଯାଇଛି। ଏନେଇ ଜିଲା ଅବକାରୀ ବିଭାଗ ପକ୍ଷରୁ ଟିମ ଗଠନ ସହ ପାଟ୍ରୋଲିଂ ଜାରି ରହିଥିଲା। ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଭୋର ସମସ୍ତ ଟିମ ଚଢ଼ଉ କରିଥିଲା। ସହରର ଗୋଧିବସାଠାରେ ଦୁଇଜଣଙ୍କୁ ଗିରଫ ସହ ସେମାନଙ୍କଠାରୁ ୨୨ କେଜି, ବାଲେଶ୍ୱର ମାଲ ଗୋଦାମ ନିକଟରୁ ଜଣକୁ ଗିରଫ ସହ ତାଙ୍କଠାରୁ ୨୨ କେଜି, ମାର୍କୋଣା ବସଷ୍ଟାଣ୍ଡରୁ ଜଣକୁ ଗିରଫ ସହ ତାଙ୍କଠାରୁ ୧୮ କେଜି ଓ ବାହାନଗା ବସ ଷ୍ଟପେଜରୁ ଜଣକୁ ଗିରଫ ସହ ତାଙ୍କଠାରୁ ୨୫ କେଜି ଗଞ୍ଜା ଜବତ କରାଯାଇଛି। ଗିରଫ ୫ଜଣ ଅଭିଯୁକ୍ତଙ୍କଠାରୁ ମୋଟ ୬୩ କେଜି ଗଞ୍ଜେଇ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୬ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଅଧିକାରୀ ସୂଚନା ଦେଇଛନ୍ତି। ଏନେଇ ପୃଥକ ଭାବେ ୪ଗୋଟି ମାମଲା ରୁଜୁ ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆଜିର ଏହି ଚଢ଼ଉରେ ଅବକାରୀ ଇନସ୍ପେକ୍ଟର ଗାଲୁରାମ ସୋରେନ ଓ ନାରାୟଣ ବେହେରା, ଓଆଇସି ବାଳକ ବିସି, ଓଆଇସି କଳ୍ପନା ଜେନା ନେତୃତ୍ୱ ନେଇଥିବା ବେଳେ ଏସଆଇ ଉର୍ମିଳା ବେହେରା, କନଷ୍ଟେବଳ ଶଶିଭୂଷଣ ସ୍ୱାଇଁ, ବିଦାଧର ବିନ୍ଧାଣୀ, ରଶ୍ମିରେଖା ପାତ୍ର ପ୍ରମୁଖ ଚଢ଼ଉ ଟିମରେ ସାମିଲ ହୋଇଥିଲେ।

## ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ଦାବି

ଭୁବନେଶ୍ୱର,୩୦/୦୭ (ନି.ପ୍ର): ଦରଦାମ ବୃଦ୍ଧି ଘଟିଛି। ପେଟ୍ରୋଲ, ଡିଜେଲର ମୂଲ୍ୟ ମଧ୍ୟ ବଢ଼ିଲାଣି। ତେଣୁ ଯେତିକି ଅର୍ଥ ବିଧାୟକ ମାନଙ୍କୁ ଦରମା ଓ ଭତା ବାବଦରେ ପ୍ରଦାନ କରା ଯାଉଛି ତାହା ସେମାନଙ୍କୁ ଯଥେଷ୍ଟ ହେଉ ନାହିଁ। ଲୋକ ମାନଙ୍କର କାମ କରିବାକୁ ବିଭିନ୍ନ ସ୍ଥାନକୁ ଯିବା ବେଳେ ଗସ୍ତ ପାଇଁ ଇନ୍ଧନ ଖର୍ଚ ମଧ୍ୟ ଯଥେଷ୍ଟ ବଢ଼ିଲାଣି । ରାଜ୍ୟରେ ୨୦୧୭ ମସିହାରେ ବିଧାୟକ ମାନଙ୍କର ଦରମା ଓ ଭତା ବୃଦ୍ଧି ହୋଇଥିଲା। ଏଭଳି ସ୍ଥଳେ ବିଧାୟକ ମାନଙ୍କ ଦରମା ଓ ଭତାକୁ ପୁଣି ଥରେ ବଢାଇବାର ଆବଶ୍ୟକତା ରହିଛି। ସେହିପରି ପୂର୍ବତନ ବିଧାୟକ ମାନଙ୍କର ପେନସନକୁ ମଧ୍ୟ ବଢା ଯିବା ଆବଶ୍ୟକ ବୋଲି ଉଭୟ ବିରୋଧୀ ଓ ସରକାରୀ ଦଳର ବିଧାୟକ ମାନେ ବିଧାନସଭାରେ ଦାବି କରିଛନ୍ତି । ଶୂନ୍ୟକାଳରେ ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ମାଝୀ ଏହି ପ୍ରସଙ୍ଗ ଉଠାଇ ବିଧାୟକ ମାନଙ୍କୁ ବର୍ଦ୍ଧିତ ହାରରେ ଦରମା ଓ ଭତା ଦେବାକୁ ଦାବି କରିଥିଲେ । ସେ କହିଥିଲେ ଯେ ବିଧାୟକ ମାନେ ୨୪ ଘଂଟା ଲୋକ ମାନଙ୍କ ପାଇଁ କାମ କରୁଛନ୍ତି। ଅନ୍ୟ ରାଜ୍ୟ ମାନଙ୍କରେ ବିଧାୟକ ମାନଙ୍କୁ ମିଳୁଥିବା ଦରମା ଓ ଭତାର ମଧ୍ୟ ସେ ଏକ ତୁଳନାତ୍ମକ ଚିତ୍ର ପ୍ରସ୍ତୁତ କରିଥିଲେ। ଅନ୍ୟ ରାଜ୍ୟ ତୁଳନାରେ ଓଡିଶାର ବିଧାୟକ ମାନଙ୍କୁ ମିଳୁଥିବା ଦରମା ଓ ଭତା ଖୁବ କମ । ସେ କହିଥିଲେ ୨୦୧୭ ମସିହାରେ ଶେଷ ଧର ପାଇଁ ଏହା ବଢିଥିଲା । ତେଣୁ ଏ ଦିଗରେ ବାଚସ୍ପତି ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ସେ ଅନୁରୋଧ କରିଥିଲେ । କଂଗ୍ରେସ ଦଳର ବିଧାୟକ ତାରା ପ୍ରସାଦ ବାହିନୀପତି ଓ ଶାସକ ଦଳର ବିଧାୟକ ଅମର ପ୍ରସାଦ ଶତପଥୀ ମଧ୍ୟ ମୋହନ ମାଝୀଙ୍କ ଦାବିକୁ ସମର୍ଥନ କରିଥିଲେ । ସେମାନେ କହିଥିଲେ ଯେ ଔଷଧ ବାବଦକୁ ଯେଉଁ ଅର୍ଥ ମିଳୁଛି ତାହା ନଗଣ୍ୟ । ଅନ୍ୟ ରାଜ୍ୟ ମାନଙ୍କରେ ବିଧାୟକ ମାନଙ୍କୁ ଓଡିଶା ଅପେକ୍ଷା ଢେର ଅଧିକ ଦରମା ଓ ଭତା ପ୍ରଦାନ କରା ଯାଉଛି । ତେଣୁ ଏ ନେଇ ସରକାରଙ୍କୁ ବିଚାର କରିବାକୁ ନିର୍ଦ୍ଦେଶ ଦେବାକୁ ସେମାନେ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ ।

## ବନ୍ୟାରେ ଉବୁଟୁବୁ ଦୁବାଇ



ଆବୁଧାବି, ୩୦/୦୭ (ନି.ପ୍ର): ଉବୁଟୁବୁ ଦୁବାଇ। ଯୁଆଡେ ଦେଖିବ ସିଆଡେ ଖାଲି ପାଣି ଆଉ ପାଣି। ରାସ୍ତା ଉପରେ ଲହଡି ଭାଙ୍ଗୁଛି ବର୍ଷା ପାଣି। କେଉଁଠି ରାସ୍ତା ଧୋଇଯାଇଛି ତ ଆଉ କେଉଁଠି ଶହ ଶହ ଲଗ୍‌ଜୁରୀ କାର୍ ବୁଡି ଯାଇଛି। ସଂଯୁକ୍ତ ଆରବ ଏମିରାଟରେ ଗୁରୁବାର ପ୍ରବଳ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏଥିଲାଗି ଅନେକ ଅଞ୍ଚଳରେ ଲୋକେ ପାଣି ଘରେ ଥିବା ଦୃଶ୍ୟ ସାମ୍ନାକୁ ଆସିଛି। ବିଶେଷ କରି ଶରଜାହା ଓ ଫୁଜେରିଆ ଅଞ୍ଚଳ ଅଧିକ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା ପାଣି ଘରେ, ଆପାର୍ଟମେଣ୍ଟ, ସପିଂ ମଲ୍ ଓ କାରଖାନାରେ ପଶି ଯାଇଛି। ଫଳରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏଠାରେ ସରକାର ତରଫରୁ ଉଦ୍ଧାର କାର୍ଯ୍ୟ ଜରି ରହିଛି। ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ଏଥିଲାଗି ୫୦ଟି ସ୍ୱତନ୍ତ୍ର ବସ୍‌କୁ ନିୟୋଜିତ କରାଯାଇଛି।

## ରାଷ୍ଟ୍ରପତିଙ୍କୁ ସାକ୍ଷାତ୍ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୩୦/୦୭ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ରାଷ୍ଟ୍ରପତି ଭବନରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରିଛନ୍ତି । ଏହି ସାକ୍ଷାତ କାଳରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ ସମ୍ବଲପୁରୀ ବସ୍ତ୍ରରେ ତିଆରି ଏକ ଉତ୍ତରୀୟ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହାସହ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟ ପୁରୋଧା ପବିତ୍ର ମୋହନ ପ୍ରଧାନଙ୍କ ଉପରେ ଏକ ଲିଖିତ ପୁସ୍ତକ 'ପବିତ୍ର ଗ୍ରନ୍ଥାବଳୀ' ପ୍ରଦାନ କରିଥିଲେ । ଏହି ସାକ୍ଷାତ ବେଳେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ ଶିକ୍ଷା ମନ୍ତ୍ରଣାଳୟର ରାଷ୍ଟ୍ର ମନ୍ତ୍ରୀ ଡା. ସୁବାଷ ସରକାର ମଧ ଉପସ୍ଥିତ ଥିଲେ ।

# ଲୋଇସିଙ୍ଗା ବ୍ଲକ ଯୁବ ଛାତ୍ର ଜନତା ଦଳର ବୃକ୍ଷରୋପଣ କାର୍ଯ୍ୟକ୍ରମ

ବଲାଙ୍ଗିର,୩୦/୦୭(ନି.ପ୍ର): ବିଜୁ ଜନତା ଦଳର ୨୫ ବର୍ଷ ପୂର୍ତି ଅବସରରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ଲୋଇସିଂହା ବ୍ଲକ ବିଜୁ ମହିଳା, ଯୁବ ଛାତ୍ର ଜନତା ଦଳ ତରଫରୁ ବିଜେଡି ବ୍ଲକ ସଭାପତି ହୃଦକ୍ଷନନ୍ଦ ବେହେରାଙ୍କ ସଭାପତିତ୍ୱରେ ୩ ଟି ପଚାଂୟତର ଯଥା ବୁଢ଼ୀପଦର, ବାଦିବାହାଲ ଓ ଯୋଗିସୁର୍ଡା ପଚାଂୟତର ହାଇସ୍କୁଲ ଓ ଖେଳପଡିଆ ମାନଙ୍କରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ଲୋଇସିଂହା ନିର୍ବାଚନ ମଣ୍ଡଳୀର ଯୁବନେତା ତଥା ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ୩୩ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଲିଳିମା ବେହେରା, ଜିଲ୍ଲା ଯୁବ ସଭାପତି ରାଜେନ୍ଦ୍ର ହୋତା, ବୁଢ଼ୀପଦର ସରପଂଚ ଲକ୍ଷ୍ମୀ ପଧାନ, ବାଦିବାହାଲ ସରପଂଚ ପ୍ରଶାନ୍ତ ତ୍ରିପାଠୀ, ବ୍ଲକ ଯୁବ ସଭାପତି ପ୍ରକାଶ ମହାରଣା, ପୂର୍ବତନ ବ୍ଲକ ସଭାପତି ସୁଶାନ୍ତ ମିଶ୍ର, ହେମାଲ ବିଶ୍ୱାଳ, ପ୍ରବୀଣ ତ୍ରିପାଠୀ, ରଞ୍ଜନ କାଲସାଏ, ସମାଜସେବୀ ଡଲି ନନ୍ଦ ପ୍ରମୁଖଙ୍କ ସମେତ ଲୋଇସିଂହା ବ୍ଲକର ବିଜୁ ଯୁବ ଛାତ୍ର ଜନତା ଦଳର ଅନ୍ୟାନ୍ୟ କର୍ମକର୍ତା ମାନେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତି ଥିଲେ।

## ଦେଓଗାଁ ବ୍ଲକରେ ମହିଳା ଗୋଷ୍ଠୀଙ୍କୁ ମହୁ ଚାଷ ପାଇଁ ଉପକରଣ ପ୍ରଦାନ

ବଲାଙ୍ଗିର,୩୦/୦୭(ନି.ପ୍ର): ଦେଓଗାଁ ବ୍ଲକ ଗାଇବାହାଲ ଓ ଉଡାର ପଚାଂୟତର ବିଭିନ୍ନ ମହିଳା ଗୋଷ୍ଠୀକୁ ମହୁଚାଷ ପାଇଁ ଉପକରଣ ବଂଟନ କରାଯାଇଛି । ଏନେଇ ଜିଲ୍ଲାପାଳ ଚଂଚଳ ରାଣା ସୂଚନା ଦେଇଛନ୍ତି । ଗାଇବାହାଲ ପଚାଂୟତ ଘୁଚିପାଲି ଗାଁର ମା' ସାବିତ୍ରୀ, ଗାୟତ୍ରୀ, ବୀଣାପାଣି ଗୋଷ୍ଠୀର ୩୦ ଜଣ, ଉଡାର ପଚାଂୟତ ଲୁହୁରେନପାଲି ଗାଁର ପାର୍ବତୀ ବୁଢାଡଙ୍ଗର, ପାର୍ବତୀ ଗୋଷ୍ଠୀର ୩୦ ଜଣଙ୍କୁ ଏହି ଉପକରଣ ଦିଆଯାଇଛି ବୋଲି ଜୀବନ ଜୀବିକା ମିଶନର ବିପିଏମ୍ ପ୍ରଦୀପ ଛତ୍ରୀଆ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ କୈଳାସ ସାହୁ, ଏମ୍ସିକେ ସ୍ୱର୍ଣ୍ଣଚମ୍ପା ପଧାନ, ସନ୍ଧ୍ୟାରାଣୀ ଭୋଇ, ସିଆର୍ପି ନିକାଶା ଭୋଇ ସହଯୋଗ କରିଥିଲେ ।

# ନ୍ୟାୟ ଲାଗି ଦଉଡି ଦଉଡି ଥକି ଗଲେ: ଶେଷରେ ରକ୍ତ ଜୁଡୁବୁଡୁ ଶବ ମିଳିଲା

ରାଉରକେଲା,୩୦/୦୭(ନି.ପ୍ର): ପ୍ରେମ ବ୍ୟାପାରରେ ଫସି ନାନା ହଇରାଣ ହରକତ ହେବା ମାମଲାରେ ଗୋଟିଏ ପରିବାରର ଉଭୟ ପତି ପତ୍ନୀ ନିକଟସ୍ଥ ୧୫ ନମ୍ବର ଥାନା ଠାରୁ ଏସପିଙ୍କ ଅଫିସ ଯାଏ ଦଉଡି ଦଉଡି ନୟାନ୍ତ ହେଲେ, ଶେଷରେ ନିକଟରେ ଜଣେ ନୂଆ ଥାନା ବାବୁ ଆସିବା ପରେ ମାମଲାକୁ ନେଇ ଗତକାଲି ସଂପୃକ୍ତ ସ୍ୱାମୀ ସ୍ତ୍ରୀଙ୍କୁ ଡକାଯାଇ ରାତି ୧୦ଟାରେ ଥାନାରୁ ଛଡାଯିବା ପରେ ଆଜି ସଂପୃକ୍ତ ପ୍ରେମିକାଙ୍କ ଜଗନ୍ନାଥ ପଲ୍ଲୀସ୍ଥିତ ଘର ଆଗରୁ ପ୍ରେମିକଙ୍କ ଶବ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଏକ ଶଜନା ଗଛର ପତଳା ଡାଳରେ ବନ୍ଧା ହୋଇଥିବା ଅବସ୍ଥାରେ ମିଳିଛି । ମୃତକ ହେଲେ ସେକ୍ଟର ୧୬ ସ୍କୁଲ ବସ୍ତିରେ ରହୁଥିବା ସୋନୁ । ସେ ବିଜୁଳି ମରାମତି କାମ ସାଙ୍ଗକୁ ଏକ ଘରୋଇ ସୁରକ୍ଷା କର୍ମୀ ସଂସ୍ଥାରେ କାମ କରୁଥିଲେ, ତାଙ୍କର ଗୋଟିଏ ପିଲା ଓ ପତ୍ନୀ ରହିଛନ୍ତି । ଖବରରୁ ପ୍ରକାଶ ଯେ, ସେହି ଜଗନ୍ନାଥ ପାଲ୍ଲୀରେ ରହୁଥିବା ଜଣେ ସଂଗୀତ ଶିକ୍ଷକଙ୍କ ପରିବାରର ଜଣେ ଯୁବତୀଙ୍କ ସହ ସେ ମିଳାମିଶା କରୁଥିଲେ। ମିଳାମିଶା ଭିତରେ ଉଭୟଙ୍କ ସଂପର୍କ ପଦାରେ ପଡିବା ସହ ଉଭୟଙ୍କ ଭିତରେ ପଇସା ପତ୍ର ଆଦିକୁ ନେଇ କେତେକ ଡିଲ ମଧ ହୋଇଥିଲା। ଫଳରେ ଏହାକୁ ନେଇ ଉଭୟଙ୍କ ଭିତରେ କିଛିଟା ବିବାଦ ରହୁଥିଲା। ଏନେଇ ଉଭୟ ମୋବାଇଲର ମେସେଜ ବକ୍ସ ଓ ହ୍ୱାଟ୍ସ ଆପ ମଧ ବ୍ୟବହାର କରିଥିବା ଖବର ମିଳିଛି। ତେବେ ମାମଲା ଅଧିକ ବଢିବାରୁ ଏନେଇ ଉଭୟ ସ୍ୱାମୀ ସ୍ତ୍ରୀ ଥାନାକୁ ଯିବା ସହ ଏସପିଙ୍କ ଅଫିସ ଯାଏ ଯାଇଥିବା ବେଳେ ଏସପି ଅଫିସରୁ ଏହାର ସମାଧାନ ଲାଗି କୁହାଯାଇଥିଲା। ତେବେ ମଝିରେ ଜଣେ ପୁଲିସି ବାବୁ ୫୦ ହଜାର ମାଗି ନପାଇବାରୁ ମାମଲାକୁ ସେମିତି ପକାଇ ରଖାଯାଇଥିଲା ଓ ଶେଷରେ ଏଥିରେ ଜଣକର ଜୀବନ ଗଲା ବୋଲି ସଂପୃକ୍ତ ବସ୍ତି ବାସିନ୍ଦାଙ୍କ ଭିତରେ ଆଲୋଚନା ଚାଲିଛି । ତେବେ ପୁରୁଣା ଥାନା ଅଧିକାରୀଙ୍କର ନିକଟରେ ବଦଳି ହେବା ପରେ ଗତକାଲି ଉଭୟ ପତି ପତ୍ନୀଙ୍କୁ ପୁଲିସି ଡାକି ପଚରା ଉଚରା କରିଥିବା ବେଳେ ଆଜି ଅପରପକ୍ଷର ସଂପୃକ୍ତ ଯୁବତୀଙ୍କୁ ଥାନାକୁ ଡକାଜିବାର ଥିଲା, ତେବେ ବିଳମ୍ବିତ ରାତିରେ ସଂପୃକ୍ତ ଯୁବତୀଙ୍କ ଘର ପାଖରୁ ସୋନୁଙ୍କୁ ଡକରା ଆସିବା ପରେ ସୋନୁ ସେହି ଅଂଚଳକୁ ଯାଇଥିଲେ, ଆଉ ରାତିରେ ଫେରିନଥିବା ବେଳେ ସକାଳୁ ତାଙ୍କର ରକ୍ତ ଜୁଡୁ ବୁଡୁ ଶବ ମିଳିଥିଲା । ଏହି ଘଟଣାରେ ଉଭୟ ପକ୍ଷ ମୋବାଇଲକୁ ଜବତ କରାଯାଇ, କେଉଁ ବାବୁ ୫୦ ହଜାର ମାଗିଲେ ତାଙ୍କୁ ଠାବ କରି ଅପରପକ୍ଷ ଘର ନିକଟରେ ଥିବା ବସ୍ତିରେ ଥିବା ଲୋକଙ୍କୁ ନେଇ ତଦନ୍ତ କରାଗଲେ ସମସ୍ତ କଥା ପଦାକୁ ଆସିବ ବୋଲି ପୁରାତନ ଅବସରପ୍ରାପ୍ତ ପୁଲିସି ଅଫିସର ମାନେ ମତ ଦେଇଛନ୍ତି । ରାଉରକେଲା ପୁଲିସି ଜିଲ୍ଲାରେ ସାଧାରଣ ଲୋକଙ୍କ କଥା ଏହିଭଳି ଭାବେ ବୁଝିବା, ବଡ ବଡ ବାବୁ ମାନେ ନିଜ ରାସ୍ତାରେ ରହିବା, ମାମଲା ଗଲେ ଏତଲା କାରୀଙ୍କୁ କହିବା ଯେ ବାଡା ପିଟା ହୋଇ ଆସ ଆମେ ବାନ୍ଧିକି ପଠେଇଦେବୁ ଭଳି କରାଯାଉଥିବା କାରବାର ଅଭିଯୋଗକୁ ରାଜ୍ୟ ପୁଲିସି ମୁଖିଆ କେବେ ଦେଖିବେ ଓ ଅକାରଣରେ ଏହିଭଳି ନୀରୀହ ଜୀବନ ଗୁଡିକ ଲୋଟିବା ଅଗରୁ ବଂଚିଜିବ, ଲୋକେ ସରକାରଙ୍କର ସୁନ୍ଦର ଯୋଜନା ମୋ ପୁଲିସିରୁ କେବେ ସୁବିଧା ପାଇବେ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ।

# ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନମେଳା ଅନୁଷ୍ଠିତ

କନ୍ଧମାଳ,୩୦/୦୭(ନି.ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଫୁଲବାଣୀ ପରିସରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି।ଉକ୍ତ ବିଜ୍ଞାନ ମେଳାର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର ରଥ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ସୁଭାରମ୍ଭ କରିଥିଲେ।ଶିଶୁ ବୋଧ ଠାରୁ ଦଶମ ପର୍ଯ୍ୟନ୍ତ ୧୬୬ ଜଣ ଶିଶୁ ବିଜ୍ଞାନିମାନେ ସେମାନଙ୍କର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୯ଜଣ ବିଚାରକ ମଣ୍ଡଳୀ ତଥା ନିହାର ରଞ୍ଜନ ପାତ୍ର,ସଂଗ୍ରାମ କେଶରୀ ପଣ୍ଡା, ଶିବାଜୀ ଅଧିକାରୀ, ସବିତା ସାହୁ, ବୁଲି ନାୟକ, ସଞ୍ଜୀବ ପାଣିଗ୍ରାହୀ, ରାଜେନ୍ଦ୍ର ବିଶି, ରଞ୍ଜନ କୁମାର ମହାନ୍ତି, ସନ୍ତୋଷ କୁମାର ରଥ ପ୍ରମୁଖଙ୍କ ଦ୍ୱାରା ପ୍ରକଳ୍ପର ମୂଲ୍ୟାଙ୍କନ କରାଯାଇଥିଲା। ସମାରୋପ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏବିଓ ଅମୂଲ୍ୟ କୁମାର ଜେନା ଯୋଗ ଦେଇ ଶିଶୁ ବିଜ୍ଞାନୀ ମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କୁ ବିଜ୍ଞାନ କ୍ଷେତ୍ରରେ ଅଗ୍ରଗତି କରିବା ପାଇଁ ସୁନ୍ଦର ଗଳ୍ପ ମାଧ୍ୟମରେ ପ୍ରେରଣା ଯୋଗାଇଥିଲେ। ଯେଉଁମାନେ ଆଜିର ବିଜ୍ଞାନୀ ମେଳାରେ ନୂତନ ପ୍ରୟୋଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ସଂକୁଳ ସ୍ତରକୁ ମନୋନୀତ ହୋଇଛନ୍ତି।ବୋଲି ପ୍ରକାଶ କରିଥିଲେ।ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ବରିଷ୍ଠ ଆଇନଜୀବୀ ହରିଶ୍ଚନ୍ଦ୍ର ମହାରଣା, ସମ୍ପାଦକ ତଥା ଜଣାଶୁଣା ଅବସର ପ୍ରାପ୍ତ ଇଂରାଜୀ ଶିକ୍ଷକ ବିରଞ୍ଚି ନାରାୟଣ ମିଶ୍ର ଓ ସଦସ୍ୟ ମାନେ ଉପସ୍ଥିତ ରହି ଉତ୍ସାହିତ କରିଥିଲେ।ବିଜ୍ଞାନ ମେଳାରେ ସହଯୋଗ କରିଥିବା ବିଜ୍ଞାନ ବିଭାଗର ଆଚାର୍ଯ୍ୟ ଅଚାର୍ଯ୍ୟା ମାନେ ହେଲେ ବିଜ୍ଞାନ ନିରୂପମା ପାଣିଗ୍ରାହୀ, ପ୍ରତିଭା ଦାଶ, ରାଜେଶ ପ୍ରଧାନ,ଅନୀଲ ସାହୁ, ମହେଶ୍ୱତା ରଥ,ସୁଜାତା ଧଳ, ଆରତୀ ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିଲେ। ସର୍ବ ଶେଷରେ ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢୀ ଉପସ୍ଥିତ ଅତିଥି ଓ ସମସ୍ତ ବିଜ୍ଞାନ ବିଭାଗର ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଜ୍ଞାନବିଜ୍ଞାନ ମେଳା

ନୂଆପଡ଼ା,୩୦/୦୭(ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଖଡ଼ିଆଳ ଠାରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ସମାରୋପ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋତିଲାଲ ବେହେରା , ବିଦ୍ୟାଳୟର ସମ୍ପାଦକ ବିନୋଦ ବିହାରୀ ପାଢ଼ୀ ଓ ବିଜ୍ଞାନ ପ୍ରମୁଖ ସୁଶାନ୍ତ କୁମାର ନାଗ ମଂଚାସୀନ ଥିଲେ । ଏହି ଜ୍ଞାନ ବିଜ୍ଞାନ ମେଳାରେ ଶିଶୁ ପ୍ରାରମ୍ଭ ଶ୍ରେଣୀ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୧୮ଟି ପ୍ରକଳ୍ପରେ ଶିଶୁମାନେ ଭାଗ ନେଇଥିଲେ । ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯଇଥିଲା । ପ୍ରଧାନ ଆଚାର୍ଯ୍ୟ ସତ୍ୟ ନାରାୟଣ ଭୋକ୍ତା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶ୍ରୀମତୀ ବୀଣାପାଣି ଦର୍ଜି ମଂଚ ପରିଚାଳନା ଓ ପରିଚାଳନା ସମିତିର ସଦସ୍ୟା ଜ୍ୟୋତିର୍ମୟୀ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ। ।

# ହାଇକୋର୍ଟ ସ୍ଥାୟୀ ବେଂଚ ପ୍ରତିଷ୍ଠା ଦାବି, ୨ ଦିନ କାର୍ଯ୍ୟ ବନ୍ଦ କଲେ ଆଇନଜିବୀ

ଜୟପୁର,୩୦/୦୭(ନି.ପ୍ର): ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରତିଷ୍ଠା ଦାବୀରେ ପ୍ରତ୍ୟେକ ମାସର ଶେଷ ୨ ଦିନ କାର୍ଯ୍ୟବନ୍ଦ ନିଷ୍ପତି ହୋଇଛି । ଏହି ପରିପ୍ରେକ୍ଷୀରେ ଜୟପୁର ସ୍ଥିତ ଜିଲା ଓକିଲ ସଂଘର ନିଷ୍ପତି କ୍ରମେ ଜୁଲାଇ ୨୮ ଓ ୨୯ ତାରିଖ ୨ ଦିନ ଓକିଲ ମାନେ କାର୍ଯ୍ୟବନ୍ଦ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଉକ୍ତ ୨ ଦିନ ଜେଲରେ ଥିବା ବିଚାରାଧିନ କଏଦିର ଜାମିନ ହିଁ ଶୁଣାଣି ହୋଇଛି । ତା ଛଡା ଅନ୍ୟ କୌଣସି ମାମଲାର ବିଚାର କି ଶୁଣାଣି ହୋଇପାରି ନାହିଁ । ଜୟପୁରରେ ୨୦ଟି କୋର୍ଟ ଥିବାରୁ ସମସ୍ତ କୋର୍ଟରେ ଆଇନଜୀବି ମାନେ ଅନୁପସ୍ଥିତ ରହି ଜିଲା କୋର୍ଟ ସମ୍ମୁଖରେ ଧାରଣାରେ ବସିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ପ୍ରତ୍ୟେକ ମାସର ଶେଷ ଦୁଇ ଦିନ କାର୍ଯ୍ୟାଦେଶରେ ଓକିଲ ମାନେ ଉକ୍ତ ଦାବି ନେଇ କାର୍ଯ୍ୟ ବନ୍ଦ କରି ଆସୁଛନ୍ତି । ବିକ୍ଷୋଭରେ ସଂଘ ଜିଲା ସଭାପତି ସରୋଜ ଦାଶ, ସମ୍ପାଦକ ଆନନ୍ଦ ରଥ, ଉପ ସଭାପତି ଗିରିଧର ଖରା ପ୍ରମୁଖ ଉପସ୍ଥିତ ଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ, ଅବିଭକ୍ତ କୋରାପୁଟ ଜିଲାର ଯେକୌଣସି ଠାରେ ହାଇକୋର୍ଟ ବେଂଚ ପ୍ରତିଷ୍ଠା ଦାବୀ ନେଇ ଦୀର୍ଘ ୨୦୦୮ ମସିହାରୁ ଦାବୀ ହୋଇଆସୁଛି ।

# ବିଜେପି ପକ୍ଷରୁ ରାଷ୍ଟ୍ରପତିଙ୍କୁ ଅପମାନ ଜନକ ମନ୍ତବ୍ୟ ନେଇ ତୀବ୍ର ବିରୋଧ

ନୂଆପଡ଼ା,୩୦/୦୭(ନି.ପ୍ର): ବିଜେପି ନୂଆପଡ଼ା ଜିଲ୍ଲା ତରଫରୁ ଜିଲ୍ଲା ସଭାପତି ଶ୍ରୀ ସୁବ୍ରତ ଠାକୁର ଙ୍କ ନେତୃତ୍ୱରେ ହାତିବନ୍ଧା ପଂଚାୟତ ଠାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। କଂଗ୍ରେସ ସଂସଦୀୟ ଦଳର ନେତା ଶ୍ରୀ ଅଧିରଞ୍ଜନ ଚୌଧୁରୀ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦଶ୍ୟରେ ଯେଉ ଆପତ୍ତିଜନକ ଅଶାଳୀନ ମନ୍ତବ୍ୟ ବ୍ୟବହାରକୁ କଠୋର ଭାଷାରେ ନିନ୍ଦା କରିଛନ୍ତି। ତାଙ୍କ ଶବ୍ଦ କୁ ତୁରନ୍ତ ପ୍ରତ୍ୟାହାର କରିବା ସହିତ ଅଭଦ୍ରୋଚିତ ଆଚରଣ ପାଇ ଦେଶବାସୀ ଙ୍କୁ କ୍ଷମା ମାଗନ୍ତୁ। ତା ସହିତ କଂଗ୍ରେସ ଦଳର ନେତା ହିସାବରେ ଶ୍ରୀମତୀ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ମଧ ଦେଶବାସୀ ଙ୍କୁ କ୍ଷମା ମାଗନ୍ତୁ। ରାଷ୍ଟ୍ରପତି ଙ୍କ ଅପମାନ ଦେଶବାସୀ ସହନ କରିବେ ନାହିଁ। ଏହି ଅଭଦ୍ରୋଚିତ ଓ ଅଶାଳୀନ ଆଚରଣ ଓ ମନ୍ତବ୍ୟ ପାଇ କଂଗ୍ରେସ କୁ ଆଗାମୀ ଦିନରେ ବହୁତ୍ ମାହାଙ୍ଗା ପଡ଼ିବ ବୋଲି ବୈଠକ ରେ ମତ ପ୍ରକାଶ ପାଇଅଛି।ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ଟିକେମଣି ମେହେର, ସରସ୍ୱତୀ ମେହେର, ଯୁବ ମୋର୍ଚ୍ଚା ସଭାପତି ପୁସ୍ତମ୍ବ ମଣ୍ଡା, ଆଦିବାସୀ ନେତା ଜଗନ୍ନାଥ ଭୋଇ, ଦିଲ୍ଲୀପ ବାରିକ, ଜନ୍ମେଜୟ ମେହେର, ବିରେନ୍ଦ୍ର ତାଣ୍ଡି, ମଦନ ମୋହନ ମୁଣ୍ଡ, ଦୁବେ ମେହେର, ଭୀମରାଜ ତାଣ୍ଡି, ହିତେଶ ମେହେର , ବୁଦ୍ଧଦେବ ବେହେରା, ଘାସି ମେହେର, ରୂପେଶ ମେହେର, ପ୍ରମୁଖ ସାମିଲ ହୋଇଥିଲେ।

# ପୁରୀ ଜିଲ୍ଲାର ୧୦ ଥାନାଧିକାରୀ ବଦଳିଲେ

ପୁରୀ,୩୦/୦୭(ନି.ପ୍ର): ରଥଯାତ୍ରା ପରେ ପୁରୀଜିଲ୍ଲାର ୧୦ଟି ଥାନାର ଅଧିକାରୀଙ୍କୁ ବଦଳି କରାଯାଇଛି । ଏସପି କେ.ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ଏହି ବଦଳି କରାଯାଇଛି । କୃଷ୍ଣପ୍ରସାଦ ଥାନାର ଆଇଆଇସି ଦିଲୀପ କୁମାର ସ୍ୱାଇଁଙ୍କୁ କୁମ୍ଭାରପଡ଼ା ଥାନା ଆଇଆଇସି ଭାବେ ବଦଳି କରାଯାଇଛି । ସେହିପରି ଅସ୍ତରଙ୍ଗ ଥାନାର ଆଇଆଇସି ବାମଦେବ ନନ୍ଦଙ୍କୁ ଅସ୍ତରଙ୍ଗ ମେରାଇନ ଥାନା, ଅସ୍ତରଙ୍ଗ ମେରାଇନ ଥାନାର ରବିନ୍ଦ୍ରନାଥ ସେଠୀଙ୍କୁ ଚନ୍ଦ୍ରଭାଗା ମେରାଇନ ଥାନା, ହେଡ଼କ୍ୱାଟର ଆରଓ ପଂଚାନନ ପରିଡ଼ାଙ୍କୁ ଅସ୍ତରଙ୍ଗ ଥାନାକୁ ଆଇଆଇସି ଭାବେ ବଦଳି କରାଯାଇଛି । ସିଂହଦ୍ୱାର ଥାନା ଆଇଆଇସି ସୁନିଲ କୁମାର ପ୍ରଧାନଙ୍କୁ ଗୋପ ଥାନାକୁ, ରାମଚଣ୍ଡୀ ଥାନାର ଶରତ କୁମାର ନାୟକଙ୍କୁ କୃଷ୍ଣପ୍ରସାଦ ଥାନା , ହେଡ଼କ୍ୱାଟରର ଶେତ୍ୱପଦ୍ମା ଦାଶଙ୍କୁ ସିଂହଦ୍ୱାର ଥାନା, ପେଣ୍ଠକଟା ମେରାଇନ ଥାନାର ଜିତେନ୍ଦ୍ର କୁମାର ସାହୁଙ୍କୁ ଡ଼ିପିଓ ଅଫିସ, ହେଡ଼କ୍ୱାଟର ଥାନା ଉଦୟନାଥ ଦାଶଙ୍କୁ ପେଣ୍ଠକଟା ମେରାଇନ ଥାନାକୁ ଓ ନୂଆ ହୋଇ ଯୋଗ ଦେଇଥିବା ଇନ୍ସପେକ୍ଟର ସଞ୍ଜୟ କୁମାର ନାୟକଙ୍କୁ ରାମଚଣ୍ଡୀ ଥାନାର ଆଇଆଇସି ଭାବେ ପଠାଯାଇଛି।

## କୀଟନାଶକ ପିଇ ଗୁରୁତର ଯୁବକଙ୍କ ମୃତ୍ୟୁ

ଗଞ୍ଜାମ,୩୦/୦୭(ନି.ପ୍ର): ଗଞ୍ଜାମ ଜିଲ୍ଲା ଶେରଗଡ ଥାନା ଗୋଠଗାଁ ପଚାଂୟତର ସଞ୍ଜୟ ନାହାକ (୩୨) ଓ ସ୍ତ୍ରୀ ଅଙ୍କିତା ନାହାକ ଉଭୟେ ପରିବାରର ଗୁଜୁରାଣ ମେଂଟାଇବା ଲାଗି ଗୁଜୁରାଟର ସୁରଟ ସହରରେ ଦାଦନ ଭାବେ କାମ କରୁଥିଲେ। କିଛି ଦିନ କାମ କରିବା ପରେ ସ୍ତ୍ରୀ ଅଙ୍କିତା କୌଣସି କାରଣବଶତଃ ସୁରଟ ସହରରେ ଆତ୍ମହତ୍ୟା କରିଥିଲେ। ସ୍ତ୍ରୀ ର ଆତ୍ମହତ୍ୟା ପରେ ସ୍ୱାମୀ ସଞ୍ଜୟ ନିଜ ଜନ୍ମଭୂମି ଗୋଠଗାଁକୁ ଆସି ହିନ୍ଦୁ ପରମ୍ପରା ଅନୁଯାୟୀ ନିଜ ସ୍ତ୍ରୀ ର କ୍ରିୟା କର୍ମ କରିନଥିଲେ। ଘର ଛାଡି ଏଣେତେଣେ ବୁଲି ମାଗି ମାଗି ଖାଇବା ସହ ବଂଚିଥିଲେ। ଗତକାଲି ସଞ୍ଜୟ ମଦ୍ୟପାନ କରିବା ସହିତ କୀଟନାଶକ ପିଇ ଦେଇଥିଲେ ଏବଂ ଗାଁରେ ଏକ ସ୍ଥାନରେ ପଡି ରହିଥିଲେ। ସଞ୍ଜୟ ଅଚେତ ଅବସ୍ଥାରେ ପଡିରହିଥିବା ଦେଖି ଗ୍ରାମର କିଛି ବ୍ୟକ୍ତି ଗ୍ରାମର ମୁଖିଆ ତଥା ସରପଂଚ କୃଷ୍ଣ ଚନ୍ଦ୍ର ସୁଆଁସିଆଙ୍କୁ ଖବର ଦେଇଥିଲେ। ଖବର ପାଇ ସରପଂଚ କୃଷ୍ଣଚନ୍ଦ୍ର ସୁଆଁସିଆ ଘଟଣାସ୍ଥଳରେ ପହଂଚି ସଞ୍ଜୟଙ୍କୁ ହିଞ୍ଜିଳିକାଟୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ। ସଞ୍ଜୟଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିବାରୁ ସଞ୍ଜୟଙ୍କୁ ଘରକୁ ନେବା ଲାଗି ଡାକ୍ତର ପରାମର୍ଶ ଦେଇଥିଲେ, ହେଲେ ଆଜି ହଠାତ ସଞ୍ଜୟଙ୍କ ଅବସ୍ଥା ଗୁରୁତର ହେବାରୁ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା ଏବଂ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଶେରଗଡ ପୋଲିସ ଘଟଣାସ୍ଥଳରେ ପହଂଚି ଶବକୁ ଜବତ କରିବା ସହ ୧୧/ ୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ଲାଗି ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ଏ.ଏସ.ଆଇ କୃଷ୍ଣଚନ୍ଦ୍ର ଦାସ ସୂଚନା ଦେଇଛନ୍ତି।

## ରାଇକିଆ ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନମେଳା

କନ୍ଧମାଳ,୩୦/୦୭(ନି.ପ୍ର): କନ୍ଧମାଳ ଜିଲ୍ଲା ରାଇକିଆ ସରସ୍ୱତୀ ଶିଶୁ ମନ୍ଦିରରେ ଶୁକ୍ରବାର ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପ୍ରାଥମିକ ବିଭାଗ, ଶିଶୁ ବିଭାଗ, କିଶୋର ବର୍ଗ ର ସମୁଦାୟ ୮୫ ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଭିନ୍ନ ବିଭାଗର ଶ୍ରେଷ୍ଠ ପ୍ରଦର୍ଶିତ ପ୍ରକଳ୍ପ ଗୁଡ଼ିକୁ ସଙ୍କୁଳ ସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିଲା । ବିଚାରକ ଭାବେ ମ୍ଲାହୁପାଙ୍ଗା ହାଇସ୍କୁଲ ବିଜ୍ଞାନ ଶିକ୍ଷୟତ୍ରୀ ମନିଷା ପ୍ରଧାନ, ରାଇକିଆ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ରାଜୀବ ପ୍ରଧାନ, ଜି. ଉଦୟଗିରିରୁ ଆସିଥିବା ଶିକ୍ଷୟତ୍ରୀ ସବିତା ମିଶ୍ର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଅତିଥି ଭାବେ ବିଦ୍ୟାଳୟ ସଭାପତି ସତ୍ୟବାନ୍ ସାହୁ, ଉପସଭାପତି ରମେଶ ଚନ୍ଦ୍ର ବିଶ୍ୱାଳ, ସମ୍ପାଦିକା ମମତା ସାହୁ, ଚକ୍ରଧର ପୃଷ୍ଟି, ମିହିର ମହାପାତ୍ର ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ କାମଦେବ ବେହେରା ଏବଂ ସମସ୍ତ ଗୁରୁମା ଗୁରୁଜୀ ପରିଚାଳନା ରେ ସହଯୋଗ କରିଥିଲେ ।

# ନାବାଳିକାଙ୍କୁ କମେଂଟ ମରାକୁ ନେଇ ଗଣ୍ଡଗୋଳ ଓ ଦୁଇ ନାବାଳକଙ୍କ ମୃତ୍ୟୁ

ଜୟପୁର,୩୦/୦୭(ନି.ପ୍ର): କୋରାପୁଟ ର ରଙ୍ଗବାଲି କୁମ୍ଭା ଗାଁ ଦେଇ ଜଣେ ନାବାଳକ ତାଙ୍କ ନାବାଳିକା ବାନ୍ଧବୀ ଙ୍କୁ ମଟର ସାଇକଲ ରେ ବସାଇ କୋଲାବ ଜଳଭଣ୍ଡାର ଆଡକୁ ନେଇ ଯାଉଥିବା ବେଳେ ଛକ ରେ ବସି ଖଟି କରୁଥିବା ତିନିଜଣ ଯୁବକ ଓ ଜଣେ ନାବାଳକ ସେମାନଙ୍କୁ କିଛି ଆପତ୍ତିଜନକ ମନ୍ତବ୍ୟ ଦେବା ପରେ ଉଭୟ ପକ୍ଷ ମଧ୍ୟରେ କଥା କଟାକଟି ରୁ ଆରମ୍ଭ ହୋଇ ମରାପିଟା ପର୍ଯ୍ୟନ୍ତ ଘଟଣା ଯାଇଥିବା ଆଜି ଏଏସପି ବିମଳକାନ୍ତ ବ୍ରହ୍ମା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହି ଘଟଣାରେ ବାନ୍ଧବୀ ଙ୍କୁ ନେଇ ଯାଉଥିବା ନାବାଳକ ବିବେକ ମହାନ୍ତି ଗୁରୁତର ଆହତ ହେବା ଯୋଗୁଁ ପ୍ରଥମେ କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ୍ ଓ ତାପରେ ବିଶାଖାପାଟଣା ରେ ଚିକିତ୍ସା ପ୍ରଦାନ କରାଯାଇଥିଲେ ହେଁ ବିଶାଖାପାଟଣା ରେ ଚିକିତ୍ସିତ ହେଉଥିବା ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା । ଇତି ମଧ୍ୟରେ କୋରାପୁଟ ଟାଉନ ଥାନା ଅଧିକାରୀ ଧିରେନ ପଟ୍ଟନାୟକ ଙ୍କ ନେତୃତ୍ୱରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା କରୁଥିବା ବେଳେ ଦୁଇ ଯୁବକ ଶିବ ପରଜା ଓ ଦାଶରଥି ପରଜା ଙ୍କ ସମେତ ଜଣେ ନାବାଳକ ଙ୍କୁ ଗିରଫ କରିବାରେ ସଫଳତା ମିଳିଥିଲା । ତେବେ ଅଭିଯୁକ୍ତଙ୍କ ମଧ ରେ ଥିବା ଅନ୍ୟ ଜଣେ ଯୁବକ ବାବୁଲା ପରଜା ଅଭିଯୁକ୍ତଙ୍କୁ ଏକ ମଟର ସାଇକେଲ ରେ କେଉଁ ଆଡେ ଚାଲିଯିବାକୁ ଉଦ୍ୟମ କରୁଥିବା ବେଳେ ଦୁର୍ଘଟଣା ରେ ମୃତ୍ୟୁ ବରଣ କରିଥିଲା ବୋଲି ଶ୍ରୀ ବ୍ରହ୍ମା ଜଣାଇଛନ୍ତି ।ମୃତକ ନାବାଳକ ବିବେକ ମହାନ୍ତି ଙ୍କ ବାପା ଟାଉନ ଥାନା ରେ ଏ ନେଇ ମାମଲା ଦେଇଥିଲେ ।

# ବନ୍ଦ କୋଠରୀରୁ ଗଳିତ ଶବ ଉଦ୍ଧାର

ଜୟପୁର,୩୦/୦୭(ନି.ପ୍ର): କୋଠରୀ ବାହାରେ ଝୁଲୁଛି ତାଲା। ହେଲେ ବନ୍ଦ କୋଠରୀ ମଧ୍ୟରୁ ଜଣେ ବ୍ୟକ୍ତିଙ୍କ ଗଳିତ ଶବ ଉଦ୍ଧାର ହୋଇଛି। ବନ୍ଦ କୋଠରୀରୁ ପ୍ରବଳ ଦୁର୍ଗନ୍ଧ ବାହାରିବାରୁ ଗତକାଲି ସାହି ପଡିଶା ଲୋକେ ପୋଲିସକୁ ଖବର ଦେଇଛନ୍ତି। ଖବର ପାଇ ସାଇଂଟିଫିକ ଟିମ୍, ସନ୍ଧାନୀ କୁକୁରକୁ ସାଙ୍ଗରେ ଧରି ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି। ଏଭଳି ନୃଂଶଂସ କାଣ୍ଡ ଘଟିଛି କୋଟପାଡ଼ ଥାନା ଅଂଚଳ ୧୧ ନମ୍ବର ୱାର୍ଡ ମିଶନ କମ୍ପାଉଣ୍ଡରେ। ଯେଉଁ ଘରେ ଏଭଳି କାଣ୍ଡ ଘଟିଛି ସେହି ଘରର ମାଲିକ ଗତ ସୋମବାର ଦିନଠାରୁ ନିଖୋଜ ରହିଛନ୍ତି। ଏହା ବାଦ ତାଙ୍କ ଘରକୁ ଲାଗି ରହିଥିବା ଭଡାଘରର ଭଡାଟିଆ ମଧ ସୋମବାର ଦିନ ଠାରୁ ନିଖୋଜ ରହିଛନ୍ତି। ବୋରିଗୁମ୍ମା ଏସଡିପିଓ ହରେକୃଷ୍ଣ ମାଝୀ ଥାନା ଅଧିକାରୀ ଶେଷଦେବ ବେହେରା ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କୋଠରୀର ତାଲା ଭାଙ୍ଗି ଶବକୁ ଉଦ୍ଧାର କରାଯାଇଛି। ଅଦ୍ୟାବଧି ଶବ ଚିହ୍ନଟ ହୋଇପାରିନି। ତେବେ ବନ୍ଦ କୋଠରୀ ଭିତରେ ଚଦରରେ ବନ୍ଧା ହୋଇ ଶରୀରର ଅନେକ ସ୍ଥାନରେ କ୍ଷତ ଚିହ୍ନରୁ ତାଙ୍କୁ ହତ୍ୟା କରାଯାଇଥିବା ବାରି ହେଉଛି। ମୃତକଙ୍କ ଶବ ଚିହ୍ନଟ ପରେ ହତ୍ୟା ଘଟଣାର ତଦନ୍ତ ହୋଇପାରିବ। ଘଟଣାଟି ଘଟିବାର ଚାରିରୁ ୫ ଦିନ ବିତିଯାଇଥିବା ଅନୁମାନ କରାଯାଉଛି। ଏଠାରେ ଉଲ୍ଲେଖଯୋଗ୍ୟ, ମିଶନ କମ୍ପାଉଣ୍ଡ ଅଂଚଳରେ ଗତ ଦୁଇ ବର୍ଷ ତଳେ ଜଣେ ମହିଳାଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଆଜି ପର୍ଯ୍ୟନ୍ତ ସେହି ହତ୍ୟା ଘଟଣାର ଅଭିଯୁକ୍ତ ମାନେ ଗିରଫ ହୋଇନାହାନ୍ତି। ଏତିକି ବେଳେ ଏହି ଅଂଚଳରେ ପୁଣି ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି।ଯାହାକି ପୋଲିସର କାର୍ଯ୍ୟକଳାପ ଏବଂ ପାଟ୍ରୋଲିଙ୍ଗ ଅଭାବକୁ ଦାୟୀ କରିଛନ୍ତି ପଡ଼ୋଶୀ ଏବଂ ଗ୍ରାମବାସୀ। ସେପଟେ ତିନି ଦିନ ଧରି ନିଖୋଜ ରହିଥିବା ପଡ଼ୋଶୀ ଭଡାଟିଆଙ୍କୁ ପୋଲିସ ଖୋଜା ଖୋଜି କରୁଛି। ଘଟଣାର ତଦନ୍ତ ପରେ ହିଁ ହତ୍ୟାକାଣ୍ଡ ଘଟାଇଥିବା ହତ୍ୟାକାରୀଙ୍କ ନିକଟରେ ପୋଲିସ ପହଂଚିପାରିବ ବୋଲି ସୂଚନା ଦେଇଛନ୍ତି ବୋରିଗୁମ୍ମା ଏସଡିପିଓ ହରେକୃଷ୍ଣ ମାଝୀ।

# ଟେକ୍ନୋୱାର୍ଲ୍ଡ କଲେଜ ପରିସରରେ ଅଭିନନ୍ଦନ ସଭା

ରାଇରଙ୍ଗପୁର, ୩୦/୦୭(ନି.ପ୍ର): ଓଡ଼ିଶା ରାଜ୍ୟରେ ସୁନାମ ଅର୍ଜନ କରିଥିବା ବାମନଘାଟି ଉପଖଣ୍ଡର ଏକ ମାତ୍ର ଅଗ୍ରଣୀ ଆବାସିକ ବିଜ୍ଞାନ କଲେଜ ଟେକ୍ନୋୱାଲ୍ଡ ପରିସରରେ ଏକ ଅଭିନନ୍ଦନ ସଭା ଅନୁଷ୍ଠିତ ହୋଇଯାଇଛି। ଚଳିତ +୨ ମାଧମିକ ବିଜ୍ଞାନ ପରୀକ୍ଷାରେ ୮୦ ଶତାଂଶ ବା ତତୁର୍ଦ୍ଧ୍ୱ ନମ୍ବର ରଖିଥିବା ଓ ୩୫ ଶତାଂଶରୁ କମ୍ ନମ୍ବର ରଖି ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ପାଶ କରି ଟେକ୍ନୋୱାଲ୍ଡରେ ନାମ ଲେଖାଇ ଏଠାରୁ ୭୦ ଶତାଂଶରୁ ଉର୍ଦ୍ଧ ନମ୍ବର ରଖି ସଫଳତା ଲାଭ କରିଥିବା ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସଭାରେ କଲେଜର ଅଧକ୍ଷ ପ୍ରଫେସର ଲଳିତ ମୋହନ ପ୍ରଧାନ ସଭାପତିତ୍ୱ କରିଥିଲେ। ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ ତଥା ସ୍ତମ୍ଭକାର ଲଳିତ ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉକ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଶୁଭ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଜଣାଇବା ସହିତ ସେମାନଙ୍କ ଉଜ୍ଜଳମୟ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଟେକ୍ନୋୱାଲ୍ଡ ଗ୍ରୁପର ଚେୟାରମ୍ୟାନ ଇଂ. ଦୀନବନ୍ଧୁ ମହାନ୍ତ ଛାତ୍ର ଛାତ୍ରୀଙ୍କର ଉତରୋତର ଉନ୍ନତି ପାଇଁ ପ୍ରଭୁଙ୍କ ଠାରେ ପ୍ରାର୍ଥନା କରିଥିଲେ। ମୁଖ୍ୟ ବକ୍ତା ପ୍ରାକ୍ତନ ନିର୍ଦ୍ଦେଶକ ଇଂ. ଉମାକାନ୍ତ ମହାନ୍ତ ସଫଳତା ଶୀର୍ଷରେ ପହଂଚିବାକୁ ଅଧୟନ ଓ ଅଧ୍ୟବସାୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରାଇରଙ୍ଗପୁର କଲେଜର ଦାରା ସିଂ ପ୍ରତିଭାର ବିକାଶରେ ଦୃଢ଼ ମନୋବଳ ଓ ଇଚ୍ଛା ଶକ୍ତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଥିଲେ। ଏଥିରେ ସଫଳତା ହାସଲ କରିଥିବା ଠାକୁରା ଟୁଡୁ, ସୋରଜିନୀ କାଇତ, ଜଗା ମଣ୍ଡଳ, ହରିଶ୍ଚନ୍ଦ୍ର ପାତ୍ର ସେଲିନା ମହାକୁଡ, ପଦ୍ମଲୋଚନ ମହାନ୍ତ, ମାୟା ହାଂସଦା, ଡଲି ମହାନ୍ତ, ତନୁଜ ବେହେରା ନିଖିଳ କୁମାର ଦାସ, ଓ ସୋନାଲି ବେହେରା ସମେତ ଅନ୍ୟ ମାନଙ୍କ ମଧ୍ୟରେ ପ୍ରଦୀପ କୁମାର ହାଁସଦା, ନିଳୟ ରଂଜନ ନାୟକ ଓ ସୁରେଶ ଚନ୍ଦ୍ର ଟୁଡୁ ପ୍ରମୁଖଙ୍କୁ ଅଭିନନ୍ଦନ ଜଣାଇ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଆଇନଜିବୀ ଭବାନୀ ଶଙ୍କର ମହାନ୍ତି, ଅଜୟ କୁମାର ମହାପାତ୍ର, ତାପସ କୁମାର ମହାନ୍ତ, ଇଂଜିନିୟର ଅର୍ଚ୍ଚିସମାନ ବେହେରା, ରମାକାନ୍ତ ମହାନ୍ତ, ପ୍ରଦୀପ ସିଂ, ସୁନିଲ ମହାନ୍ତ ସହଯୋଗ କରିଥିଲେ। ଶେଷରେ ଓଡିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ, ପ୍ରକାଶ ଚନ୍ଦ୍ର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଷମା ହେଲେ ଇନ୍ଦୁପୁର ସମିତିର ଉପସଭାପତି

କେନ୍ଦ୍ରାପଡା,୩୦/୦୭(ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଅନ୍ତର୍ଗତ ଇନ୍ଦୁପୁର କୃଷି ସେବା ସମବାୟ ସମିତିର ଉପ ସଭାପତି ନିର୍ବାଚନରେ ସୁଷମା ସେଠୀ ନିର୍ବାଚିତ ହୋଇଥିବା ଜଣାପଡିଛି। ଶୁକ୍ରବାର ଏହି ନିର୍ବାଚନ ରେ ସୁଷମା ୯ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦି ୬ଖଣ୍ଡ ଭୋଟ ପାଇଥିଲେ । ନିର୍ବାଚନ ଅଧିକାରୀ ପ୍ରସନ୍ନଜିତ ନାୟକ, ସଂପାଦକ ଦେବେନ୍ଦ୍ର କୁମାର ପୃଷ୍ଟି, ସଭାପତି ରୁଦ୍ର ପ୍ରସାଦ ଦାସ ପ୍ରମୁଖ ସୁଷମାଙ୍କୁ ସମ୍ବର୍ଦ୍ଧନା ଜଣାଇ ଥିଲେ ।

## ଧାରାବାହିକ : ଜୀବନାନୁଭୂତି

ଭାଗ-୮୫

(ପୂର୍ବ ପ୍ରକାଶିତ ଉତ୍ତାରୁ...)

# ମୋର୍ ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

୧୯୩୬ ମସିହା ଏପ୍ରିଲ୍ ମାସ ପହିଲା ତାରିଖରେ ଓଡ଼ିଶା ବିହାର ପ୍ରଦେଶରୁ ବିଚ୍ଛିନ୍ନ ହୋଇ ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେଲା । ନୂତନ ପ୍ରଦେଶର ପ୍ରଥମ ଲାଟ (Govennor) ହେଲେ ଓଡ଼ିଶାର କମିଶନର ସାର୍ ଜନ୍ ହବେକ୍ (Sir John Hubback, I.C.S.) । ରେଭେନ୍ସା କଲେଜର ବୃହତ୍ କକ୍ଷରେ ନୂତନ ପ୍ରଦେଶର ପ୍ରାଥମିକ ଶୁଭକ୍ରିୟା ସମ୍ପନ୍ନ ହେଲା । ବହୁକାଳରୁ ଇଂରେଜଙ୍କ ଏକ ଜାତୀୟ ଲୋକଙ୍କୁ ଭିନ୍ନ ଭିନ୍ନ କରି ଶାନ କରିବା ନୀତି ପ୍ରବର୍ତ୍ତନ ଫଳରେ ଓଡ଼ିଶାକୁ ଖଣ୍ଡ ବିଖଣ୍ଡ କରି ଖଣ୍ଡେ ବଙ୍ଗ ପ୍ରଦେଶସ୍ଥ ମେଦିନୀପୁର ଜିଲ୍ଲାରେ, ଖଣ୍ଡେ ତୈଲଙ୍ଗ ଭାଷାଭାଷୀ ମାଡ୍ରାସରେ ଓ ଖଣ୍ଡେ ହିନ୍ଦି ଭାଷାଭାଷୀ ମଧ୍ୟପ୍ରଦେଶରେ ସଂଲଗ୍ନ କରି ରଖା ହୋଇଥିଲା । ଓଡ଼ିଶାର ବିଶିଷ୍ଟ ନେତାମାନେ ଇଂରେଜ ସରକାରଙ୍କର ଏହି ନୀତି ବିରୁଦ୍ଧରେ ବହୁକାଳ ଧରି ଲଢ଼େଇ କରିଆସୁଥିଲେ । ବର୍ତ୍ତମାନ ସେମାନଙ୍କ ଉଦ୍ୟମର ଫଳ ଲାଭ ହୋଇଥିଲେ ହେଁ ସମସ୍ତ ଓଡ଼ିଆ ଅଞ୍ଚଳ ଏକତ୍ରୀଭୁତ ହେଲାନାହିଁ । ଏଜାବତ୍ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର ଓ ଅନୁଗୁଳ ଏହି ପାଞ୍ଚ ଜିଲ୍ଲା ଦ୍ୱାରା ଓଡ଼ିଶା ଡିଭିଜନ୍ ଗଠିତ ହୋଇଥିଲା । ବର୍ତ୍ତମାନ ମାଡ୍ରାସରୁ ଗଞ୍ଜାମ ଓ କୋରାପୁଟ ଏହି ଦୁଇ ଜିଲ୍ଲା ମିଶିଲା । ମଧ୍ୟପ୍ରଦେଶରୁ ନୂଆପଡ଼ା ଓ ଖଡ଼ିଆଳ ଆସି ସମ୍ବଲପୁର ଜିଲ୍ଲା ସହିତ ମିଶିଲା, ଅନୁଗୁଳ ଜିଲ୍ଲାକୁ ଭାଙ୍ଗିଦିଆଗଲା ଓ ଏହା ସହିତ ସମ୍ମିଳିତ ଥିବା କନ୍ଧମାଳ ସବ୍‌ଡିଭିଜନ୍‌କୁ ଗଞ୍ଜାମ ସହିତ ମିଶାଇ ଦିଆଗଲା ଓ ପ୍ରକୃତ ଅନୁଗୁଳ କେବଳ ଗୋଟିଏ ସବ୍‌ଡିଭିଜନ୍‌ରେ ପରିଣତ ହୋଇ କଟକ ଅଧୀନସ୍ଥ ହୋଇରହିଲା । ଫଳତଃ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ଓ କୋରାପୁଟ- ଏହି ଛଅଟି ଜିଲ୍ଲା ଦ୍ୱାରା ନୂତନ ଓଡ଼ିଶା ପ୍ରଦେଶ ଗଠିତ ହେଲା । ଅଦ୍ୟାପି ବାଲେଶ୍ୱରର ଉତ୍ତରାଞ୍ଚଳରେ ଅବସ୍ଥିତ ମେଦିନୀପୁର ଜିଲ୍ଲାର କିୟଦଂଶ, ସିଂହଭୂମି ଜିଲ୍ଲାର ସଦର ସବ୍‌ଡିଭିଜନ୍ ଓ ମୟୂରଭଞ୍ଜ ସୀମା ସଂଲଗ୍ନ କେତେକାଂଶ, ଗଞ୍ଜାମ ସୀମାନ୍ତରେ ଅବସ୍ଥିତ ଇଚ୍ଛାପୁର ପ୍ରଭୃତି ଅଞ୍ଚଳ ଓ ମଧ୍ୟପ୍ରଦେଶରେ ଅବସ୍ଥିତ ଫୁଲଝର ଅଞ୍ଚଳ ଓଡ଼ିଶା ବାହାରେ ରହିଅଛି । ଏ ସମସ୍ତ ଅଞ୍ଚଳର ଅଧିବାସୀ ଓଡ଼ିଆ ଓ ଏହି ଅଞ୍ଚଳ ସବୁକୁ ଓଡ଼ିଶା ସହିତ ସମ୍ମିଳିତ କରିବା ସମସ୍ୟା ଅଦ୍ୟାପି ଜୀବିତ ରହିଅଛି । ଏ ସମସ୍ତ ଅଞ୍ଚଳ ସହିତ ନ ମିଶିବା ଯାଏ ଓଡ଼ିଶା ବିକଳାଙ୍ଗ ହୋଇ ରହିଥିବ ।

ଇତିପୂର୍ବେ ଲେଖାଯାଇଅଛି ଯେ, ଝିଅମାନଙ୍କ ସ୍କୁଲପାଠ ସହିତ ସଙ୍ଗୀତ ଶିକ୍ଷା ସେମାନଙ୍କ ଶିକ୍ଷାର ପ୍ରଧାନ ଅଙ୍ଗ ହୋଇଥିଲା। ଯେପରି ପାଠରେ ସେପରି ସଙ୍ଗୀତରେ ସୁଦ୍ଧା ସମସ୍ତଙ୍କ ଅପେକ୍ଷା ସୁଷମାର ପାରଦର୍ଶିତା କ୍ରମେ କ୍ରମେ ବୃଦ୍ଧି ହେବାକୁ ଲାଗିଲା । ତାହାର ଲଳିତ ମଧୁର କଣ୍ଠ ନିଃସୃତ ସଙ୍ଗୀତ ମୂର୍ଚ୍ଛନା ତାଳଲୟ ସହିତ ଝଙ୍କୃତ ହୋଇ ବାସ୍ତବରେ ମୋତେ ଯେଉଁ ସ୍ୱର୍ଗରାଜ୍ୟର ସୁଖ ଓ ଶାନ୍ତି ପ୍ରଦାନ କରୁଥିଲା, ଆଜି ତାହା ସ୍ମରଣ କରି ମୋ ମନଃପ୍ରାଣ ପୂତ ହୋଇଯାଉଅଛି । ସେତେବେଳେ ମୋର ଦଶମା କନ୍ୟା ପୂର୍ଣ୍ଣିମା ମାତ୍ର ସାଢ଼େ ତିନିବର୍ଷ ବୟସ୍କା ଶିଶୁ । ସଙ୍ଗୀତ ଗାନ ହେଉଥିବା ସମୟରେ ସେ ଅନ୍ୟ ଝିଅମାନଙ୍କ ସହିତ ପ୍ରତ୍ୟହ ବସେ ଓ ମନଦେଇ ଗୀତ ଶୁଣେ ଏବଂ ବେଳେବେଳେ ଗୁଣୁଗୁଣୁ ଶବ୍ଦକରେ । ୧୯୩୫ ମସିହା ଡିସେମ୍ବର ମାସରେ କଟକସ୍ଥ ରାମଚନ୍ଦ୍ର ଭବନରେ ସଙ୍ଗୀତ ସମ୍ମିଳନୀ ବସିଥିଲା ଓ ଭାରତର ପ୍ରାୟ ସମସ୍ତ ବିଶିଷ୍ଟ ଅଞ୍ଚଳସମୂହରୁ- କଳିକତା, ଲକ୍ଷ୍ନୌ, କାନପୁର ଓ ଦକ୍ଷିଣାଞ୍ଚଳରୁ ମଧ ଅନେକ ସଙ୍ଗୀତ ବିଶାରଦ ବ୍ୟକ୍ତି ସମ୍ମିଳନୀରେ ଯୋଗଦେଇଥିଲେ । ଏଥିରେ ସଙ୍ଗୀତର ପ୍ରତିଯୋଗିତା ମଧ ହୋଇଥିଲା ଓ ତହିଁରେ କଟକର ଅନ୍ୟାନ୍ୟ ବାଳିକାମାନଙ୍କ ସହିତ ସୁଷମା, ସୁରମା ଓ ଉମା ଅଂଶଗ୍ରହଣ କରିଥିଲେ । ସମ୍ମିଳନୀ ତିନିଦିନ ପର୍ଯ୍ୟନ୍ତ ବସିଥିଲା । ତନ୍ମଧ୍ୟରୁ ଦନକର ଘଟଣା- ସୁଷମା ପୂର୍ଣ୍ଣିମାକୁ ସମ୍ମିଳନୀ ମଣ୍ଡପରେ ନିଜ ଆଗରେ ବସାଇ ହାର୍‌ମୋନିୟମ୍‌ର ସ୍ୱର ଆରମ୍ଭ କରିଦେଲା । ତତ୍‌କ୍ଷଣାତ୍ ପୂର୍ଣ୍ଣିମା କିଶୋର ଚନ୍ଦ୍ରାନନ ଚମ୍ପୂର 'ନୂଆ ନଟ ପଟଳି ମୁକୁଟ ହେ, ନାହିଁକି ଶ୍ରୀଅଙ୍ଗେ ସୁଖ' ଗୀତଟି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ହାର୍‌ମୋନିୟମ୍ ସ୍ୱର ସହିତ ସମଗ୍ର ଚମ୍ପୂଟି ଗାଇପକାଇଲା । ଉପସ୍ଥିତ ସଙ୍ଗୀତଜ୍ଞମାନଙ୍କ ମଧ୍ୟରେ ଯେ ଯେଉଁ ଯନ୍ତ୍ର ଧରିଥିଲେ, କିଏ ବଂଶୀ, କିଏ ସୀତାର, କିଏ ଇସ୍ରାଜ- ନିଜ ନିଜ ଯନ୍ତ୍ରରେ ସ୍ୱରଦେଲେ ଓ ବିଶୁଦ୍ଧ ତାଳ ଲୟ ସହିତ ମଧୁର ଶିଶୁକଣ୍ଠରେ ଏପରି ଗାଇଲା ଯେ, ମୁଁ ନିଜେ ଆଶ୍ଚର୍ଯ୍ୟାନ୍ୱିତ ହୋଇପଡ଼ିଲି । ଏହା ପୂର୍ବେ ମୁଁ ଜାଣି ନଥିଲି ଯେ, ପୂର୍ଣ୍ଣିମା କେବେ ଗାଇଛି ଅଥବା ସୁଷମା କେତେବେଳେ ନିଜ ଅବସରରେ ତାକୁ ଶିଖାଇଛି । ପାଟଣା ହାଇକୋର୍ଟର ପ୍ରଧାନ ବିଚାରପତି ସାର୍ କୋର୍ଟନି ଟେରେଲ୍ (Sir Courtney Terrel) ସେହିଦିନ ସମ୍ମିଳନୀରେ ସଭାପତିତ୍ୱ କରିଥିଲେ । ପୂର୍ଣ୍ଣିମା ଗାନାଟି ଶେଷକରିବା ମାତ୍ରକେ ସେ ସ୍ୱସ୍ଥାନରୁ ଉଠିଆସିଲେ ଓ ତାକୁ କୋଳରେ ଧରି ନାଚିବାକୁ ଲାଗିଲେ । ତାକୁ ଉଭୟ ବାହୁଦ୍ୱାରା ଊର୍ଦ୍ଧ୍ୱକୁ ଟେକି ଦର୍ଶକମଣ୍ଡଳୀଙ୍କୁ ଦେଖାଇ କହିଲେ, 'ଦେଖନ୍ତୁ, ଏହି ପ୍ରକୃତିର ଶିଶୁକୁ; କିପରି ଭାବରେ ପ୍ରକୃତିଠାରୁ ଉଦ୍ଭୂତ ହୋଇ ପ୍ରକୃତି ସହିତ ମିଳିତ ହୋଇଯାଇଅଛି ।' ଦର୍ଶକଗଣ ତାହାର ଭୂରି ଭୂରି ପ୍ରଶଂସା କରିବାକୁ ଲାଗିଲେଓ କେହି କେହି ତାକୁ ପଦକରେ ଭୂଷିତ କଲେ । ତଦାନୀନ୍ତନ ସମ୍ବାଦପତ୍ରରେ ତାହାର ପ୍ରତିକୃତି ସହ ଏହି ବିଷୟ ପ୍ରଚାରିତ ହୋଇଥିଲା । ସେହିଦିନରୁ ସେ କ୍ରମାନ୍ୱୟରେ ସଙ୍ଗୀତ ଶିକ୍ଷା କରିବାକୁ ଲାଗିଲେ । ତାହାର ବ୍ୟୁତ୍ପତ୍ତି ଦେଖି ମୁଁ ତନ୍ମୟ ହୋଇଥାଏ । କ୍ରମେ ଦେଖାଗଲା, ସେ କୌଣସି ଗୀତ ଥରେ ମାତ୍ର ଶୁଣିଲେ ବିଶୁଦ୍ଧ ତାଳଲୟ ସହିତ ତାହା ଆବୃତ୍ତି କରିପାରୁଥିଲା । ମନେ ହେଉଥିଲା ଯେପରି ଏହା ତାହାର ନୈସର୍ଗିକ ପ୍ରତିଭା । ଭାବୁଥାଏ, ଭଗବାନଙ୍କ ପ୍ରଦତ୍ତ ଏହା କେଡ଼େ ପବିତ୍ର, କେଡ଼େ ମଧୁର, କେଡ଼େ ମଙ୍ଗଳମୟ ! ହାୟ ! କି ଦୂରଭିପ୍ରାୟରେ ସେ ତାଙ୍କ ଦାନକୁ ପ୍ରତ୍ୟାହରଣ କରିନେଇଗଲେ । ଆଜି ମୋର ସେହି ପୂର୍ଣ୍ଣିମା କାହିଁ? ତାହାର ଜନ୍ମ ହୋଇଥିଲା ୧୯୩୨ ମସିହା ମେ ମାସରେ ବାଲେଶ୍ୱରରେ । ୧୯୪୫ ମସିହା ଅଗଷ୍ଟ ମାସ ୬ ତାରିଖ ଦିନ କଠିନ ଟାଇଫଏଡ୍ ରୋଗରେ ସମ୍ବଲପୁରରେ ତେରବର୍ଷ ବୟସରେ ତାହାର ପବିତ୍ରାତ୍ମା ପ୍ରକୃତିର ପବିତ୍ର କ୍ରୋଡ଼ରେ ଆଶ୍ରୟ ଗ୍ରହଣକଲା । ଆଜିସୁଦ୍ଧା ତାହାର ଶିଶୁକଣ୍ଠ ନିଃସୃତ ସଙ୍ଗୀତମୂର୍ଚ୍ଛନା ମୋର କର୍ଣ୍ଣ ଓ ହୃଦୟତନ୍ତ୍ରୀରେ ଝଙ୍କୃତ ହୋଇ ମୋତେ ବ୍ୟଥିତ କରି ସୁଦ୍ଧା ଭାବାବିଷ୍ଟ କରି କୌଣସି ଅଜଣା ରାଜ୍ୟରେ ତାହାର ସାନ୍ନିଧ ସଂଯୋଗ କରୁଅଛି ।

ଝିଅମାନଙ୍କ ପାଠ ଏପରି ସୁରୁଖୁରୁରେ ଚାଲିଥାଏ । ମୁଁ କେବେ ମନେକରି ନଥିଲି ଯେ ମୋ ଝିଅମାନେ ଆଧୁନିକ ଉଚ୍ଚଶିକ୍ଷା ପ୍ରାପ୍ତ ହେବେ । ଗୋଟିଏ ଝିଅର ଜନ୍ମହେବା ମାତ୍ରକେ ମୁଁ ତାହା ସକାଶେ ବର ଖୋଜିବାରେ ପ୍ରବୃତ୍ତ ହୁଏନ୍ତ କିନ୍ତୁ ବର୍ତ୍ତମାନ ଝିଅମାନଙ୍କ ବିଦ୍ୟାର୍ଜନରେ ମନୋନିବେଶ ଓ କୃତିତ୍ୱ ଦର୍ଶନ କରି ଏମାନଙ୍କୁ ଉଚ୍ଚଶିକ୍ଷାରେ ଭୂଷିତ କରିବା ସକାଶେ ଯେଉଁ ପ୍ରେରଣା ପ୍ରାପ୍ତ ହେଲି, ତାହା ଆଜି ପର୍ଯ୍ୟନ୍ତ ମୋ ଜୀବନର ସମ୍ବଳ ହୋଇ ରହିଅଛି । ସେତେବେଳେ ଏମାନଙ୍କୁ ପଢ଼ାଇବା ଛଡ଼ା ଅନ୍ୟ କୌଣସି ଗୁରୁତର ଭାବ ମୋ ହୃଦୟରେ ସ୍ଥାନ ପାଉନଥିଲା । ମୋର ସହାଧ୍ୟାୟୀମାନେ ମଧ୍ୟରୁ ଅନେକେ କଟକରେ ଉଚ୍ଚ ପଦରେ ପ୍ରତିଷ୍ଠିତ ହୋଇ ରହିଥିଲେ । ସେମାନେ ଓ ସେମାନଙ୍କଠାରୁ ଶୁଣି ଅନ୍ୟାନ୍ୟ ଭଦ୍ରବ୍ୟକ୍ତିଗଣ କେବେ କେବେ ମୁଁ ସେମାନଙ୍କ ମଧ୍ୟରେ ବସି ପଢ଼ାଉଥିବା ସମୟରେ ଦେଖିବାକୁ ଆସିଛନ୍ତି। ଓଡ଼ିଶା ଶିକ୍ଷା ବିଭାଗର ଡିରେକ୍ଟର ସ୍ୱର୍ଗତ ଶ୍ରୀ ଶ୍ୟାମଚନ୍ଦ୍ର ତ୍ରିପାଠୀ ଦିନେ ଏହିପରି ସମୟରେ ମୋ ବସାରେ ଉପସ୍ଥିତ ହେଲେ ଓ ମୋର ଅଧ୍ୟାପନା ପ୍ରଣାଳୀ ଦେଖି କେତେ ପ୍ରଶଂସା କରିବାକୁ ଲାଗିଲେ । ସେହି ସମୟରେ ସେ ସୁଷମାର ଓ ପୂର୍ଣ୍ଣିମାର ହାର୍‌ମୋନିୟମ୍ ଯନ୍ତ୍ରମିଳିତ ଗାନ ଶୁଣି ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ । (କ୍ରମଶଃ)

## ପର୍ଦ୍ଦା ପଛର କଥା

**ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୯୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।**



ଭାଗ- ୫୯

### ॥ ପିଲାଟା ବିଗିଡ଼ିଗଲା-୨ ॥

'ପିଲାଟି ବିଗିଡ଼ିଗଲା' ଚଳଚ୍ଚିତ୍ରରେ କେବଳ ଗ୍ରାମୀଣ ଶବ୍ଦ ବା ସାଙ୍ଗସାଥିରେ, ଘରେ ଯେଉଁ ସାଧାରଣ ଭାଷା ବ୍ୟବହାର କରାଯାଏ ତାହାହିଁ ପ୍ରୟୋଗ କରାଯାଇଥିଲା । ସଂପୂର୍ଣ୍ଣ ଭାବରେ ଲୋକ କଥିତ ବା ସାଧାରଣରେ ବ୍ୟବହୃତ ଭାଷାରେ ନାଟକୀୟତା ସୃଷ୍ଟି କରିବାର ପରମ୍ପରା ନୂଆ ନୁହଁ । ଏ କ୍ଷେତ୍ରରେ ବିଶିଷ୍ଟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ପ୍ରଶାନ୍ତ ନନ୍ଦଙ୍କୁ ହିଁ ମୁଁ ଗୁରୁଭାବରେ ସମ୍ମାନ ଦିଏ । ପୂର୍ବରୁ କାଳୀଚରଣ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ରାମଚନ୍ଦ୍ର ମିଶ୍ର, ଅନନ୍ତ ପଟ୍ଟନାୟକ, ମନୋରଂଜନ ଦାଶ ଏପରିକି ପ୍ରତିଭା ରାୟ, ବିଭୂତି ପଟ୍ଟନାୟକ, ଡ. ବସନ୍ତ ମହାପାତ୍ର ଓ ବିନୟ ମିଶ୍ରଙ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ନାଟକୀୟ ଭାଷାର ପ୍ରୟୋଗ କରି ଆସିଛନ୍ତି । ତେବେ ଗୋପାଳ ଛୋଟରାୟ ଓ ଡା. ସୁବୋଧ ପଟ୍ଟନାୟକ କିଛିଟା ବ୍ୟତିକ୍ରମ ଥିଲେ । ନାଟକରେ ବ୍ୟବହୃତ ସଂଳାପ ଢାଞ୍ଚାରେ ଚଳଚ୍ଚିତ୍ରର ସଂଳାପ ରଚନା ଏକ ଟ୍ରେଣ୍ଡ୍ ଥିଲା । ବଲିଉଡ ତଥା ଅନ୍ୟାନ୍ୟ ପ୍ରାଦେଶିକ ଭାଷାରେ ନିର୍ମିତ ଚଳଚ୍ଚିତ୍ର ମାନଙ୍କରେ ମଧ ଏହି ଧାରା ୮୦ଦଶକ ଯାଏ ଅନୁସୃତ ହୋଇଥିଲା । କିଛି ପ୍ରଭାବଶାଳୀ ସଂଳାପର ପ୍ରୟୋଗ ଦର୍ଶକମାନଙ୍କୁ ବେଶ୍ ଆମୋଦିତ କରୁଥିଲା । ସଉଥ୍ ଇଣ୍ଡଷ୍ଟ୍ରି ଏଥିରେ ଆଗୁଆ । ଏବେ ବି ସାଉଥ୍ ଫିଲ୍ମ ଗୁଡ଼ିକରେ ନାୟକ, ଖଳନାୟକମାନଙ୍କର ପଞ୍ଚ୍ ଡାଇଲଗ୍ ବେଶ୍ ଲୋକପ୍ରିୟ ।

ତେବେ ପ୍ରଶାନ୍ତ ନନ୍ଦ ଓଡ଼ିଆ ଚଳଚ୍ଚିତ୍ରରେ ଏ ପରମ୍ପରାକୁ ଭାଂଗି ଦେବାର ପ୍ରଚେଷ୍ଟା କରିଥିଲେ । 'ଜଗାବଳିଆ' ଚଳଚ୍ଚିତ୍ରରେ ହାଲ୍‌କା ତଥା ଦ୍ୱିଅର୍ଥବୋଧକ ସଂଳାପର ପ୍ରୟୋଗ କରାଯାଇଥିଲା । ସ୍ୱର୍ଗତଃ ବିଜୟ ମିଶ୍ର କଥା ପ୍ରସଙ୍ଗରେ 'ଜଗାବଳିଆ'ର ସ୍କ୍ରିପ୍ଟିଂ ସମୟର କଥା ମତେ କହୁଥିଲେ । ତେବେ 'ପିଲାଟା ବିଗିଡ଼ିଗଲା' ଚଳଚ୍ଚିତ୍ରରେ ନାଟକୀୟତା ଢେର୍ ଥିଲା । ହାସ୍ୟରସ ମାଧ୍ୟମରେ ଚମତ୍କାର ସସ୍‌ପେନ୍ସ ସୃଷ୍ଟି କରାଯାଇଥିଲା । ନିର୍ଦ୍ଦେଶକ ବସନ୍ତ ସାହୁ ଏ ସଂପର୍କରେ ବେଶ୍ ସତର୍କ ଥିଲେ । ଏହି ଚଳଚ୍ଚିତ୍ରରେ ଅନେକ ସାଧାରଣ ଆପ୍ତବାକ୍ୟ ଉପମାର ପ୍ରୟୋଗ କରାଯାଇଥିଲା । ଯେପରିକି 'ଅକାଳ କୁଷ୍ମାଣ୍ଡ' । ଏହି କଥାଟିକୁ ବାପା ବିଜୟ ମହାନ୍ତି ବାରମ୍ବାର ପୁଅ ସବ୍ୟକୁ କହୁଛନ୍ତି । ଏହି କଥାଟି ଲେଖିଲା ବେଳେ ସବ୍ୟ ମାନିବାକୁ ନାରାଜ । ତାଙ୍କର ଯୁକ୍ତି ଥିଲା ଏ କଥା ସାଧାରଣ ଲୋକେ ବୁଝି ପାରିବେ ନାହିଁ । ମାତ୍ର ତାଙ୍କ ମା' ଲେଖିକା ସୁଷମା ମିଶ୍ର ପ୍ରକୃତ ଅର୍ଥ ବୁଝାଇଦେଲେ ଓ ଏ ଧରଣର ପ୍ରୟୋଗ ଅସାଧାରଣ ଦର୍ଶକଙ୍କୁ ଆମୋଦିତ କରିବ ବୋଲି କହଲେ । ତେବେ ସବ୍ୟଙ୍କ ସହ ପପୁ ମଧ ଏକ ବଳିଷ୍ଠ ଭୂମିକାରେ ଥିଲେ । ସବ୍ୟ ଓ ପପୁଙ୍କ ପ୍ରାୟ କାଉଣ୍ଟର ଡାଇଲଗ୍ ବାଜି ଥିଲା । ସାଧାରଣତଃ ହାସ୍ୟ କଳାକାର ମାନେ ଅଧିକାଂଶ କ୍ଷେତ୍ରରେ ଅତିରଂଜନ କରିଥାନ୍ତି । କିନ୍ତୁ ଏଭଳି କାହାଣୀରେ ଅତିରଂଜନ କରିବା ମାନେ ହିଁ ପ୍ରକୃତ ନାଟକୀୟତା ନଷ୍ଟ ହେବାର ଆଶଂଙ୍କା ଥିଲା । ପ୍ରଥମରୁ ମୁଁ ଏ ସଂପର୍କରେ ନିର୍ଦ୍ଦେଶକଙ୍କୁ ଜଣାଇଥିଲି । ନିର୍ଦ୍ଦେଶକ ମଧ ଦୃଶ୍ୟାୟନ ସମୟରେ ଏଥିପ୍ରତି ନଜର ଦେଇଥିଲେ ।

ଅନ୍ୟ ଚରିତ୍ର ମାନଙ୍କ ମଧ୍ୟରେ ଜୀବନ ପଣ୍ଡା, ଫକୁଭାଇ, ବାବୁ ଭାଇ, ଅର୍ଚ୍ଚିତାଙ୍କ ସମେତ ବହୁ ଅଭିଜ୍ଞ କଳାକାର ଅଭିନୟ କରିଥିଲେ । ଦର୍ଶକମାନେ ସିନେମା ହଲ୍‌ରେ ଭରପୂର ମଜା ଉଠାଇଥିଲେ ଓ ପ୍ରାୟତଃ କରତାଳିରେ ହଲ୍ ପ୍ରକମ୍ପିତ ହେଉଥିଲା । ସେ ବର୍ଷର ଶ୍ରେଷ୍ଠ ଆୟବହୁଳ ଚଳଚ୍ଚିତ୍ର ଭାବରେ 'ପିଲାଟା ବିଗିଡ଼ିଗଲା' ବେଶ୍ ସଫଳ ହୋଇଥିଲା । ପ୍ରେମାନନ୍ଦଙ୍କ ସୁମଧୁର ସଂଗୀତ ଚଳଚ୍ଚିତ୍ରଟିର ଅନ୍ୟତମ ପ୍ଲସ୍ ପଏଣ୍ଟ ଥିଲା ।

ମୋ ଚଳଚ୍ଚିତ୍ର ଜୀବନର ଯାତ୍ରା ଭିତରେ ଚଳଚ୍ଚିତ୍ରଟିର ସ୍କ୍ରିନିଂ ପରେ ଜଣେ ତଥାକଥିତ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଯିଏକି ସରକାରୀ ଜୁରି କମିଟିର ସଦସ୍ୟ ଥିଲେ ମତେ ଥରେ ଲଘୁ ମନ୍ତବ୍ୟ ଦେଇ କହିଥିଲେ 'ଏ ଚଳଚ୍ଚିତ୍ରରେ ସଂଳାପ କାହିଁ ?' ମୋର ସେ ନିର୍ଦ୍ଦେଶକଙ୍କୁ ବୁଝାଇବାର ଆବଶ୍ୟକତା ନଥିଲା । ନିର୍ଦ୍ଦେଶକ ସ୍ୱର୍ଗତ ରାଜୁମିଶ୍ର କହଥିଲେ, 'ରଜନୀ ମୁଁ ଆଖିବୁଜି ସଂଳାପ ଶୁଣି ଶୁଣି ଚଳଚ୍ଚିତ୍ରଟିକୁ ଉପଭୋଗ କଲି ।' ଯାଠାରୁ ବଳି ସଫଳତା ମୋ ପକ୍ଷରେ ଆଉ କଣ ହୋଇପାରେ ।

ଚଳଚ୍ଚିତ୍ରର କାହାଣୀ ପରିକଳ୍ପନା ସଂପୂର୍ଣ୍ଣ ଭାବରେ ନିର୍ଦ୍ଦେଶକଙ୍କର ଥିଲା । ମାତ୍ର ସ୍କ୍ରିନ୍‌ରେ ସଂଳାପ ସହିତ କାହାଣୀ ରଚନାର କ୍ରେଡିଟ୍ ମତେ ଦିଆଯାଇଥିଲା ।

ଚଳଚ୍ଚିତ୍ରଟିର ସଫଳତା ପରେ ପ୍ରଯୋଜକ ଖୁବ୍ ଆଶାବାଦୀ ହୋଇପଡ଼ି ଜଣେ ତଥାକଥିତ ସୁପରଷ୍ଟାର୍‌ଙ୍କୁ ନେଇ ଦ୍ୱିତୀୟ ଚଳଚ୍ଚିତ୍ର ନିର୍ମାଣ କଲେ । 'ପିଲାଟା ବିଗିଡ଼ିଗଲା'ର ଟିମ୍ ଏଥିରେ ରିପିଟ୍ ହୋଇନଥିଲେ । ଦୁଃଖ ଲାଗିଥିଲା । ହେଲେ ପ୍ରଡକ୍ସନ୍‌ର ଦ୍ୱିତୀୟ ଚଳଚ୍ଚିତ୍ରଟି ବ୍ୟବସାୟିକ ଦୃଷ୍ଟିକୋଣରୁ ଅସଫଳ ସାବ୍ୟସ୍ତ ହୋଇଥିଲା ।

ଚଳଚ୍ଚିତ୍ରଟି ୨୦୧୫ ମସିହା ଅଗଷ୍ଟ ୧୪ ତାରିଖ ଅର୍ଥାତ୍ ସ୍ୱାଧୀନତା ଦିବସର ଠିକ୍ ପୂର୍ବଦିନ ଓଡ଼ିଶାର ସଂଖ୍ୟାଧିକ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିଲା । ଏ ଚଳଚ୍ଚିତ୍ରଟି ମୋ ଚଳଚ୍ଚିତ୍ର ଯାତ୍ରାର ଏକ ଟର୍ଣ୍ଣିଂ ପଏଣ୍ଟ ଭାବରେ ବିବେଚନା କରେ । (କ୍ରମଶଃ)

## କବିତା .....

### ॥ କାରିଗର ॥

**ପୂର୍ଣ୍ଣଚନ୍ଦ୍ର ମହାରଣା**



କେବେ ନୁହେଁ ଏବେ,
କହିବତ ଗଢ଼ି ଦେବି
ତମ ବୁକୁ ବଉଳ ବନସ୍ତ ଛାଇରେ,
ଥାକ ଥାକ ରୂପେଲି ନଅର !!

ଝାଲନାଳ କଣ୍ଟି ଆଙ୍କି ଦେବି
ମୁହଁ ଗାଲ ସାରା
ବଙ୍କାଚାନ୍ଦ ଦରହସା
ତାରାଙ୍କର ଘର !!

କାରିଗର ପିଲା ମୁଇଁ
ନଜରରେ ମାପିପାରେ ଭାବ ନାବ
କୁଶଳୀ ହାତ ନିମିଷେ
ତିଆରି ପାରେ
ପଥର ଛାତିରେ ରଙ୍ଗରଙ୍ଗ
ଛିଟ ପ୍ରଜାପତି
ଗୀତବୋଲା ସୁନେଲି ଭଅଁର !!

ଅବାଡ଼ ନିଆଁ କୋଳରେ
ତୋଳି ପାରେ ହେମାଳ ନଈ
ଗହନ ବିଶ୍ୱାସର !!

ଝଡ଼ ବତାସ ଥିବ
ଟିକେ ବି ହଲୁ ନଥିବ ପତ୍ର
ତିନ୍ତୁଥିବ ଚାରି ପାଖ
ଟୋପେ ବି ଝରୁ ନଥିବ ମେଘ !!

ଏମିତିକା କାରିଗର ମୁଇଁ
ଗଢ଼ି ଜାଣେ ବୋଲିତ
ପାତି ଦଉଡି ନିଅ
ଅଣ୍ଟାରେ ଝୁଲେଇ ନିଅ କଞ୍ଚିମାଳ !!

♥ ବାଳକାଟୀ,
ଖୋର୍ଦ୍ଧା- ୭୫୨୧୦୦

**ପ୍ରଶାନ୍ତ ଚନ୍ଦନ**



### ॥ ଅଂଶୀଦାର ॥

ଜାଣେ ଶବ୍ଦ ମାଟି
ଜାଣେ ଶବ୍ଦ ଆକାଶ
ମାନେ ସେଠି କେମିତି କହିବି କୁହ
ଶବ୍ଦ ହେବ ପୁଣି ପ୍ରେମ...
ନା ଅଜାଣତ
ନା ବିପରୀତ
ତଥାପି କହିବାକୁ ଖରାପ ଲାଗେ
ଯେମିତି ହୋଇଥିଲେ ବି
ନାହିଁ କରି ଭାବେ କାହିଁ ହେବ
ସେ କଳଙ୍କିତ ଇତିହାସର
ଐତିହାସିକ ଅଂଶିଦାର, ନୁହେଁ କି !

♥ ଇରିଗେସନ୍ କଲୋନୀ, ଲେନ୍ ୩
ଭବାନୀପାଟଣା, କଳାହାଣ୍ଡି
ମୋ - ୭୬୫୬୮୧୧୫୪୭

### ॥ ଜହ୍ନରାତିର ଭୋକ ॥

**ପୂର୍ଣ୍ଣ ଦାସ**



କଳାହାଣ୍ଡିର ଭୋକ ପରି ମତେ
ଭଲପାଏ ପ୍ରିୟତମା,
ହେଲେ ମୁଁ ଭୋକର ଭାଟିପୋଡ଼ା ଇଟା
ଭୋକ ମୋ ଜହ୍ନରେ ଜମା ।

ମାଆ ଦେଖେ ନିତି ଦୂର ଆକାଶର
ଜହ୍ନରେ ଝିଅର ମୁହଁ,
ଚତୁର ଜହ୍ନ ବି ଚାଳ କଣା ବାଟେ
ଦେଖେ ଝିଅ ଗୋରା ଦିହ ।

ଝିଅ ପାଇଁ ଲୋଡ଼ା ତୋଫା ଜହ୍ନରାତି
ଜହ୍ନ ଖୋଜେ ଅମେଇସା,
ଶ୍ୟାମଳୀ ଅନ୍ଧାର ତମାଳ ବନରେ
ହେବାପାଇଁ ଲୋକହସା ।

ଜହ୍ନ ବି ଜାଣିଛି, ଭୋକର ବେଦନା
ଦାଦନ କଷଣ ମୂଳ,
ଝିଅ ଚଉପାଶେ ଝୁଣିବାକୁ ଦେହ
ଶ୍ୱାନ ଶୃଗାଳଙ୍କ ପଲ ।

ଏଇତ ଜୀବନ ପତ୍ରଝଡ଼ା ଗଛ
ଆଶାର ଆକାଶଦୀପ,
କଥା କଥାକରେ ଟାଉକା ଜିଭର
ସଜ ଲହୁଟଟା କୋପ ।

♥ କଣ୍ଢାବଣିଆ, ଛତ୍ରପଡା,
ପ୍ରୀତିପୁର, ଯାଜପୁର-୭୫୫୦୧୩
(ମୋ) ୯୩୩୭୫ ୪୮୮୯୩

### ॥ ଭୋର ପକ୍ଷୀ ଡାକିଦେଲେ ॥

**ଡ. ହରିଶ୍ଚନ୍ଦ୍ର ବେହେରା**



ଭୋର ପକ୍ଷୀ ଡାକିଦେଲେ
କବାଟ ଖୋଲିଦିଏ ବୋଉ
ବାଉଁଶ ବତାର କବାଟ
ମୋତେ କେଁ କାଁ କରେ ନାହିଁ
ଗୋଟେ କାଠର କବାଟ
କରିବେ କରିବେ ଭାବୁ ଭାବୁ
ଆରପାରିକୁ ଚାଲିଗଲେ ବାପା

ଚୋରଙ୍କ ଲାଗି କିଛି ତ ନ ଥିଲା ଲୁହ ଛଡ଼ା
ଥରେ ପାଣ ସାହିରୁ କେଇଟା ଚୋର ଆସିଥିଲେ
ଅଧାଅଧି ରାତି
ଶିକାରୁ ମାଛ ହାଣ୍ଡିରୁ ପଖାଳ ଖାଇ ହାକୁଟି ମାରି
ଫେରିଯାଇଥିଲେ ଗୋଟେ ପେଟରା ମୁଣ୍ଡେଇ

ପେଟରାରେ କେଇଟା ବାସି ଲୁଗା
ବୋଉ ସାଇତି ଥିଲା ଗନ୍ଧକର୍ପୂର ଦେଇ
ସଧବା ଶାଢିତକ

କେଉଁ କାମରେ ବା ଲାଗିଥାନ୍ତା
ବିଧବା ବୋଉର !!

ଦୁଃଖର ଚେହେରା ଦେଖିଛି ପିଲାଦିନେ
ବୋଉର କୃତାଞ୍ଜଳିପୁଟରେ
ନୈବେଦ୍ୟ ହେବା ବେଳେ
ବାଡ଼ିପଟ ଚାଳିଆରେ
ଢ଼ିଙ୍କିରେ ଧାନ କୁଟିଲା ବେଳେ
ଧାନବିଡ଼ା ମୁଣ୍ଡେଇ
ସରୁ ହିଡରେ ବିଲରୁ ଫେରିବା ବେଳେ

୧୯୪୩ ଦୁର୍ଭିକ୍ଷ ଭିତରେ
ପିଲାଟିଏ ଆସିଲା ଯେ
କ୍ଷୀର ଟିକିଏ ନ ପାଇ
ମରିଗଲା ଦିନ କେଇଟାରେ
କାନ୍ଦିବାକୁ ବି ଲୁହ ବୁନ୍ଦେ ନ ଥିଲା ଆଖିରେ

ମାଇଲ ମାଇଲି ବାଲୁଚର
ଖାଁ ଖାଁ ମନ ଭିତରେ

କେଉଁ ମାୟା ଲଗେଇ ଦେଲା
ଦି'ବର୍ଷର ବାପ ଛେଉଣ୍ଡ ଛୁଆ
ଗୋଟେ ନୁଖୁରା ସଳିତା ପରି
ଜାଳିଦେଲା ନିଜକୁ

କ'ଣ ଆଉ ମାଗିବାର ଥିଲା ଠାକୁରଙ୍କୁ
ଶଙ୍ଖା ସିନ୍ଦୂର ନେଇଯିବା ପରେ
ଆଖିର ପିତୁଳା ପରି ବକଟେ ପୁଅ
ବଂଚି ପଡ଼ିଥାଉ ସଂସାରରେ
ଏତିକି କେବଳ ।

♥ କଲ୍ୟାଣ ନଗର, ବାଲେଶ୍ୱର-୧
(ମୋ) ୯୪୩୭୮୧୩୭୦୮

### ॥ ଦୁଇଟି ଗୀତ ॥

**ରାଜେଶ ପୂଜାରୀ**



॥ ଏକ ॥

ଚାଲ ଆମେ ଦୁହେଁ ନୀଳିମା ସେପାରେ
ଉଡ଼ିଯିବା ପକ୍ଷୀ ହେଇ
ଭଲ ପାଇବାରେ ବାଧା ଦେବାପାଇଁ
ଆଉ ତ ନଥିବେ କେହି । (୦)

ଭାବେ ହୋଇ ଛନ୍ଦି ପ୍ରେମବସା ବାନ୍ଧି
ସାକାର କରିବା ସବୁ ଅଭିସନ୍ଧି
ନିର୍ଜନ ରାଇଜେ ରହିବା ମଉଜେ
ମିଳନର ଗୀତ ଗାଇ । (୧)

ଆଙ୍କିବା ସପନ ଅଲସେ ବିଳାସେ
ନେଉଥିବା ଦିନ ହରଷେ ସରସେ
ମରିବା ସାଥିରେ ଆର ଜନମରେ
ସାଥୀ ହେବା କଥା ଦେଇ । (୨)

॥ ଦୁଇ ॥

ବେଳାଭୂମି ଦେହେ ବିରହ ତୂଳୀରେ
ଆଙ୍କିବ ଯେବେ ମୋ ଛବି
କଥା ମୁଁ ଦେଉଛି ଦରିଆ ଏପାରୁ
ଲୁହ ପୋଛିବାକୁ ଯିବି । (୦)

ଦୂର ଚକ୍ରବାଳେ ଲେଉଟି ଯେବେ ଗୋ
ଜାଳିବ ସ୍ମୃତି ଦୀପାଳି
ଅମା ଅନ୍ଧକାର ହୋଇବ ଅନ୍ତର
ଉଦିବ ସୂରୁଜ ଝଳି
ଶତାଧିକ ପୁଷ୍ପ ମହକେ ମନର
ସବୁ ଦୁଃଖ ମାଜିଦେବି । (୧)

ଅଧା ଲେଖା ସେଇ କାହାଣୀ ଆମର
ଲେଖାହେବ ଆଉଥରେ
ଅୟୁତ ହଂସୁଳି ମାୟାର ସ୍ପର୍ଶରେ
ଜହ୍ନରାତି ହେଲା ପରେ
ଅନାହତ ବଂଶୀ ନୂପୁର ଶବଦ
ଭେଟି ମନ କିଣିନେବି । (୨)

♥ ସା-କୁଶମେଲ, ପୋ-କପିଳାପୁର
ଭାୟା-ପଞ୍ଚଗାଁ, ଜିଲ୍ଲା-ଝାରସୁଗୁଡ଼ା
ମୋ-୮୧୪୪୭୭୯୦୬୧

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୩୧ ଜୁଲାଇ, ୨୦୨୨

## ପ୍ରେମରେ ପ୍ରେମରେ ଗୀତି ....(୫୭)



## ॥ ପାଗଳ ପଥିକ ସାଜି ॥

ପାନ୍ଥଶାଳା ତୁମ ଦେହର ଦେଉଳେ
ପାଗଳ ପଥିକ ସାଜି,
ଚାରିଧାମ ବୁଲି ନିରାଶ ହୋଇ ମୁଁ
ମୋକ୍ଷ ଖୋଜୁଛି ଆଜି ।

ତୁମରି ଓଠର ଶୂନ୍ୟ ପିଆଲାରୁ
ମସ୍ତ ମଦିରା ପିଇ,
ପାପୀ ମନ ମୋର କୋଟି ପୁଣ୍ୟର
ତୀର୍ଥ ସ୍ଥାନ ଗଲା ଛୁଇଁ,
ମୁକ୍ତି ମାର୍ଗ ଖୋଜି ସାରା ରାତି ତୁମ
ଦେହରେ ଯାଇଛି ହଜି ।

ତୁମ ମଧୁଶାଳାଠାରୁ ଶାନ୍ତି ଆଉ
ଏ ଜୀବନେ କାହିଁ ନାହିଁ,
ପବିତ୍ର ପାପର ପୁଣ୍ୟ ଅର୍ଜିଛି
ତୁମ ମଧୁଶାଳା ଯାଇ,
ଜୀବନର ସତ୍ୟ ପ୍ରେମର ଠିକଣା
ପାଇଛି ମୁଁ ଖୋଜିଖୋଜି ।

■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧




## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୧୪)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ । ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...

■ ହେମେନ୍ଦ୍ର ମହାପାତ୍ର

ସଂପାଦକ : ରଂଗମଞ୍ଚ, ସୁନହଟ, ବାଲେଶ୍ୱର-୨
(ମୋ) ୯୮୬୧୩୫୦୯୫୧

(ପୂର୍ବ ପ୍ରକାଶିତ ଉତ୍ତାରୁ)

### ॥ 'ଯୋଡ଼ି ମହୁରୀ'ର ମଂଚନ, ପ୍ରକାଶନ ଓ ପରବର୍ତ୍ତୀ ପ୍ରତିକ୍ରିୟା ॥

ଯୋଡ଼ି ମହୁରୀ ଲେଖିବାକୁ ମୋତେ ଅନେକଦିନ ବିନିଯୋଗ କରିବାକୁ ପଡ଼ିଥିଲା । ମଝିରେ ମଝିରେ ଅନ୍ୟ କାର୍ଯ୍ୟପାଇଁ ବ୍ୟସ୍ତତା ଯୋଗୁଁ ଲେଖିବାର ନିବୃତ୍ତ ରହିବାକୁ ପଡୁଥିଲା । ଯା' ହେଉ ୧୯୮୧ ମସିହା ଶେଷ ଭାଗରେ ତାହା ସଂପୂର୍ଣ୍ଣ ହେଲା । ସଦ୍ୟ ଭଦ୍ରକରୁ ଫେରିଥିଲି ତେଣୁ ମଂଚନ ଜନିତ କାର୍ଯ୍ୟାନୁଷ୍ଠାନ ସହଜ ନଥିଲା । ପ୍ରାୟ ଛ' ବର୍ଷ ବାହାରେ ରହିବା ପରେ ୧୯୮୦ରେ ବାଲେଶ୍ୱର ଫେରିଥିଲି । ମୋର ଅନୁପସ୍ଥିତିରେ ବାସନ୍ତି କ୍ଲବ୍‌ର ସତ୍ତା ହଜି ଯାଇଥାଏ । କିନ୍ତୁ ଯୋଡ଼ିମହୁରୀ ମଂଚସ୍ଥ ହେବ କେମିତି ? ସେଥିପାଇଁ ପୁରୁଣା ବଂଧୁମାନଙ୍କୁ ପୁଣିଥରେ ଏକତ୍ର କରିବାକୁ ଲାଗିଲି । ଯା' ହେଉ ବହୁ ପରିଶ୍ରମ ପରେ ଯୋଡ଼ି ମହୁରୀ ଅଭ୍ୟାସ କାର୍ଯ୍ୟକ୍ରମ ଆରମ୍ଭ ହେଲା । ଦର୍ଶକ ମହଲରେ ବି ଗୋଟେ ଆଲୋଡ଼ନ ଖେଳିଗଲା । ଅତୀତ ମନେ ପଡ଼ିଲା, ଚାନ୍ଦା ପତ୍ର ବି ଆଦାୟ ହେଲା । ବହୁ ଶ୍ରମ ସ୍ୱୀକାର ପରେ ଶେଷରେ ୧୯୮୨ ମସିହା ମେ ୨୧ ଓ ୨୨ ଦୁଇଦିନ ଧରି ଅତି ସଫଳତାର ସସହିତ ନାଟକଟି ମଂଚସ୍ଥ ହେଲା । ସେତେବେଳକୁ ଅଭିଜ୍ଞତା ବି ବଢ଼ି ଯାଇଥାଏ । ତେଣୁ ମଂଚନ ପରେ ସମ୍ବାଦପତ୍ର ଆଦିରେ ସମ୍ବାଦ ଭାବରେ ଆଲୋଚନା ଭାବରେ ବେଶ୍ ପୃଷ୍ଠା ମଣ୍ଡନ କଲା । ପାଖ ଆଖରେ ଅନେକ ଅନୁଷ୍ଠାନ ନାଟକଟିକୁ ନିଜ ନିଜ ଅନୁଷ୍ଠାନ ଦ୍ୱାରା ମଂଚସ୍ଥ କରିବାକୁ ଚାହିଁଲେ । କଥା ଆସିଲା- ଅନେକ ନାଟକ ତ ହେଲାଣି ଏଇଟା ସବୁଠୁ ଭଲ ହେଇଛି । ତେଣୁ ପୁସ୍ତକ ଆକାରରେ ପ୍ରକାଶ ପାଇଲେ ଭଲ ହୁଅନ୍ତା । ମୋ ମନ ସେ ଦିଗରେ ଆଗଭର ହେଲା । ହେଲେ କେମିତି ହେବ । ପୁସ୍ତକ ପ୍ରକାଶନ ବିଷୟରେ ମୋର ସେତେଟା ଜ୍ଞାନ ନଥାଏ । ପ୍ରକାଶକ ଖୋଜି ଖୋଜି କଟକ ପର୍ଯ୍ୟନ୍ତ ଗଲି । ନାଟକ ବହି ପ୍ରକାଶ କରିବାକୁ କେହି ସେତେଟା ଇଚ୍ଛା ପ୍ରକାଶ କଲେନି, ଶେଷରେ ବାଲେଶ୍ୱରରେ ଏକ ନୂଆ ଛୋଟ ପ୍ରେସ୍‌ଟେ ଖୋଲିଥାଏ । ତାର ମାଲିକ ଶ୍ରୀ ରାଜକିଶୋର ମହାପାତ୍ର । ସେ ନିଜେ କଂପୋଜର, ନିଜେ ମେସିନମେନ ଓ ନିଜେ ବାଇଣ୍ଡର । ତାଙ୍କ ପାଖରେ ଯେତିକି ଅକ୍ଷର ଥାଏ ତାହା ଗୋଟିଏ ପୃଷ୍ଠା ପାଇଁ ଯଥେଷ୍ଟ ହୁଏନାହିଁ । ଯାହାହେଉ ସେ ରାଜି ହେଲେ ଧିରେ ଧିରେ ଟଙ୍କା ନେଇ ବହିଟି ଧିରେ ଧିରେ ଛାପି ଦେବେ । ସେଇଆ ହେଲା । ୧୪୪ ପୃଷ୍ଠାର ବହି ପ୍ରାୟ ଆଠମାସ ସମୟ ଲାଗିଲା ଛାପିବାକୁ । ତା' ପରେ କଭର ପୃଷ୍ଠା । ମୋର ପୂଜ୍ୟ କଳାଶିକ୍ଷକ ସ୍ୱର୍ଗତ ନିତ୍ୟନାରାୟଣ ଷଡ଼ଙ୍ଗୀ ପ୍ରାୟ ମାସେ ଲଗେଇଲେ କଭର ପୃଷ୍ଠାର ଡିଜାଇନ୍ ପ୍ରସ୍ତୁତ କରିବାକୁ । ଡିଜାଇନ୍ ହେଲା ପରେ ଓଡ଼ିଶାର ଅନ୍ୟତମ ପ୍ରଖ୍ୟାତ ଚିତ୍ରଶିଳ୍ପୀ ସ୍ୱର୍ଗତ ଉଦୟ ନାରାୟଣ ଜେନାଙ୍କ ପାଖରେ ପହଞ୍ଚିଲି । ସେ ଯା' ହେଉ ଦୟା ପରବଶ ହୋଇ ନାଟକର କଭର ପୃଷ୍ଠା ହଜାରେ ଛପେଇ ଦେଲେ । ଶେଷରେ 'ଯୋଡ଼ି ମହୁରୀ'ର ମୁଦ୍ରିତ ଛବି ୧୯୮୩ ମସିହା ଜାନୁଆରୀ ପହିଲାରେ ମୁକ୍ତିଲାଭ କଲା । ବହିଟି ବେଶ୍ ଆକର୍ଷଣୀୟ ଥିଲା । ତା' ପଛପଟ ମୋର ଏକ ଛୋଟ ଫଟୋ ଥାଇ ସଂକ୍ଷିପ୍ତ ପରିଚିତି ମଧ୍ୟ ଥିଲା । ବହିଟି ଯଦିଓ କୌଣସି ନାମଜାଦା ପ୍ରକାଶକଙ୍କ ଦ୍ୱାରା ପ୍ରକାଶିତ ହୋଇନଥିଲା ତଥାପି ଏମିତି ବିକ୍ରି ହେବାର ଚିନ୍ତାରେ ସେଥିରେ ପ୍ରାପ୍ତିସ୍ଥାନ ନାମରେ ଦୁଇଟି ବଡ଼ ଦୋକାନର ନାମ ଦିଆଯାଇଥିଲା । ବଡ଼ ଆଶ୍ଚର୍ଯ୍ୟର କଥା ମାତ୍ର ଗୋଟିଏ ମାସ ଭିତରେ ସେମାନେ ଆଠଶହ ବହି ବିକି ଦେଲେ । କିନ୍ତୁ ବିକ୍ରୀ ଲବ୍ଧ ଅର୍ଥ ମୋ ପାଖକୁ ଆସିଲା ନାହିଁ । ଦରମା ଟଙ୍କାରେ ପ୍ରେସକୁ ସୁଝିଲି । ଏହାଶୁଣି ଉଦୟବାବୁ ଦୟା କଲେ, କହିଲେ କେବଳ ବାଲେଶ୍ୱରରେ ବହି ବିକି ଦେଲେ ସାରା ଓଡ଼ିଶାକୁ ଛୁଇଁ ହେବନି । ସାରା ଓଡ଼ିଶାରେ ପ୍ରଚାର ପ୍ରସାର ପାଇଁ ତମକୁ କଟକ ଯିବାକୁ ପଡ଼ିବ । ମୁଁ ତାଙ୍କ କଥାରେ ରାଜି ହୋଇ କଟକ ଗଲି । ସେ ମଧ୍ୟ ସମୟ ଦେଇ ଅନେକ ବହି ଦୋକାନୀ ତଥା ପ୍ରକାଶକଙ୍କ ସହ ସାକ୍ଷାତ କରାଇ ପରିଚିତ କରାଇଲେ । ବିଶେଷ କରି 'ସାଥି ମହଲ'ର ମାଲିକ ଯିଏକ ବହି ପ୍ରକାଶକ ଓ ବିକ୍ରେତା ସଂଘର ସଭାପତି ଥିଲେ ସ୍ୱର୍ଗତ ରାଧାଶ୍ୟାମ ମହାନ୍ତିଙ୍କ ବଦାନ୍ୟତା ମୋତେ ଅନେକ ସାହାଯ୍ୟ କରିଥିଲା । ସେ ମୋଠୁ 'ଯୋଡ଼ିମହୁରୀ' ବହିତକ ନେଇ ସାରା ଓଡ଼ିଶାର ବହି ଦୋକାନକୁ ଯୋଗାଇ ଦେଲେ । ସେମିତି 'ଜଗନ୍ନାଥ ରଥ' ମଧ୍ୟ ଯୋଡ଼ିମହୁରୀ ପ୍ରସାରରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ବହି ବଦଳରେ ବହି ଆଣି ମୁଁ ବାଲେଶ୍ୱରରେ ସ୍କୁଲ ପାଠାଗାରକୁ ଯୋଗାଇ ଦେଇ କିଛି ଟଙ୍କା ମଧ୍ୟ ପାଇଲି । ଯୋଡ଼ି ମହୁରୀ ଯେତିକି ଛାପିଥିଲି ତାହା ପ୍ରାୟ ଛ'ମାସ ଭିତରେ ସରିଗଲା । ଦ୍ୱିତୀୟ ସଂସ୍କରଣ ପାଇଁ ମନ ବଳାଇଲି । ଯୋଡ଼ି ମହୁରୀର ଲୋକପ୍ରିତାରେ ପ୍ରଭାବିତ ହୋଇ ରଘୁନାଥ ପ୍ରେସ୍ ମଧ୍ୟ ଆଗକୁ ବଢ଼ିବାରେ ଲାଗିଲା । ତେଣୁ ସେ ବିନାଦ୍ୱିଧାରେ ଦ୍ୱିତୀୟ ସଂସ୍କରଣ ଛାପି ଦେଲେ । ଦ୍ୱିତୀୟ ସଂସ୍କରଣ ମଧ୍ୟ ବେଶ ଦ୍ରୁତ ଗତିରେ ବିକ୍ରି ହେଲା । କହିବା ବାହୁଲ୍ୟ ଓଡ଼ିଶାର ଗ୍ରାମେ ଗ୍ରାମେ ଯୋଡ଼ି ମହୁରୀ ସଫଳତାର ସହ ମଂଚସ୍ଥ ହେବାର ସମ୍ବାଦମାନ ଖବର କାଗଜରେ ପ୍ରକାଶିତ ହେଲା । ପୋଷ୍ଟ କାର୍ଡରେ ଚିଠି ଆସିଲା, ଏମିତିକି ଅନେକ ଶୁଭେଚ୍ଛୁ ମୋର 'ପରବର୍ତ୍ତୀ ନାଟକ କଣ' 'କେବେ ବାହାରିବ' ଆଦି ପଚାରି ପଚାରି ମୋତେ ବେଦମ୍ କରି ପକେଇଲେ । ସେତେବେଳେ ଅବଶ୍ୟ ମୋର ଫୋନ ନଥାଏ । ମୋବାଇଲ ତ ବାହାରି ନଥାଏ । ଲୋକେ ପଚାରି ପଚାରି ରଘୁନାଥ ପ୍ରେସ୍‌ରେ ଏପରିକି ମୋ ଘରେ ପହଞ୍ଚି ବହି ନେବା ପାଇଁ ପ୍ରୟାସ କରିଥିଲେ । ଥରେ ସୁଦୂର କୋରାପୁଟରୁ ଜଣେ ଭଦ୍ରଲୋକ ମୋଠୁ ବହି ନେବାପାଇଁ ଘରେ ପହଞ୍ଚିଲେ । ବହି ତ ବାହାରି ନଥାଏ, ବାହାରିଲେ ପଠେଇ ଦେବି ବୋଲି ପ୍ରତିଶ୍ରୁତି ଦେବାରୁ ସେ ମୋ ଡାଇରିରେ ତାଙ୍କ ନାମ ଠିକଣା ଲେଖି ଦେଇଗଲେ । ବାସ୍ତବରେ 'ଯୋଡ଼ି ମହୁରୀ' ମୋତେ ନାଟ୍ୟକାରର ପରିଚିତି ପ୍ରଦାନ କରିଛି । (କ୍ରମଶଃ)

## ଧାରାବାହିକ ଉପନ୍ୟାସ

# ଉଚ୍ଛଳ ଉପତ୍ୟକା

ଭାଗ-୧୭

ସୁକାନ୍ତି ନନ୍ଦ

♥ ଗୁଡ଼ିଆ ସାହି, ପୁରୀ-୭୫୨୦୦୧
ମୋ : ୮୩୩୯୦୦୨୬୫୮



**ସତରେ ଗୋଳମାଳିଆ ଲାଗୁଛି...ଏ ସମୟ । ଭାଗ୍ୟ କି ଭଗବାନ... କାହା ଉପରେ ଆସ୍ଥା ରଖିହେଉନି । ଦୁଇଟି ପ୍ରିୟ ମଣିଷଙ୍କ ଛିନ୍‌ଛତ୍ର ପରିସ୍ଥିତିକୁ ଭାବିଲେ ଛିଃ ଲାଗୁଛି ଘର...ସଂସାର, ଭାଗ୍ୟ ଓ ଭବିଷ୍ୟତ । ଆମ୍ଭ ବିଶ୍ୱାସ ତ ଧିମେଇ ଗଲାଣି । ଭଗବତ୍ ବିଶ୍ୱାସ ଉପରେ ବି ଆଉ ଆସ୍ଥା ନାହିଁ । ଯାହା ଘଟିବ...ପୂର୍ବ ଭଳି ହିଁ ଘଟିବ । ଲୁହ ଭିଜା ଆଖି ଆଉ କୋହ ଭର୍ତ୍ତି ଛାତିରେ ସବୁ ଅଭାବବୋଧକୁ ଜାକି ନେଇ ଚୁପ୍‌ଚାପ୍ ରହିବାକୁ ପଡ଼ିବ ।**

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଏଭଳି ହଁ ନାହିଁର ପରିସ୍ଥିତିକୁ ନେଇ ସମୟ ଗଡ଼ିଚାଲିଲା । ଆସ୍ତେ ଆସ୍ତେ ମା ଜାଣିପାରିଲେ - ଲେଖା ନାନୀ ସଞ୍ଜୟ ଭାଇଙ୍କୁ ଭଲ ପାଆନ୍ତି । ସଂକଳ୍ପ କରିଛନ୍ତି ବାହାହେବାପାଇଁ ।

ପ୍ରଥମେ ତ ମା' ସ୍ତବ୍ଧ ଚକିତ ହେଇଯାଇଥିଲେ ଏ ବ୍ୟାପାର ଜାଣି । ହେଲେ ବାପା ବୁଝେଇ ସୁଝେଇ ତାଙ୍କୁ କହିଥିଲେ - ସଞ୍ଜୟ କୁ ଲେଖା ଖୁବ୍ ମାନିବ । ଦୁହେଁ ପାଠପଢୁଆ । ସଞ୍ଜୟ ଭଲ ଚାକିରୀ କରିଛି, ଏଣୁ ଲେଖାକୁ ବି ସେ ଚାକିରୀ କରିବା ପାଇଁ ମନା କରିବନି । ତମେ ଶରତ ଓ ଶୋଭାଙ୍କୁ ଡାକି ଏ ବିଷୟରେ ଜଣାଅ ।

ସେଦିନ ମାମୁ ମାଇଁ ଆସିଲେ ସିନା ହେଲେ ଆସିଲା ଭଳି ନୁହେଁ । ମାମୁ ମୁହଁ ଫଣଫଣ କରି ବସିଲେ । ଉଗ୍ରରୂପ ଧାରଣ କରି ମାଇଁ ଅନର୍ଗଳ ଗାଇଦେଇ ଗଲେ - ତମେ କେମିତି ଭାବିପାରିଲ ସରିତା...ସଞ୍ଜୟକୁ ଲେଖା ସାଙ୍ଗରେ ବାହାଦେବା ପାଇଁ ? ତମ ମୁଣ୍ଡ କଣ ଖରାପ ହେଇଯାଇଛି ? ବଡ଼ ଚାକିରିଆ ପୁଅ ମୋର, ସେ ଅଲକ୍ଷଣା ଘରେ ବାହାହେବ । ଯୋଉ ଘରେ ମା' ଓ ଭାଇ ନାହାନ୍ତି ତ ବାପା ବୋଲି ଯିଏ ଅଛନ୍ତି ସିଏ ପୁଣି ଅପଙ୍ଗ ! ଅଲକ୍ଷଣୀ ଝିଅଟା ଆମ ଘରକୁ ଆସିଲେ ଖିନ୍‌ଭିନ୍ କରିଦେବ ସବୁ ପରିସ୍ଥିତି ! ଛାଡ଼ଛାଡ଼ ଏ ପ୍ରସଙ୍ଗକୁ ଆଉ ଲମ୍ବାଅନି କି ଆମକୁ ବାଧ କରନି, ତମ ମନମୁତାବକ କିଛି କରିବାପାଇଁ ।

ଅପମାନ ଓ ଦୁର୍ବ୍ୟବହାର ପାଇବା ସତ୍ତ୍ୱେ ମା' ନେହୁରା ହେଲାଭଳି କହିଥିଲେ - ଭାଉଜ ଲେଖା ଭଲ ଝିଅ, ଭଲ ପଢ଼େ ବି ସେ । ଅଳ୍ପଦିନ ଭିତରେ ଚାକିରୀଟିଏ ବି ପାଇଯିବ । କୋଉଠି କଣ ଅଭାବ ରହିଲା ଯେ ତା'ଠି... ତମେ ବୋହୂ କରିବା ପାଇଁ ଅମଙ୍ଗ ହେଉଛ ? ସଞ୍ଜୟକୁ ପଚାରି ତା ପସନ୍ଦକୁ ବିଚାର କର ।

: ସଞ୍ଜୟ ମୋ ପୁଅ ନା ତମ ପୁଅ ? ମୁଁ ଯାହା କହିବି ସେ ମାନିବ ହିଁ ମାନିବ । ତମ ଭାଇ ବି ଏ ପ୍ରସ୍ତାବରେ ରାଜି ନୁହଁନ୍ତି । ଏଣୁ ବାରମ୍ବାର ତମେ ଏ ମାମଲାକୁ ନେଇ ଆମକୁ ବ୍ୟସ୍ତ ବିବ୍ରତ କରନା । ମୋ ପୁଅ ପାଇଁ କେତେ ବଡ଼ବଡ଼ ପ୍ରସ୍ତାବ ଆସୁଛି ।

ମାଇଁ ବକ୍‌ବକ୍ ହେଇ ଯେତେ ଅପମାନ ଦେଲେ, ମାମୁ ଚୁପ୍ ରହି ମଧ ଭିତରେଭିତରେ ତା'ଠୁ ଅଧିକ ଆଘାତ ଦେଇଥିଲେ ମା'ଓ ବାପାଙ୍କୁ । ସେମାନଙ୍କ ବ୍ୟବହାର ଓ ଚାଲିଚଳଣିରେ ସାରା ଅବହାୱା ବିଷାକ୍ତ ତ ପ୍ରତିଟି ଅମ୍ବା କୋହ ଲୁହରେ ଚୁନାଚୁନା ହେଇଯାଉଥିଲେ ।

ରାଗ ଆଉ ଅପମାନରେ ମା' ଥରୁଥିଲେ । ଅନେକ ସମୟଧରି ନୀରବ ଚୁପ୍ ପଡ଼ିଯାଇଥିବା ବାପା ମାମୁ ଓ ମାଇଁଙ୍କୁ ତାଚ୍ଛଲ୍ୟ କଲାଭଳି କହିଲେ - ଯାହା କହିଲ ଖୁବ୍ ଭଲ କହିଲ । ସମସ୍ୟାର ସମାଧାନ ତ କେବଳ ତମେମାନେ ହିଁ କରିପାର ନା ! ଆମେମାନେ ତ ମୂର୍ଖ, ନିର୍ବୋଧ । ଯୁକ୍ତିତର୍କ କରିଆସେନି ଆମକୁ । ଏଣୁ ତମମାନଙ୍କ ନିଷ୍ପତ୍ତି ଆମେ ମାନିବାକୁ ବାଧ । ହେଲେ ସବୁ ସମୟ ଏକାଭଳି ଆସେନି, ଜାଣିଥାଅ । କଳିତକରାଳ ବନ୍ଦ୍ କରି ଏଥର ବିଦାୟ ନିଅ । ଶାନ୍ତିରେ ରହିବାକୁ ଦିଅ ଆମକୁ ।

ଥିଲେଥିଲେ ମା' ଝପଟି ଆସି ଆଖିତରାଟି ଚିତ୍କାର କରି କହିଲେ - ଆଜିଠୁ ତମ ଆମ ଭିତର ସଂପର୍କ କଟିଗଲା ବୋଲି ଜାଣିଥାଅ । ଛିଃ ଏତେ କୁଟୀଳମନା ହେଇଯାଇଛ ତମେମାନେ... । ପବିତ୍ର ବନ୍ଧନକୁ ଚୁର୍‌ମାର୍ କରିବା କଣ ତମର ଧର୍ମ ! ଯାଅ...ଯାଅ ଏ ଘରୁ ବାହାରିଯାଅ । ତମଭଳି ଅନ୍ୟାୟୀମାନଙ୍କୁ ଆମ ଘର ମାଟି ବି ଛିଡ଼ା କରେଇବାକୁ କୁଣ୍ଠିତ ହେଉଛି । କେତେକଣ କରୁଛ କର । କେତେ କଣ କହୁଛ କୁହ । ସମୟ ଆସିବ ନିଜେ ବୁଣିଥିବା ଜାଲରେ ଛନ୍ଦିହେଇ ନିଜେ ହିଁ ଛଟ୍‌ପଟ୍ ହେବ ହିଁ ହେବ, ଏଇ ମୋର ଅଭିଶାପ ।

ଏତେ ସବୁ ଶୁଣି ତ ମୁଁ ନିଜକୁ ନିଜେ ସମ୍ଭାଳି ପାରୁନଥିଲି । ଭିତରେ ଭିତରେ ଚୂରି ହେଇଯାଉଥିଲି... ଇଚ୍ଛା କରୁଥିଲି, ଯୋଉମାନେ ଏଭଳି ବିଷାକ୍ତ ପରିସ୍ଥିତି ସୃଷ୍ଟି କଲେ ପୁଣି ପାରିବାରିକ ସମ୍ପର୍କ ଉପରେ ନେସିଦେଲେ ଗାଢ଼ ଅନ୍ଧାର - ସେମାନଙ୍କୁ ଦଳିଚକଟି ମାଟିରେ ମିଶେଇଦେବା ପାଇଁ ।

ସମୟ ଓ ପରିସ୍ଥିତିକୁ ମନରେ ନଆଣି ମାନସୀ ଗୁଡ଼େ ବକର ବକର ହେଇ ହାଲିଆ ଦିଶିଲା । ତଥାପି ସେ ଚାହୁଁଥିଲା ଆଉ କେତେ କଣ କରିବାକୁ । ଯେମିତିକା ତା ହୃଦୟରେ ଚକାଭଉଁରୀ ଖେଳୁଥିବା କଦର୍ଯ୍ୟ ଅନୁଭୂତିମାନଙ୍କୁ ସେ ଟାଣିଟାଣି ବାହାରକୁ ନେଇଆସନ୍ତା ! ଜବରଦସ୍ତ ଘୋଷାରିଘୋଷାରି ନେଇଆସିଲା ବି ସେ - ଯାହା ଉଗାଳିବାକୁ ଚାହୁଁଥିଲା । ଅପେକ୍ଷା ନକରି ମୁଁ ପଚାରିଲି - ଗରମ ହାୱା ଭଳି ମା'ଙ୍କ ଗାଳିଗୁଲ୍ଲଜ ଶୁଣି ମାଇଁ ଦବିଯାଇଥିଲେ ନା ପୂର୍ବଭଳି ଉଦଣ୍ଡ ନୃତ୍ୟ କରୁଥିଲେ ? ଆଚ୍ଛା ସଞ୍ଜୟ ଭାଇ ଓ ଲେଖା ସେଠି ତ ଉପସ୍ଥିତ ଥିବେ ?

: ହଁ...ହଁ ସାମନା ସାମନି ବସିଥିଲେ ସେ ଦୁହେଁ, ହେଲେ ନିଜକୁ ନିଜ ଭିତରେ ଜାକିଜୁକି ଦେଇ । ଦୁଇପକ୍ଷର ବାକ୍‌ବିତଣ୍ଡାକୁ ଶୁଣୁଥିଲେ ତ ସେ ଜନିତ ଉଦଣ୍ଡ ଅଭିନୟ ବି ଦେଖୁଥିଲେ ହେଲେ ଛୋଟ ଶବ୍ଦଟିଏ ବି ହକାଳିବାକୁ ସାହସ ନଥିଲା ସେମାନଙ୍କ ଠାରେ ।

: ତା'ପର ପରିସ୍ଥିତି ପୁଣି କ'ଣ ହେଲା ? ମାମୁ ମାଇଁ ଯିବାପରେ ନିରବୀ ଯାଇଥିବା ଏ ଘର ତ ତମମାନଙ୍କୁ ମାଡ଼ିମାଡ଼ି ପଡ଼ିଲା ଭଳି ଲାଗିଥିବ !

: ଲାଗିଥିଲା... । ଲେଖାନାନୀ ତମ ରୁମ୍‌କୁ ଯାଇ ଗୁଡ଼ାଏ କାନ୍ଦିଥିଲେ । ମୁଣ୍ଡରେ ହାତଦେଇ ବସିପଡ଼ିଲେ ପିଇସା । ମା' ବାପା ଯେତେ ଅଟକେଇଲେ ବି ସେମାନେ ହାତ ଧରାଧରି ହେଇ ଚାଲିଗଲେ ତାଙ୍କ ଘରକୁ । ହେଲେ...।

: ହେଲେ... ପୁଣି କ'ଣ ? ଶୀଘ୍ରଶୀଘ୍ର କହ ମାନସୀ, ନହେଲେ ମୋର ବି କଣ ନାହିଁ କଣ ହେଇଯିବ ।

: କହିବାକୁ କଣ ଆଉ ବାକି ଅଛି ଯେ..., ସେଇ ଯେ ପିଇସା ଆଉ ଲେଖାନାନୀ ଘରକୁ ଗଲେ, ହେଲେ ସର୍ବନାଶର ଅବଶିଷ୍ଟ ଅଂଶ ଗୋଡ଼େଇଗୋଡ଼େଇ ପିଇସାଙ୍କୁ ଶେଷ କରିଦେଲା ଠିକ୍ ସେଇ ରାତିରେ । ବୋଝବୋଝ ଦୁଃଖ ଯନ୍ତ୍ରଣାକୁ ବୋହିବା ପାଇଁ ପିଇସାଙ୍କର ଶକ୍ତି କି ସାହସ ନଥିଲା । କାରଣ ଧୋକାବାଜ୍ ପୁଅମାନଙ୍କ ପାଇଁ ତାଙ୍କ ମେରୁଦଣ୍ଡ ବଙ୍କା ହେଇଯାଇଥିଲା ଅନେକ ଦିନ ତଳୁ । ସ୍ତ୍ରୀ ବିୟୋଗ ସମସ୍ତ ଶକ୍ତି ଓ ସାହସକୁ ଚୁର୍‌ଚୁର୍ କରିଦେଇଥିଲା । ସାହା ଭରସା ଭାବେ ଏକମାତ୍ର ଝିଅଟିର ଅଙ୍କାବଙ୍କା ଭାଗ୍ୟରେଖାକୁ ଦେଖି ସେ ସାଙ୍କୁଡ଼ି ଯାଇଥିଲେ । ଅବଶେଷରେ ବିଶ୍ୱାସହୀନ ଏ ପୃଥିବୀରୁ ଆସ୍ଥା ହରେଇ ଆଖି ବୁଜିଦେଇଥିଲେ ଚିରଦିନ ପାଇଁ ।

ଏତେ ଘଟଣା ଘଟିଗଲା... ବିୟୋଗାତ୍ମକ ନାଟକଟିଏ ମଞ୍ଚସ୍ଥ ହେଇ ସରିଗଲା, ଅଥଚ ମତେ କେହି କିଛି ଜଣେଇନଥିଲେ କାହିଁକି ? ଏତିକି କେବଳ ମୁଁ ଜାଣିଥିଲି ଯେ, ବହୁ ଯନ୍ତ୍ରଣା ଦେଇ ପୁଅମାନେ ଘର ପରିବାରଠାରୁ ଦୂରେଇଯିବା ପୁଣି ସେଇ ଅପମାନବୋଧରେ ସ୍ତ୍ରୀଙ୍କ ଅକସ୍ମାତ୍ ମୃତ୍ୟୁ, ପିଇସାଙ୍କୁ ମରଣ ମୁହାଁ କରିଥିଲା । ତା' ପରଠାରୁ ଲେଖା ଆସି ରହିଲା ଆମଘରେ ଯେ ଏ ପର୍ଯ୍ୟନ୍ତ ବି ଅଛି । କିନ୍ତୁ ଯା ପଛରେ ବହୁ କାରଣକୁ ନେଇ ଲମ୍ବା ଇତିହାସଟିଏ ଲୁଚି ରହିଛି... ମୁଁ ଜାଣିନଥିଲି । କେହି ବି ମତେ ଜଣେଇ ନଥିଲେ ଏ ସଂକ୍ରାନ୍ତରେ କିଛି କଥା କି କିଛି ସେ ଜନିତ ଘଟଣା । ଏମିତିକି ସଞ୍ଜୟ ଭାଇ ଯେ ଲେଖାକୁ ପସନ୍ଦ କରେ, ଇଚ୍ଛାକରେ ତା ସହିତ ଏକ୍ ହେବାପାଇଁ ସେ କଥା ବି ମୁଁ ଜାଣିନଥିଲି ।

ଏବେ ଶୁଣୁଛି ବିଭିନ୍ନ କାରଣରୁ ଲମ୍ବା ବ୍ୟବଧାନରେ ଲେଖା ଓ ସଞ୍ଜୟ ଭାଇ ରହିଯାଇଥିଲେ ବିପରୀତ ଦିଗକୁ ମୁହଁକରି । ହେଲେ ବେଶୀ ଦିନ ସଞ୍ଜୟ ଭାଇ ରହିପାରିନଥିଲା । କାରଣ ତା ସାମ୍ନାର ଚଳମାନ ସମୟ ହଠାତ୍ ଅଟକି ଯାଇଥିଲା କାଳଖଣ୍ଡ ପାଖରେ । ଏଣୁ ଥମି ଯାଇଥିଲା ତା ବେପରୁଆ ଉଡ଼ାଣ । କକ୍ଷଚ୍ୟୁତ ହେଇଗଲା ତା ସମସ୍ତ ସ୍ୱପ୍ନ, ସଂକଳ୍ପ ଓ ସଂଭାବନା । କିଛି ତ ଆଉ ମହଜୁଦ୍ ନଥିଲା ତାକୁ ସାହସ ଓ ଉତ୍ସାହ ଦେବାକୁ । କେହି ବି ତା ପାଖରେ ନଥିଲେ ଭଲ ମନ୍ଦ ବୁଝିବାକୁ । ଯୋଉମାନେ ଥିଲେ - ଘାତକ ସାଜିଥିଲେ ତା ପବିତ୍ର ପ୍ରେମକୁ ହତ୍ୟା କରିବାପାଇଁ । ଏଣୁ ଚାଲିଗଲା ସେ - ବନ୍ଧନ ତୁଟେଇ ସବୁଦିନ ପାଇଁ । ଠିକ୍ ସେଇଦିନରୁ ହିଁ ତାକୁ ଝୁରିଝୁରି ଅତି ଆତ୍ମୀୟ ଆତ୍ମାଟିଏ ଛିଃ କରିଦେଲା ସାରା ସଂସାରକୁ । ବଞ୍ଚିବାକୁ ପୁଣି ଜୀବନ ମରଣକୁ ନିୟନ୍ତିତ କରୁଥିବା ଈଶ୍ୱରଙ୍କୁ ।

ମାନସୀ କହୁଥିଲା - ସଞ୍ଜୟ ଭାଇଙ୍କ ମୃତ୍ୟୁ ପରଠାରୁ ଲେଖା ନାନୀ ଜୀଅନ୍ତା ଶବଟିଏ ପାଲଟିଗଲେ । ଖାଇବା ପିଇବା ଏକ୍‌ବାର ଭୁଲିଗଲେ । କି ରାତି କି ଦିନ ଜମାରୁ ଶୋଇଲେନି ସେ । ପସନ୍ଦ କଲେନି କାହା ସହିତ କଥାବାର୍ତ୍ତା ହେବାପାଇଁ । ଏମିତିକି ଯୋଉ ଲୁଲା ତାଙ୍କର ଗଣ୍ଠିଧନ ଥିଲା ତା' ପ୍ରତି ବି ସେ ଆକୃଷ୍ଟ ହେଲେନି । ବାପା ମା ପୂର୍ବ ଅବସ୍ଥାକୁ ତାଙ୍କୁ ଫେରେଇଆଣିବା ପାଇଁ ଯଥେଷ୍ଟ ଚେଷ୍ଟାକଲେ, ହେଲେ ଲେଖାନାନୀ ଆଙ୍ଗୁଳେବି ଟଳିଲେନି ତାଙ୍କ ଜିଦ୍‌ରୁ । ବରଂ ବାରମ୍ବାର କହି ବୁଲିଲେ - ଅଲକ୍ଷଣୀ ମୁଁ... ବାପା ମା'ଙ୍କୁ ହରେଇଲି । ଉଚିତ୍ ଶିକ୍ଷା ନଦେଇ ଦେଶାନ୍ତର କରିଦେଲି ସାନଭାଇମାନଙ୍କୁ । ମନ ହୃଦୟ ଦେଲି ଯାହାକୁ ତାଙ୍କୁ ବି ଯମଦ୍ୱାରକୁ ପଠେଇ ଦେଲି । ମତେ କିଏ କାହିଁକି କହିବ ଭଲଝିଅଟିଏ ବୋଲି ମୁଁ ! ସେ ଜନିତ କିଛି ବି ବଳିଷ୍ଠ ସଞ୍ଜା ମୋ ସପକ୍ଷରେ ନାହିଁ । ପୃଥିବୀର ସବୁଠୁ ଖରାପ ଝିଅ ମୁଁ । ଏତେ ଖରାପ ଯେ ମୋ ଘର ଶୂନ୍ୟ ହେଇଯାଇଛି କେବଳ ମୋ ପାଇଁ । ମୋ ପାଇଁ ବି ଅନେକ କଷ୍ଟ ଭୋଗିଲେଣି ତମେମାନେ । ଏଣୁ ମୁଁ ହିଁ ମୋ ବାଟ ବାଛି ନେବି... ପ୍ରତ୍ୟେକ ସମସ୍ୟାରୁ ସମସ୍ତଙ୍କୁ ମୁକ୍ତ କରି ।

ସେଇଦିନଠୁ ତ ଲେଖା ନଖାଇ ନପିଇ ପୁଣି ନଶୋଇ ଆସ୍ତେଆସ୍ତେ ରୋଗାକ୍ରାନ୍ତ ହେଇଗଲା । ତାକୁ କୋଳେଇ କାଖେଇ ଯେତେ ଚେଷ୍ଟା କଲେ ବି ଔଷଧ ଖୁଆଇବାରେ ମା ବାପା ହାରିଗଲେ । ଅନୁନୟ ବିନୟର ପ୍ରଶ୍ନ ଉଠିଲାମାତ୍ରେ ସେ ନେହୁରାହେଇ କହୁଥିଲା - ମତେ ବାଧ କରନି । ବରଂ ମୋ ଭଳି ଗୋଟେ ଖରାପ... ଅତି ଖରାପ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କର । ମୁଁ ବଞ୍ଚିରହି କଣ କରିବି ? ଆଉ କେତୋଟି ଜୀବନ ମୋ ଦ୍ୱାରା ହନ୍ତସନ୍ତ ନହୁଅନ୍ତୁ... ଏତିକି ହିଁ ମୋ ପ୍ରାର୍ଥନା ।

ଔଷଧ ନଖାଇ ଶରୀର ତା'ର କ୍ଷୀଣ ହେଲା ଆସ୍ତେଆସ୍ତେ । ଭିତରେ ବଢୁଥିବା ଘାଆଟି କ୍ୟାନ୍‌ସରର ରୂପନେଲା ମୃତ୍ୟୁକୁ ଆଖି ଆଗରେ ରଖି । ଡାକ୍ତର ପରାମର୍ଶ ଦେଲେ ଅପରେସନ୍ ନିହାତି ଜରୁରୀ । ତା'ପରେ ହୁଏତ ସେ ଆରୋଗ୍ୟ ଲାଭ କରିପାରିବେ ।

କିନ୍ତୁ ତା ଜିଦ୍‌ରେ ସେମିତି କିଛି ହେଇପାରିଲାନି । ଗୋଡ଼ ହାତ ଧରି ମା ବାପା କେବଳ ବଞ୍ଚିବା ପାଇଁ ତାକୁ କିଛି ଔଷଧ ଜବରଦସ୍ତ ଖୁଆଉଥିଲେ । ଜାକି କୁଣ୍ଢେଇ ମା' ତାକୁ କହୁଥିଲେ - ତତେ ମୋ ପାଖରୁ ଦୂରେଇ ଦେବିନି ଲୋ ଝିଅ ! ଶେଷ ସମୟ ଯାଏଁ ମୁଁ ଲଢ଼େଇ କରିବି ବିଧାତା ସହିତ । ମୋ ସାମ୍ନାରେ ତୁ' ଚାଲିଯିବୁ ସମ୍ଭାଳି ପାରିବି ତ ମୁଁ ! କିଛି ହେବନି ତୋର । ପୂର୍ବଭଳି ତୁ ଠିକ୍‌ଠାକ୍ ହେଇଯିବୁ । ମୁଁ ତ ତେତିଶିକୋଟି ଦେବତାଙ୍କୁ ପ୍ରାର୍ଥନା କରୁଛି - ଆଜିଯାଏଁ ବନ୍ଦ୍ ରହିଥିବା ତମ ଘର ଆଲୁଅରେ ଚମ୍‌କୁ ବୋଲି । ସୁଧୀର ସୁଦୀପ୍ ଫେରିଆସି ଘରକୁ ମନ୍ଦିର କରିଦିଅନ୍ତୁ । ନିଶ୍ଚୟ... ନିଶ୍ଚୟ ପୂର୍ଣ୍ଣହେବ ମୋ ମନସ୍କାମନା । ହେଲେ ତୁ ମୋ କଥା ମାନିବୁ ତ ? (କ୍ରମଶଃ)

## ଅନୁବାଦ ଗଳ୍ପ

# ଦୁଇଟି ଅନୁବାଦ ଗପ



ଅନୁବାଦ- ବିନୟ କୁମାର ଦାସ

### ବାହାଘର ପ୍ରୋସେସନ

ମୂଳହିନ୍ଦୀ- ରମେଶ ଗୌତମ

ଚାଲିଥିଲା ବାହାଘର ପ୍ରୋସେସନ୍ । ଦାମୀ ସୁଟ୍ ବୁଟ୍ ଆଉ ଆଖି ଝଲସି ଦେଉଥିବା ପାଇଜାମା ପଞ୍ଜାବୀ ପିନ୍ଧି ବରଯାତ୍ରୀଦଳ ମନ ମଉଜ ଆଉ ବେପରୁଆ ଢଙ୍ଗରେ ଚାଲୁଥାଆନ୍ତି, ଝୁମୁଥାଆନ୍ତି ଆଉ ନାଚୁ ଥାଆନ୍ତି ବି । ସବା ପଛରେ ଚାଲିଥାଏ ପିଲାଟିଏ । ଦୁର୍ବଳ ଶରୀର, ଛିଣ୍ଡା ପେଣ୍ଟ୍ ଜାମା । ତା ମୁଣ୍ଡରେ ରହିଥାଏ ପେଟ୍ରୋମାକ୍ସ ଲାଇଟ୍ । ହଁ, ସେ ଥିଲା ଭଡାଟିଆ ଲାଇଟ୍ ବୟ । ବୟସ ମାତ୍ର ଏଇ ଦଶ କି ଏଗାର ।

ହଠାତ୍ ଜଣେ ବରଯାତ୍ରୀ ସେହି ପିଲା ଗାଲରେ ପଟାସ୍ କିନା ଚାପୁଡାଟିଏ ମାରି କହିଲା , 'ଶଃ, ସମସ୍ତଙ୍କ ପଛରେ ଚାଲିଛୁ ? ଗୋଡରେ କଣ ପିମ୍ପୁଡି କାମୁଡୁଛି କି ବେ.. ? ଦେଖି ପାରୁନୁ ଆମେ ଡ୍ୟାନ୍ସ କରୁଚୁ, ଆଉ ତୁ ଶଃ ଲାଇଟକୁ ରଖିବୁ ପଛରେ ? ଆମେ କଣ ଅନ୍ଧାରରେ ନାଚିବୁ ?' ଛାତ ଉପରେ ଛିଡା ହୋଇ ବାହାଘର ପ୍ରୋସେସନ୍‌ର ଚାକଚକ୍ୟ ଦେଖୁଥିବା ଯୁବତୀଝିଅ ମାନଙ୍କୁ ଲକ୍ଷ୍ୟ କରି ନିଶାରେ ଚୁର୍ ହୋଇଯାଇଥିବା ସେହି ଟୋକାଟା କହୁଥିଲା । ଟିକିଏ ପାଖରେ ଥିବା ଜଣେ ବୁଢା ଲୋକ ଏମାନଙ୍କ ପାଖକୁ ଚାଲିଆସିଲା । ସେ ବି ମୁଣ୍ଡେଇଥିଲା ଏକ ଲାଇଟ୍ । କହିଲା , 'ଛାଡନ୍ତୁନା ବାବୁ, ଛୋଟ ପିଲାଟିଏ .. । ତାପରେ ସେ ଏ କାମକୁ ନୂଆ । ପୂରା କାମ ଶିଖି ନାହିଁ । ପୁଣି ତା ଦେହ ଆଜି ଭଲ ନାହିଁ । ମନା କରୁଥିଲା ଆସିବା ପାଇଁ । ଲୋକ ମିଳୁ ନାହାନ୍ତି ତ, ତେଣୁ ତାକୁ ଜୋର କରି ନେଇ ଆସିଚୁ । ତାକୁ ଭୋକ ବି ହେଲାଣି ।'

'ତ ଆମେ କଣ କରିବୁ ? ତାକୁ ଆଣି ଖୁଆଇ ଦେବୁ କି ଏଇନା ? ଆବେ ହେ, ଜାଣିଚୁ ଏଇଟା କାହାର ବାହାଘର ? ସହରର ନାମଜାଦା ଏଡଭୋକେଟ୍ ସିହ୍ନାବାବୁଙ୍କ ସୁପୁତ୍ରର ବାହାଘର । ବରଯାତ୍ରୀ ଦଳରେ ଆଜେବାଜେ ଲୋକ ନୁହେଁ, ସମାଜର ବିଶିଷ୍ଟ ଗଣମାନ୍ୟ ବ୍ୟକ୍ତି ବିଶେଷ ସାମିଲ ହୋଇଛନ୍ତି । ଆଉ ଏ ଶଃ.... ଏମିତି । ତୁ ପୁଣି ତା ପଟ ନେଇ କଥା କହୁଚୁ ?' ପିନ୍ଧିଥିବା ଜାମାର କଲାର ଉପରକୁ ଟେକି ଦେଇ ଆଉ ଥରେ ବାଲକୋନୀକୁ ଚାହିଁଲା ସେ, ହୁଏତ ଦେଖୁଥିଲା ସେହି ସୁନ୍ଦରୀ ଯୁବତୀ ଝିଅମାନେ ତଥାପି ସେଠି ଛିଡା ହୋଇଛନ୍ତିକି ନାହିଁ । କହିବା ବାହୁଲ୍ୟ ଯେ ସେତେବେଳକୁ ପ୍ରାୟ ସବୁ ବରଯାତ୍ରୀ ସେହି ବାଲକୋନୀ ଆଡକୁ ହିଁ ଅନାଇ ରହିଥିଲେ ବେଶ୍ ଲୋଭାତୁର ଆଖିରେ ।

ବୁଢାଜଣକ ବରଯାତ୍ରୀଦଳକୁ ଭଲ କରି ଦେଖିଲା । ତାପରେ ସେହି ପିଲାର ଗାଲକୁ ଆଉଁସି ଦେଇ କହିଲା, 'ଚାଲ ପୁଅ, ଆଗେଇ ଚାଲ ।'

### ମୁଁ ଚୋରୀ କରିନାହିଁ ମାଆ

ମୂଳହିନ୍ଦୀ- ଅଞ୍ଜୁ ଖରବନ୍ଦା

ପଟାସ୍ ।

ବୁଲୁ ଗାଲରେ ମାଆ ଖୁବ୍ ଜୋରରେ ଚାପୁଡା ମାରିଲେ ।

ବଦମାସ...ଚୋରୀ କରିଲୁ ଶେଷରେ ?

ମାଆ....ଗାଲ ଆଉଁସୁ ଆଉଁସୁ କାନ୍ଦିକାନ୍ଦି କହିଲା ଦଶବର୍ଷର ପୁଅ ବୁଲୁ ।

ଚୁପ୍...ଖବରଦାର ଆଉ ଥରେ ଯଦି ତୁ ମୋତେ ମାଆ ବୋଲି ଡାକିଛୁ ।

ମୋ କଥା ଶୁଣ ମାଆ..

କଣ ଆଉ ଶୁଣାଇବୁ ତୁ ? ମୋ ଭାଗ୍ୟ ତ ଖରାପ । ବାପ ତ ଦିନରାତି ମଦ ପିଇ ମାତାଲ । ବଡପୁଅ ଜୁଆ ଖେଳରେ ମାତିଛି । ଘର କେମିତି ଚଳିବ ସେ କଥା କେହି ବୁଝିବାକୁ ନାହିଁ । ଯା ଘରେ ତା ଘରେ ବାସିକାମ କରି ଯେତିକି ପଇସା ପାଉଛି, ସେଥିରେ ଦୁଇ ଓଳି ଆମେ ଖାଇ ପାରୁନୁ । ଭାବିଥିଲି, କିଛି ନହେଲେ ତୁ ମଣିଷଟେ ହବୁ । ହେଲେ...ନା...ସେତକ ଭାବିବା ମୋର ଭୁଲ । ଯଦି ଦି ପଇସା ରୋଜଗାର କରିବାକୁ ମନ ଥିଲା, ତେବେ ରାଜମିସ୍ତ୍ରୀ ସହ କାମକୁ ଯାଉନୁ । ଚୋରୀ କରିଲୁ କାହିଁକି ?

ମୁଁ ଚୋରୀ କରିନାହିଁ ମାଆ

ଚୋରୀ କରିନୁ ? ପୁଣି ମିଛ ??

ମୋତେ ବିଶ୍ୱାସ କର । ମୁଁ ଚୋରୀ କରିନି ।

ଚୋରୀ କରିନୁ ଯଦି ଏ ଶହେ ଟଙ୍କା କୋଉଠୁ ଆଣିଲୁ ?

ବାପାଙ୍କ ପୁରୁଣା ମଦ ବୋତଲ ସବୁ ବିକି ଦେଇ ଯୋଉ ପଇସା ପାଇଲି, ସେଥିରେ କିଛି ପରିବା କିଣି ଆଣି ଛକରେ ବସି ବିକିଦେଲି । ଏ ହେଉଛି ଲାଭ ମିଳିଥିବା ଟଙ୍କା । ଏଇଟା ମୋର ପ୍ରଥମ ରୋଜଗାର ମାଆ । ନିଅ...ଏ ପଇସାରେ ତୁମେ ଆଜି ଚାଉଳ ଡାଲି କିଣି ଆଣିବ ।

ଏତକ ଶୁଣିବା ପରେ ମାଆ ବୁଲୁକୁ କୋଳେଇ ନେଲେ । ତାଙ୍କ ଆଖିରୁ ଧାରଧାର ହୋଇ ଲୁହ ବହି ଚାଲିଲା । ବୁଲୁ ତାଙ୍କ ଆଖିରୁ ଲୁହ ପୋଛି ଦେଇ କହିଲା, ତୁମେ କାନ୍ଦୁଛ ମାଆ ?

ନା ରେ...ଏ ଲୁହ ମୋର ଦୁଃଖର ନୁହେଁ । ଇଏତ ଖୁସି ଲୁହ । ଏତେ କମ୍ ବୟସରୁ ତୁ ଯୋଉ କଥା ବୁଝି ଠିକ୍ ବାଟରେ ଦି ପଇସା ରୋଜଗାର କରିବା ପାଇଁ ଆଗେଇ ଆସିଲୁଣି...ସେତକ ଜାଣିବା ପରେ ମୋ ମନ କୁଣ୍ଢେମୋଟ ହୋଇଯାଉଛିରେ....ଭଗବାନ ତୋତେ ତୋ କାମରେ ଆହୁରି ଶକ୍ତି ଦିଅନ୍ତୁ ।

♥ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୭୫୬୦୦୧ ମୋ- ୭୯୭୮୮୬୦୩୬୩

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୩୧ ଜୁଲାଇ, ୨୦୨୨

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com




ଆଲୋଚନା..,

# ପାପ ପାକଲ ହେଲେ ଫାଟେ




## ଦୁର୍ଗାଚରଣ ଷଡଙ୍ଗୀ


ଏ ସୁବିଶାଳ ଆମ ଭାରତବର୍ଷ କୋଟୀକମ ସୌନ୍ଦର୍ଯ୍ୟରେ ଭରପୁର ଏକ ନନ୍ଦନବନ । ପ୍ରକୃତିର ସବୁ ଅବର୍ଣ୍ଣନୀୟ ସୁଷମାରେ ସେ ରତ୍ନଗର୍ଭା । ଅନାଦି ଅତୀତରୁ ଦେବତାର ତପୋଭୂମି ଥିବା ଏ ସୁନ୍ଦର ଦେଶକୁ ଆମେ ହୁଏତ ଏ ସମସାମୟିକ କାଳଖଣ୍ଡରେ ଦିବ୍ୟଚକ୍ଷୁରେ ଅବଲୋକନ କରିବା ପାଇଁ ଆମର ସାମର୍ଥ୍ୟ ନାହିଁ । ଜାତିବାଦ-ବର୍ଣ୍ଣବାଦ-ବିଚ୍ଛିନ୍ନତାବାଦ-ଆତଙ୍କବାଦ-ଅହଂବାଦ-ଐଶ୍ୱର୍ଯ୍ୟବାଦ ପ୍ରଭୃତି ନାକରାତ୍ମକ 'ବାଦ'ମାନ ଦେଶନାଗରିକର ଚେତନାରେ ଯେବେଠୁଁ ସବାର ହେଲାଣି, ସେବେଠୁଁ ଏ ଦେଶର ଅନ୍ତୋଦୟ ଅଥବା ବିକାଶଗତ କାର୍ଯ୍ୟକାରଣମାନ ଧିମା ଅବସ୍ଥାକୁ ଆସିଗଲାଣି । କଥାରେ ପରା ଅଛି- 'ଥିଲେ ଥାଉ ପଛେ ଗୁଣ ହଜାର/ ଚରିତ୍ର ନଥିଲେ ସବୁ ଅସାର' । ଏବେ ଦେଶ ନାଗରିକ ସଂପନ୍ନ । ଦେହ-ଶରୀର ସ୍ୱଚ୍ଛ, ବିଳାସପ୍ରିୟ, କାମାନ୍ଧ । ନିଜକୁ ବୁଦ୍ଧିଜୀବୀ ଘୋଷଣା କରିବାରେ ସିଦ୍ଧହସ୍ତ ପରନ୍ତୁ ତା'ର ଚେତନାରେ ଯେବେଠୁଁ ରାଜନୈତିକ ଅଣାଦର୍ଶ ଦୃଷ୍ଟିଭଙ୍ଗୀ ସବାର ହେଲାଣି ସେବେଠୁଁ ସେ ସର୍ବଭକ୍ଷୀ ଅବସ୍ଥାକୁ ଆସିଗଲାଣି । ଠିକ୍ ଦ୍ୱାପର ଯୁଗର ଶେଷ ପର୍ଯ୍ୟାୟର ଯଦୁବଂଶ ସନ୍ତାନମାନଙ୍କ ପରି ଦୁରାଚାରୀ-ଭ୍ରଷ୍ଟ-ଦେଶ ବିରୋଧୀ, ବାକ୍‌ବିଦ୍ୱେଷୀ ଓ ହିତାହିତ ଜ୍ଞାନଶୂନ୍ୟ ଏକ କୁଳାଙ୍ଗାର ପରି । ବଂଶ ଡାହୁକ ପରି ତା ଚେତନାରେ କେବଳ ହୀନମନ୍ୟତା- ଅହଂକାର-ଛଳଛଦର୍ମ ହିଁ ଭରିଗଲାଣି । ଭାରତର ଚତୁଃସୀମାରେ ଏବେ ଶତୃର ଅହନ୍ତା । ପୃଥିବୀରେ ଏକ ଛତ୍ରବାଦ ଗୋଷ୍ଠୀ ଗଠନରେ ଦଳେ ଉନ୍ମୁଖ ତଥାକଥିତ ବିକଶିତ ରାଷ୍ଟ୍ର । କତିପୟ ନାଗରିକର ଅହଂପ୍ରସୂ ମାନସିକତାରେ ରାଷ୍ଟ୍ରମୁଖ୍ୟଙ୍କ ପ୍ରତି ଅଭୋଦ୍ରଚିତ ଶବ୍ଦବାଣ, ଆକ୍ଷେପ, ପ୍ରତ୍ୟାକ୍ଷେପ, ଶତୃରାଷ୍ଟ୍ରରେ ପ୍ରୀତି ସମ୍ବନ୍ଧ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ରାଜ୍ୟ ରାଜ୍ୟ ଭିତରେ ଛକା ପଂଝା ଖେଳ, ନାଗରିକର ଦେଶଦ୍ରୋହ, ଲୁଣ୍ଠନ ମାନସିକତା, ନାରୀଜାତ ପ୍ରତି ଅସଙ୍ଗତ ପୂର୍ଣ୍ଣ ଆଚରଣ, ହତ୍ୟା-ବ୍ୟଭିଚାର ଆଦି ପାଶବ ଗୁଣମାନ ଏତେ ପ୍ରବଳ ମାତ୍ରାରେ ଝଡ଼ପରି ଏତେ ଆତଙ୍କ ପ୍ରଦାନ କଲାଣି ଯେ- ସାଧାରଣ, ନିରୀହ, ସ୍ୱାଭିମାନୀ ନାଗରିକଟିଏ ଏଠି ବଞ୍ଚିବାକୁ କଷ୍ଟ ମଣୁଛି । ମନୁଷ୍ୟର ମାନବୀୟ ଚେତନାଗତ ପ୍ରଜ୍ଞା ପ୍ରବାହ ଅବଲୁପ୍ତ ହୋଇ ଏକ ଆସୁରିକ ପ୍ରବୃତ୍ତିଟିଏ ନିତିଦିନର ଜୀବନରେ ଏହି ଦୂରାଚାରୀ ମଣିଷଙ୍କର ନୈତିକ ଆଦର୍ଶରେ ଏବେ ପରିଣତ ହୋଇଗଲାଣି । ଭଲା, ଏପରି ହେଲେ ନାଗରିକର ତଥା ଦେଶର ସମୃଦ୍ଧି ହେବ କିପରି ? ମୁଁ- ମୋ ପରିବାର, ମୋ ନିଜର । ଏହି ଆଦର୍ଶକୁ ନେଇ ଏବର ନାଗରିକ ଯଦି ଜୀବନ ବଞ୍ଚେ ତେବେ ଦେଶ-ରାଜ୍ୟ-ନିଜ ଅଞ୍ଚଳ ସୁରକ୍ଷିତ ଓ ସମୃଦ୍ଧ ହେବ କିପରି ? ଭୂମି ନଥିଲେ ଘରର ବା କି ମର୍ଯ୍ୟାଦା ! ପଡ଼ୋଶୀ-ରାଜ୍ୟ-ଦେଶ ନଥିଲେ ଆମେ ଜିଇଁବା କିପରି ? ବନ୍ୟା ଆସିବାର ସବୁ ସୂଚନା ପାଇ ମଧ୍ୟ ମଣିଷଟି ତା' ଘର ଛାଡ଼େନା । ହେଲେ ବନ୍ୟାର ବିପ୍ରାତରୁ ତା'ଘର ଓ ତା' ଜୀବନ-ପରିବାର ବଞ୍ଚି ପାରେକି ? ଆମର ସବୁ ହେୟ ଓ ମୂର୍ଖ ବିଜ୍ଞତା ହିଁ ଆମର ଜୀବନ ନାଶ କରିବାରେ ସହାୟ ହୁଏ । ସେପରି ନିଜ ଭୂମି-ଦେଶ ପ୍ରତି କ୍ରମାଗତ ବୈଚାରିକ ଅବମାନନା-ଘୃଣା ଓ ଦେଶଦ୍ରୋହଗତ କାରଣମାନ ଶତୃଙ୍କ ପାଇଁ ପ୍ରବେଶ ଦ୍ୱାରଟିକୁ ଖୋଲିଦିଏ ନାହିଁକି ?

ଆମ ଇତିହାସ କହେ ଯେ- ଅତୀତରେ ଭାରତ ବର୍ଷର ବହୁ ଅସହିଷ୍ଣୁ- ଦୁର୍ବଳ ମସ୍ତିଷ୍କ ଭାତୃହନ୍ତା ରାଜାମାନଙ୍କର ଅନୈତିକ କ୍ରିୟାକଳାପ ଯୋଗ ଏ ସ୍ୱର୍ଣ୍ଣିମ ଭାରତବର୍ଷ ଦୀର୍ଘ ୭ଶହ ବର୍ଷ ଧରି ଯବନ-ଫିରଙ୍ଗୀ ଶକ୍ତିମାନଙ୍କ ଦ୍ୱାରା ବହୁ ଭାବରେ ଲାଞ୍ଛିତ, ଶାସିତ ହୋଇ ବେଠି ଖଟିଛି । ପ୍ରାୟ ୭ଶହ ବର୍ଷ ପୂର୍ବରୁ ଏ ଦେଶ ଭାରତ ତ ସତ୍ୟ ସନାତନର ଏକ ନୂଆ ନାଁରେ 'ହିନ୍ଦୁ' ଭାବରେ ପ୍ରସିଦ୍ଧ ଥିଲା । ସେହି ଗୌରବାବହ ଆର୍ଯ୍ୟ, ସଂପନ୍ନ ହିନ୍ଦୁମାନଙ୍କ ଦ୍ୱାରା ଏ ଦେଶରେ ରାମ-କୃଷ୍ଣ-ପରମହଂସ ଆଦିଶଂକରାଚାର୍ଯ୍ୟଙ୍କର ଅଭ୍ୟୁଦୟ ଘଟିଛି । ସେଇସବୁ କଥନିକାମାନ ଆମେ ଯେବେଠୁଁ ଭୁଲିଛେ ସେବେଠୁଁ ହିଁ ପର ଦ୍ୱାରା ଲାଞ୍ଛିତ ହୋଇଚାଲିଛେ । 'ହିନ୍ଦୁତ୍ୱ' ଏବେ ଆମ ଅଭିଧାନଗତ ଏକ ଶବ୍ଦ ! ଯାହା କାନକୁ ଭଲ ଶୁଭେ ଅଥଚ ସେଥିରେ ଆନ୍ତରିକତା ନଥାଏ । ହିନ୍ଦୁମାନେ ନିଜକୁ ହିନ୍ଦୁ କହିବାକୁ ମଧ୍ୟ କୁଣ୍ଠିତ ହୁଅନ୍ତି !!

ଅବଶ୍ୟ ଏହି ହିନ୍ଦୁତ୍ୱରେ ବ୍ରାହ୍ମଣ୍ୟବାଦ, ଜାତିବାଦ, ବର୍ଣ୍ଣବାଦ, ଦଳିତବାଦ ଆଦିବହୁ ପ୍ରସଙ୍ଗମାନ ପାଚେରି ବାଡ ହୋଇ ଛିଡ଼ା ହୋଇ ଆସିଛି । ସେଇଥିପାଇଁ ହିନ୍ଦୁମାନଙ୍କ ମଧ୍ୟରେ ଐକ୍ୟ ନାହିଁ କି ସଂପ୍ରୀତି ନାହିଁ । ଦେଶରେ ମୂଳ ବାସିନ୍ଦାମାନଙ୍କ ମଧ୍ୟରେ ବିଦ୍ୱେଷ ରହିଲେ ତାହା ଦେଶର ସାର୍ବଭୌମତାକୁ ବିପନ୍ନ କରିବ ହିଁ କରିବ । ଯାହା ଫଳରେ ଦେଶରେ ଗୃହଯୁଦ୍ଧ ଦେଶଦ୍ରୋହ-ବିଚ୍ଛିନ୍ନତାବାଦ ଆଦି ନଷ୍ଟ ତତ୍ତ୍ୱର ଅଭ୍ୟୁଥାନ ହେବ ହିଁ ହେବ । ଏହା ଏଯାବତ ଯେଉଁ ଧାରାରେ ପ୍ରଚଳିତ ହୋଇ ଆସିଲା ତାହା ମଳରୁ ଦେଶକୁ ସ୍ୱାଧୀନତାର ପରବର୍ତ୍ତୀ କାଳରେ ଦେଶ ଶାସନରେ ଦାବୀଦାର ଥିବା ଗୋଟେ ନିରଙ୍କୁଶ କ୍ଷମତାସୀନ ଦଳକୁସାତ ଦଶନ୍ଧିର ବିଷ ଫଳ ହିଁ ମିଳିଲା । ଯାହାର କ୍ରିୟମାଣ ପରିଣାମ ସ୍ୱରୂପ ଦେଶଗୁଡ଼ିଏ ଶଠ-ଦେଶଦ୍ରୋହୀ-ତସ୍କରମାନଙ୍କୁ ଜନ୍ମ ଦେଲା । ସେଇ ଅବାଞ୍ଛିତମାନଙ୍କୁ ଧରିବାପାଇଁ ଏବେ ଶାସନକଳ ନୟାନ୍ତ ।

ମଉଛବ ସରିବା ପରେ ଯାତ୍ରା ପଡ଼ିଆରୁ ଅବୋଧ ପିଲାମାନେ ଖୁଚୁରା ପଇସା ଦରାଣ୍ଡି ଗୋଟାଇବା ପରି ଦୀର୍ଘକାଳ ଅପଗଣ୍ଡ ଗୋଟେ ବୃହତ ରାଜନୈତିକ ଦଳର ଅସ୍ଥିର-ଅପାଂକ୍ତେୟ ଶାସନର ଅନ୍ତ ଅବଶ୍ୟ ଘଟିଛି । ମାତ୍ର ବର୍ତ୍ତମାନର କ୍ଷମତାସୀନ ଦଳର ଶାସକମାନେ କେବଳ ଲୁହବଦଳରେ ରକ୍ତ ହିଁ କାନ୍ଦୁଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ! ୧୩୦ କୋଟୀ ଜନତାର ଦେଶରେ କ୍ଷୁଧା-ଶିକ୍ଷା-ସ୍ୱାସ୍ଥ୍ୟ ଜୀବିକା-ପ୍ରତିରକ୍ଷା-ଅନ୍ତଃରାଜ୍ୟ କନ୍ଦଳ ଭଳି ସମସ୍ୟାମାନଙ୍କୁ ସଜାଡ଼ୁ ସଜାଡ଼ୁ ଗୋଟେ ଦଶନ୍ଧି ଆସି ହେବାକୁ ବସିଲା । ତଥାକଥିତ ଦଳ ଓ ତାଙ୍କୁ ବିନା ବିଚାର ନିର୍ବିଶେଷରେ ସମର୍ଥନ କରୁଥିବା କତିପୟ ବାବଦୁକା ମଣିଷମାନଙ୍କ ଅପବୁଦ୍ଧିବାଦୀ କୌଶଳ ଯୋଗୁଁ ଯେ ଦେଶର ସାର୍ବଭୌମତ୍ୱ କିପରି ବିପନ୍ନ ହୋଇଛି ତାହାର ଏକ ସାଂଘାତିକ ଚିତ୍ର ବର୍ତ୍ତମାନ ସାମାଜିକ ଓ ଜାତୀୟ ଗଣମାଧମ ମାନଙ୍କର ବାଦ-ପ୍ରତିବାଦ ଗତ ଆଲୋଚନାରୁ ବେଶ୍ ବୁଝାପଡୁଛି । 'ସ୍ୱାମୀ ପଛେ ମରୁ- ସଉତୁଣୀ ରାଣ୍ଡ ହେଉ' ନ୍ୟାୟରେ ଏହି ବୁଦ୍ଧି ବିକାଳିମାନେ ନିଜକୁ ସାମାଜିକ କର୍ମୀ, ମାନବାଧିକାରର ପ୍ରତିନିଧି, ଦଳିତ-ଲାଞ୍ଛିତର ମସିହା ବୋଲି ପରିଚୟ ଦେଇ ଏ ଦେଶର ସାଧାରଣ ନାଗରିକମାନଙ୍କୁ ଦୃଷ୍ଟି ଚିନ୍ତନକୁ ବିଭ୍ରାନ୍ତ କରିବାରେ ଲାଗିପଡିଲେ ତଥାପି ଆମର ବିଶ୍ୱାସ ଯେ ଦେଶର ସମ୍ମାନବୋଧ- ବିକାଶ ଚିନ୍ତନକୁ ଓ ନାଗରିକକୁ ଏକ ସ୍ୱଚ୍ଛ ଉତ୍ତରଦାୟୀ ସରକାର ଯୋଗାଇଦେବାରେ ଯଦି ବର୍ତ୍ତମାନର ସର୍ବୋଚ ଦେଶ ଶାସକ ପ୍ରତିଶ୍ରୁତି ବଦ୍ଧ ତେବେ ଗତାୟୁ ଅନ୍ଧାରୀ ଦିନମାନଙ୍କର ଯାତନା-ଦୁର୍ବିସହ ଆତଙ୍କ-ବ୍ୟଭିଚାର ଅପେକ୍ଷା ଗୋଟେ ଶାନ୍ତ-ସହାବସ୍ଥାନ ସହ ନିଜର ପ୍ରତିଶ୍ରୁତି ପାଇବାରେ ଦେଶ ନାଗରିକର କ'ଣ ଅଧିକାର ନାହିଁକି ? ଏ ବୃହତ୍ ଜନଗଣର ଦେଶ କ'ଣ ପୂର୍ବପରି କୁତ୍ସିତ ହଟିଆ ମାନଙ୍କର ଲୀଳାଭୂମି ହୋଇ ରହିଥିବ !! ଏସବୁ ଘଟଣାମାନଙ୍କୁ ବିଚାର କରିବାପାଇଁ ନାଗରିକ ଟିଏ ଉଦରଦାୟୀ ହେବା ବିଧେୟ । ନଚେତ୍ ଆଗାମୀ ଦୀନମାନଙ୍କରେ କୁତ୍ସିତ ଦଳଗତ ରାଜନୀତିର ମହାମାରୀ ସଂକ୍ରମଣରେ ଏ ସୁବିଶାଳ ଦେଶର ସ୍ୱାଧୀନତା ବିପନ୍ନ ହେବାରେ ଆଦୌ ଅବହେଳା ହେବନାହିଁ । ସମସ୍ତ ବିଦ୍ୱେଷ ସତ୍ତ୍ୱେ ଐକ୍ୟ-ଦେଶପ୍ରୀତି ପ୍ରତ୍ୟେକପ ନାଗରିକର ଧର୍ମ ହେବା ଜରୁରୀ ଆମର ସବୁ ପରାକ୍ରମ-ସମ୍ପଦା-ବିଳାସୀତା ଦେଶର ସ୍ଥିରତା ଉପରେ ନିର୍ଭର କରେ । ଗୋଟେ ସୁନ୍ଦର ଦେଶର ନାଗରିକ ନିଜେ ସୁନ୍ଦର ହେବସହ ସୁନ୍ଦରତାର ମାଧୁର୍ଯ୍ୟରେ ବଞ୍ଚିବାକୁ ଭଲପାଏ । ସେଇ ଆତଙ୍କ ପ୍ରଦାୟୀ କୁତ୍ସିତ ରାଜନୈତିକ ବଳୟଭିତରୁ ଏ ଦେଶର ସାର୍ବଜନୀନ ଉଲ୍ଲାସକୁ ଉଦ୍ଧାର କରିବା ପ୍ରତ୍ୟେକ ନାଗରିକର ଧର୍ମହେଉ । କଥାରେ ଅଛି ପରା ପାପ ପାକଳ ହେଲେ ଫାଟିବ । ମେଦବହୁଳ ମଣିଷ ପରି, ପାକଳ ବାଉଁଶ ପରି ସବୁ ଦୁଷ୍କର୍ମ-ବ୍ୟଭିଚାର-ଆତଙ୍କର ଦିନେ ଅଂନ୍ତ ହେବ ହିଁ ହେବ । ଏହା ଜାଣି-ଚେତି ମଧ ମଣିଷ ଯଦି ନିଜକୁ ବ୍ୟବସ୍ଥିତ ନ କରିବ ତେବେ ମଣିଷ ଜନ୍ମ ନେବାର ସାର୍ଥକତା ଆଉ ତା'ର ରହିବ କି ? ଗୋଟେ ମୁକ୍ତ- ଆନନ୍ଦମୟ-ଶଂକାହୀନ ଜୀବନକୁ ବାଦ୍ ଦେଲେ ଆଉସବୁ ବଡ଼ପଣ, ଅହଂକାର ଆତ୍ମସ୍ୱାର୍ଥ ଭଳି ଦୁର୍ଗୁଣମାନଙ୍କର ହୀନ ପରିସମାପ୍ତି ଯେ କିପରି ହେବା ଉଚିତ ତାହା ଏ ଦେଶ କନ୍ଦାଉ ଥିବା ହଟିଆମାନେ ଜାଣିବା ଉଚିତ୍ ।


ଭୁବନେଶ୍ୱର
(ମୋ): ୯୪୩୮୫୩୫୫୭୭


ସ୍ମୃତି ଶତଦଳ ୨୫୧

(ପୂର୍ବ ପ୍ରକାଶିତ ଉତ୍ତାରୁ)



## ମେଡିକାଲ କଲେଜରୁ ଅବ୍ୟାହତି ଏବଂ ଗାଇନୋକୋଲୋଜିର ବର୍ଣ୍ଣବୋଧ


ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭


**ଚାକିରୀରେ କାମ କରୁଥିବା ବେଳେ ବେଶୀ ଏମ୍‌ର୍ଜେନ୍ସି ଡିଉଟି ପଡିଲେ କି' ଲେବର ରୁମ୍‌ରେ ବେଶୀ କାମ ପଡିଲେ, ବାରଂବାର ଆମେ କହିଥାଉ, କେମିତି ଓ କେବେ ଏ କାମରୁ ଆମକୁ ରିଲିଫ ମିଳିବ, ନ ହେଲେ ଆମକୁ ଚାକିରୀ ଛାଡିବାକୁ ପଡିବ ଅଥଚ ଶେଷଦିନ ସମୟ ହାତରେ ପାଇ ଖୁସି ହେବା ବଦଳରେ ମୁଁ ଦୁଃଖରେ ଅଭିଭୂତ ହୋଇପଡୁଛି କାହିଁକି ?**

ପ୍ରତୀକ୍ଷାର ସମୟ ବେଳେବେଳେ ଖୁବ୍ ଦୀର୍ଘ ଲାଗେ, ଗୋଟିଏ ଦିନ ଗୋଟିଏ ଯୁଗ ପରି ପ୍ରତୀୟମାନ ହୁଏ । କିନ୍ତୁ ସେ ଲମ୍ବାଦିନ ଗୁଡିକ ଆସ୍ତେ ଆସ୍ତେ ସରିଯାଏ ଏବଂ ପ୍ରତୀକ୍ଷିତ ଦିନଟି କବାଟରେ ଆଦୌ କରାଘାତ ନ କରି ସାମ୍ନାରେ ଛିଡା ହୋଇଯାଏ, ଯାହାକୁ ଅନେକେ କହିଥାନ୍ତି – 'ଡି' 'ଡେ' । ସେମିତି ମୋ ପାଖରେ ମଧ୍ୟ ଏକତିରିଶ ମାର୍ଚ୍ଚ, ମୋର ଚାକିରୀର ସର୍ବଶେଷ ଅବସର ନେବାର ଦିନ ଆସି ପହଞ୍ଚିଗଲା । ମୁଁ ବିଶ୍ୱାସ ମଧ୍ୟ କରିପାରୁନଥିଲି । ଏଇତ ଏବେ ଏବେ ଚାକିରୀରେ ଜଏନ କରିଥିଲି । ଚଣ୍ଡୀଗଡରୁ ପି.ଜି ସାରି ଏଇ ତ' ଏବେ ମୁଁ ଲେବର ରୁମ ଡିଉଟି ଆରମ୍ଭ କରିଥିଲି । କେମିତି ଏତେ ଏତେ ବର୍ଷ ହଠାତ୍ ବହିର ପୃଷ୍ଠା ଓଲଟାଇଲା ଭଳି ନିଜେ ନିଜେ ଓଲଟିଗଲା, ଏବଂ ସରିଗଲା ବି ଜୀବନର ଏତେ ଏତେ ଅମୂଲ୍ୟ ଦିନ ।

ଚାକିରୀରେ କାମ କରୁଥିବା ବେଳେ ବେଶୀ ଏମ୍‌ର୍ଜେନ୍ସି ଡିଉଟି ପଡିଲେ କି' ଲେବର ରୁମ୍‌ରେ ବେଶୀ କାମ ପଡିଲେ, ବାରଂବାର ଆମେ କହିଥାଉ, କେମିତି ଓ କେବେ ଏ କାମରୁ ଆମକୁ ରିଲିଫ ମିଳିବ, ନ ହେଲେ ଆମକୁ ଚାକିରୀ ଛାଡିବାକୁ ପଡିବ ଅଥଚ ଶେଷଦିନ ସମୟ ହାତରେ ପାଇ ଖୁସି ହେବା ବଦଳରେ ମୁଁ ଦୁଃଖରେ ଅଭିଭୂତ ହୋଇପଡୁଛି କାହିଁକି ? ଚାକିରୀର ପାୱାର (ଶକ୍ତି) ନୁହେଁ ବା' ଆର୍ଥିକ ସ୍ୱଚ୍ଛଳତା ପାଇଁ ନୁହେଁ ଏତେ ଏତେ ଜଣ ସହକର୍ମୀ, ପି.ଜି ଛାତ୍ର ଓ ଛାତ୍ରୀ ଏମ୍.ବି.ବି.ଏସ ଷ୍ଟୁଡେଣ୍ଟସଙ୍କର କୋଳାହଳ ଠାରୁ ଦୂରରେ ରହିବା ଆମ ପାଇଁ ବିଶେଷ ଭାବରେ ସବୁବେଳେ କାମ କରୁଥିବା ଲୋକଙ୍କୁ ବୋରିଂ ଲାଗିବ ନିଶ୍ଚୟ । ଦିନ ୯ଟାଠାରୁ ସନ୍ଧ୍ୟା ୫ଟା କେମିତି ଯେ କଟିଯାଉଥିଲା ଜଣା ମଧ୍ୟ ପଡୁନଥିଲା । ତା'ପରେ ଡିପାର୍ଟମେଣ୍ଟର ଏମର୍ଜେନ୍ସି, ସେମିନାର ଓ କନଫରେନ୍ସ ଆଦି ଅଛି ।

କିନ୍ତୁ ଦୀର୍ଘ ପଚିଶ ବର୍ଷ କେବଳ କାମ କରିବା ସହ ମନୋରମ ଅଭିଭାଷଣ ରେ ସମସ୍ତଙ୍କ ମନ କିଣିନେବା ମୋର ଅନ୍ୟ ଏକ କାମ ଥିଲା । ପଚିଶ ବର୍ଷ ଭିତରେ ପଚିଶ ମିନିଟ ମଧ୍ୟ କାହା ବିରୁଦ୍ଧରେ କହିବା ମୋର ନୀତି ବିରୁଦ୍ଧ ଥିଲା । କଥା କହିଲା ବେଳେ ସବୁ ଗୁରୁଜନ ମାନଙ୍କର କଥା ଓ ଉପଦେଶ ମୋର ମନେ ପଡିଯାଏ । "କୋମଳ ମଧୁର ବଚନ, କହି ତୋଷିବ ପ୍ରାଣୀ ମନ" । ତେଣୁ କଥା କହିଲା ବେଳେ କଟୁକଥା କେବେହେଲେ କାହାକୁ କହି ନାହିଁ । ଦ୍ୱିତୀୟ କଥା ଟି ସବୁବେଳେ ମନେ ରଖିଛି, ଗୋଟିଏ ନାରୀର ଆଭୂଷଣ ଅତି ରଞ୍ଜିତ ନ ହୋଇ ମନୋରମ ହେବା ଜରୁରୀ, ଯାହା ନାରୀଟିର ବ୍ୟକ୍ତିତ୍ୱକୁ ଶତ ଗୁଣରେ ବଢାଇ ଦେଇଥାଏ । ଅନ୍ୟମାନଙ୍କ ଆଖିରେ ନୁହେଁ, ନିଜେ ନିଜ ଆଖିରେ ଠିକ୍ ଦିଶିଲେ ଏବଂ ନିଜକୁ ଠିକ୍ ମନେ ହେଲେ ମନରେ ଆତ୍ମବିଶ୍ୱାସ ଆସେ, ଆତ୍ମ ସମ୍ମାନର ଅନନ୍ତ ଭାବନାଟିଏ ମନରେ ଭାବ ବାନ୍ଧେ ଏବଂ ନାରୀର ବ୍ୟକ୍ତିତ୍ୱ ବଢିଯାଏ । ଦାମୀ ପୋଷାକ ନୁହେଁ ବେଶ ପୋଷାକ ଓ ପରିପାଟୀରେ ଜଣେ ବେଶ ସ୍ମାର୍ଟ ଓ ରୁଚିପୂର୍ଣ୍ଣ ହେବା ଜରୁରୀ । ଏସବୁ ମେଣ୍ଟେନ କଲେ ଜଣେ ପରିଣତ ବୟସର ବ୍ୟକ୍ତି ମଧ୍ୟ ବେଶ ଆଭିଜାତ୍ୟପୂର୍ଣ୍ଣ ଓ ସ୍ମାର୍ଟପୂର୍ଣ୍ଣ ଦେଖା ଯାଇଥାଏ ।

ସଭା ଆରମ୍ଭ ହେଲାପରେ ମୋର ପି.ଜି ଛାତ୍ରଛାତ୍ରୀ ମାନେ ଓ ଜୁନିଅର ସହକର୍ମୀମାନେ ନିଜର ଅନୁଭୂତି କଥା ବଖାଣିଲା ବେଳେ ଓ ମୋ ସାଙ୍ଗରେ ତାଙ୍କର ପାରସ୍ପରିକ ପ୍ରତିକ୍ରିୟା କଥା କହିଲା ବେଳେ ସେମାନେ ଭାବ ବିହ୍ୱଳ ହୋଇ ଯାଇଥିଲେ । ମୁଁ ମଧ୍ୟ ଭାବାବେଗରେ କୋହାଚ୍ଛନ୍ନ ଓ ମୋହାଚ୍ଛନ୍ନ ହୋଇ ମୋ ଚେୟାରରେ ବସିଥିଲି । ମୁଁ ମୋର ଅନ୍ତିମ ଅଭିଭାଷଣ ଦେଲା ବେଳେ ପ୍ରଥମେ ଲେବରରୁମ ଓ ସେମିନାର ହଲର ମାଟି ଛୁଇଁ ମୋର କପାଳରେ ଲଗାଇଥିଲି । ଏଇ ସେଇ ଲେବର ରୁମ ଯେଉଁ ସିଲଟରେ ମୋର ଗାଇନୋକୋଲଜି ପାଠର ବର୍ଣ୍ଣବୋଧ ଲେଖିବା ଆରମ୍ଭ କରିଥିଲି । ଯଦିଓ ମୁଁ ପି.ଜି ଆଇ ଚଣ୍ଡୀଗଡରେ ଟ୍ରେନିଂ ନେଇଥିଲି, ତଥାପି ସବୁ ପ୍ରାକ୍ଟିକାଲ ଜିନିଷ ଯଥା ରୋଗୀର ଚିକିତ୍ସା, ବିରଳ ଅପରେସନର ଷ୍ଟେପସ ତଥା ଅନ୍ୟାନ୍ୟ ମ୍ୟାନେଜମେଣ୍ଟ ମୁଁ କଟକର ପ୍ରସୂତି ବିଭାଗରେ ହିଁ ଶିଖିଥିଲି । ଦିନକୁ ପଚିଶରୁ ତିରିଶ ଡେଲିଭରି, ନୂଆ ଆଡମିଶନ ଏବଂ ଗୁରୁତର ରୋଗୀମାନଙ୍କର ଚିକିତ୍ସା ସବୁ ରୋଗୀଙ୍କ ଶରୀରରୁ ହିଁ ଶିଖିଥିଲି । ଗୋଟିଏ ଗୋଟିଏ ୟୁଟ୍ରେସ ବା' ଜରାୟୁ ଫାଟିଯାଇଥିବା କେଶକୁ ଅସ୍ତ୍ରୋପଚାର କଲେ ପ୍ରଥମେ ବହୁ ସମୟ ଲାଗୁଥିଲେ ମଧ୍ୟ ଶହଶହ କେଶ କରି ଏତେ ଅଭ୍ୟସ୍ତ ହୋଇଯାଇଥିଲି ଯେ, ଏଇ ଏମର୍ଜେନ୍ସି କେଶ ସବୁ କୁ ପ୍ରାୟ ଅଧଘଣ୍ଟା ଭିତରେ ଆମେ ଅସ୍ତ୍ରୋପଚାର କରି ଦେଇ ପାରୁଥିଲୁଁ । ଏସ.ସି.ବି ମେଡିକାଲ କଲେଜ ହେଉଛି ସାରା ରାଜ୍ୟର ସବୁଠାରୁ ବଡ ଏବଂ ଗୁରୁତ୍ୱପୂର୍ଣ୍ଣ ମେଡିକାଲ କଲେଜ ଯେଉଁଠିକି ବହୁ ଆଶା ଓ ଭରସା ନେଇ ରୋଗୀମାନେ ଆସିଥାନ୍ତି, ତେଣୁ ତାଙ୍କ ଆଶାକୁ ନିରାଶା ନୁହେଁ ଏକ ସକାରାତ୍ମକ ଚିନ୍ତାସହ ଫଳପ୍ରଦ କରାଇବା ଆମ କର୍ତ୍ତବ୍ୟ ଥିଲା । ଏଇ ଜନ୍ମରେ ପ୍ରଭୁ ଡାକ୍ତର ହେବାର ଏତ ବଡ ଆଶୀର୍ବାଦ ଦେଇଛନ୍ତି, ତେଣୁ ମନରେ ଆଦୌ ଦ୍ୱିଧା ନ କରି କାମ କରିଯିବା ଉଚିତ୍, ବୋଲି ଭାବିଥିଲି । (କ୍ରମଶଃ)

ଧାରାବାହିକ ଅନୁବାଦ ଉପନ୍ୟାସ...(ଭାଗ-୧୮)

# ଶୁଖିଲା ପତ୍ର




ମୂଳ ହିନ୍ଦୀ – ଅମରକାନ୍ତ





ଅନୁସୃଜନ– ନମିତା ପାଇକରାୟ


(ଦ୍ୱିତୀୟ ଖଣ୍ଡ)

## ॥ ତିନି ବନ୍ଧୁ ॥

ସଡ଼କକୁ ବାହାରିଗଲା ପରେ ମନୋହର ଖୁସିରେ ହସି ହସି କହିଲା, 'ଭାଇ ଗୋଟେ ଜିନିଷ କମ୍ ହୋଇଗଲା । ଏଠି ଚିନି ନହେଲେ କିଛି ଖାଇବା ସାମଗ୍ରୀ ରଖିବାକୁ ପଡ଼ିବ । ଚିନି ବି ତ ଏମିତି ସରି ଯାଇଛି ।'

ଦୀନେଶ୍ୱର କହିଲା, ଚିନି ତ ନିଶ୍ଚୟ ଆସିବ । ଆମଘର ତଳଗୋଦାମରେ ଚିନି ବସ୍ତା ରଖା ହୋଇଛି । ମୁଁ ଆଜି ହିଁ ଦେଖିଛି । ତଳକୁ ଯାଇ ଯେତେ ହେବ ଆଣିହେବ । ତଳକୁ ଯିବାକୁ ପଛପଟେ ବି ଗୋଟେ ରାସ୍ତା ଅଛି । କିନ୍ତୁ ସେ କବାଟରେ ତାଲା ପଡ଼ିଛି । ତାଲାକୁ ଆମେ ସହଜରେ ଭାଙ୍ଗି ଦେଇପାରିବା ।

ଏହି କଥାରେ ସମସ୍ତେ ଖୁସି ହୋଇଗଲେ । ସର୍ବସମ୍ମତି କ୍ରମେ ନିଶ୍ଚିତ କରାଗଲା କି ଆଜି ହିଁ ରାତିରେ ତାଲା ଭାଙ୍ଗି ଚିନି ପ୍ରାପ୍ତି ହେବ ।

ପ୍ରାୟ ରାତି ଦଶଟା ବାଜିଥିବ । ଆମେ ସମସ୍ତେ ଦୀନେଶ୍ୱର ଘରେ ଏକତ୍ରିତ ହୋଇଗଲୁ । ବାରଟା ପର୍ଯ୍ୟନ୍ତ ଚୁପ୍‌ଚାପ୍ ବସି ପାଠ ପଢ଼ିଲୁ । ବାହାରେ ବାତାବରଣ ଯେତେବେଳେ ନିସ୍ତବ୍ଧ ହୋଇଗଲା । ଦୀନେଶ୍ୱର କହିଲା, 'ଚାଲ ଏବେ ଯିବା ସମୟ ହୋଇଗଲା ।'

ଆମେ ସମସ୍ତେ ଧିରେ ଧିରେ ଉଠିଲୁ ବଡ଼ ହଲ ଘରୁ ପଛ କବାଟ ଖୋଲି ଅନ୍ଧାରରେ ଆଗକୁ ଆଗକୁ ଚାଲିବାକୁ ଲାଗିଲୁ ।

ଦୀନେଶ୍ୱର ଘର ଚଉଡ଼ା ପୁରା ଚାଳିଶ ଫୁଟ ଥିବା ଲମ୍ବା ୫୦ଫୁଟ ହେବ । ଛାତ ଉପରେ ପହଞ୍ଚିଲେ ଗୋଟେ ରୋଷେଇ ଘରଠୁ ଆରମ୍ଭ କରି ଲମ୍ବା ହଲ ଘର କ୍ରମାନୁସାରେ ତିଆରି ହୋଇଥାଏ । ଏଇଠି ଦୀନେଶ୍ୱର ତା' ଚାକର ସହ ରହୁଥାଏ । ହଲରୁ ବାହାରିଲେ ଗୋଟେ ଲମ୍ବା ବାରଣ୍ଡା ଥିଲା । ସେଥିରେ କାଠର ରେଲିଂ ଲାଗିଥିଲା । ଗୋଟେ ପଟେ ଟିକେ ଉଚ୍ଚା ହୋଇ ପକ୍କା ଚଟାଣ ଶୋଇବାକୁ ହୋଇଥାଏ । ତା' ଉପରେ ଯେତେ ପୁରୁଣା ପୁରୁଣା ଜିନିଷ ଗଦା ହେଉଥାଏ । ତଳକୁ ଚାହିଁଲେ ତଳଘର ଅଗଣାରେ ଚିନିବସ୍ତା ସବୁ ଗଦା ହୋଇଥାଏ ।

ଟର୍ଚ୍ଚ ଜଳେଇ ମୁଁ ଉପରୁ ଦେଖେଇଲି । ପଛପଟ କବାଟରୁ ତାଲା ଭାଙ୍ଗି ଅନ୍ୟମାନେ ପଶିଲେ । କିନ୍ତୁ ତା' ଭିତରକୁ ପଶିବାକୁ ଆଉ ଗୋଟେ କବାଟ ଥିଲା । ତା'ର କିଛି ଅତାପତା ପାଇଲେନି । ସମସ୍ତେ ଫେରି ଆସି ପୁଣି ଦୀନେଶ୍ୱର କୋଠରୀ ଭିତରେ ଏକାଠି ହେଲୁ । ମୁଁ ଗମ୍ଭୀରତାପୂର୍ଣ୍ଣ ଭାବୁଥିଲି କଣ କରିବାକୁ ହେବ ? ମୋ ମନରେ ବିଚାର ଆସିଲା କି କୂଅ ଦଉଡ଼ି ତ ନିଶ୍ଚୟ ଥିବସେଠି । ଦୀନେଶ୍ୱର ହଁ କହିଲା । ମୁଁ ମୋ ଯୋଜନା ବତେଇଲି କି ମୁଁ ଦଉଡ଼ିର ଗୋଟେ ମୁଣ୍ଡ ଧରି ତଳକୁ ଓହ୍ଲେଇ ଯିବି । ତା' ପରେ ତୁମେ ମୋତେ ଧିରେ ଧିରେ ଭିଡ଼ି ଉପରକୁ ଆଣିବ ।

ମୋର ଏହି ଯୋଜନା ଦ୍ୱାରା ମୁଁ ଖୁବ୍ ଉତ୍ସାହିତ ହେଲି । ମୁଁ ନିଜେ ହିଁ ରସି ଧରି ତଳକୁ ଓହ୍ଲେଇଲି । ଏ ପ୍ରସ୍ତାବକୁ ସମସ୍ତେ ସ୍ୱୀକାର କଲେ । ସେ ତିନିଜଣ ଯାକ ବିଶେଷ ମୋଟା କି ସୁସ୍ଥ ସବଳ ନଥିଲେ । ମୋତେ ଟାଣି ପାରିବେ କି ନାହିଁ ଉପରକୁ ମୁଁ ଜାଣିନି । ମୁଁ ଏତେ ଉତ୍ସାହିତ ହୋଇଥିଲି କି ମୁଁ ମୋ ନିଜ ଉପରେ ଏତିକି ବିଶ୍ୱାସ ରଖି ଥିଲି ଯେ ଯଦି ସେମାନେ ସମସ୍ତେ ମୋତେ ଭିଡ଼ି ଉପରକୁ ନ ଆଣି ପାରିବେ ତଥାପି ମୁଁ ଯେମିତି ସେମିତି ହୋଇ ଉପରକୁ ଆସିବାକୁ ଚେଷ୍ଟା କରିବି ।

ଦୀନେଶ୍ୱର ଦଉଡ଼ି ଆଣିଲା । ସମସ୍ତେ ଛାତ ଉପରେ ଏକାଠି ହେଲୁ । ପୁରା ଆକାଶ ସଫା ଥିଲା । ତାରାମାନେ ଆମକୁ ଆଶାୟୀ ହୋଇ ଚାହିଁଥିଲେ ।

ମୁଁ ସାରା ପୋଷାକ ପତ୍ର ଖୋଲି ଦେଲି । ଦେହରେ କେବଳ କାଛା ଥିଲା । ତଳକୁ ଓହ୍ଲେଇବା ପୂର୍ବରୁ ମନମୋହନ ପରି କୋଡ଼ିଏ ଥର ଦଣ୍ଡ ମାରିଲି । ତା' ପରେ ରେଲିଂ ଡେଇଁ ଠିଆ ହେଲି । ସବୁ ସାଙ୍ଗମାନେ ଆରମୁଣ୍ଡ ଦଉଡ଼ିକୁ ରେଲିଂରେ ଜୋର କରି ବାନ୍ଧି ଦେଲେ । ତଥାପି ଦଉଡ଼ିକୁ ସମସ୍ତେ ଜୋର କରି ଧରିଲେ । ମୁଁ ଧିରେ ଧିରେ ତଳକୁ ଓହ୍ଲେଇଲି । ମୋତେ ଟିକେ ଟିକେ ଡର ଲାଗୁଥିଲା । କିନ୍ତୁ ଆଉ କିଛି ଚାରା ନଥିଲା ।

ଚିନିବସ୍ତା ମୋ ପାଦ ପାଖରୁ ସାତ ଆଠ ଫୁଟ ତଳେ ଥିଲା । ଦଉଡ଼ି ସେହିପର୍ଯ୍ୟନ୍ତ ଥିଲା । ମୁଁ ମୋ ସାଙ୍ଗମାନଙ୍କୁ କହିଲି ଦଉଡ଼ି ତଳକୁ ଛାଡ଼ । ଦୀନେଶ୍ୱର କହିଲା, 'ଦଉଡ଼ି ସେତିକି ଲମ୍ବା । ମୁଁ ଆଉ କିଛି ନଭାବି ତଳକୁ ଚିନି ବସ୍ତା ଉପରକୁ ଡେଇଁ ପଡ଼ିଲି । ତାକୁ କହିଲି, ଠିକ୍ ଅଛି ଦଉଡ଼ି ଛୋଟ ପଡ଼ିଲା । ସେତେବେଳକୁ ଚିନି ବସ୍ତା ଉପରେ ପଡ଼ି ଦେହ ଆରମ୍ଭରୁ ଶେଷଯାଏ ଚିନି ହୋଇଗଲା । ମୁଁ ଦେହରୁ ଚିନି ଝାଡ଼ିଝଡ଼ି କରି କହିଲି ଦଉଡ଼ି ଆଗରେ ଧୋତି ବାନ୍ଧି ତା' ଅଗରେ ବାଲଟି ବାନ୍ଧି ତଳକୁ ପକାଅ ।

ମୋ କଥା ଶୁଣି ମୋ ସାଙ୍ଗମାନେ ତଳକୁ ଘନଘନ ଟର୍ଚ୍ଚ ମାରିଲେ । ତୁରନ୍ତ ସବୁଆଡ଼ ଅନ୍ଧାର ହୋଇଗଲା । ମୁଁ ପୁରା ଭୟ ପାଇଲି । ସାରା ଘର ସାଏଁ ସାଏଁ ଓ ଟନ୍ ଟନ୍ ଶବ୍ଦ କରୁଥିଲା । ଟର୍ଚ୍ଚ ଆଲୁଅରେ ଘର ଅଗଣା ଏକ ରହସ୍ୟମୟୀ ଅଞ୍ଚଳ ପରି ଲାଗୁଥିଲା । ଲମ୍ବା ଲମ୍ବା ବାରଣ୍ଡା ସବୁ ଦୈତ୍ୟର ହାତଗୋଡ଼ ପରି ଦିଶୁଥିଲା । ଲମ୍ବାଲମ୍ବା ଖୁଣ୍ଟଗୁଡ଼ିକ ମୃତ ପିଶାଚ ଠିଆ ହେଲା ପରି ଦିଶୁଥାଏ । ମୋତେ ଲାଗୁଥାଏ ମୋ କାର୍ଯ୍ୟ କଳାପକୁ କୋଉ ଡାଆଣୀ ଚିରୁଗୁଣୀ ବୋଧେ ଦେଖୁଛନ୍ତି । କିଛି ସମୟ ପରେ ପଛପଟୁ ଆସି ମୋ ଗଳା ଦବେଇଦେବେ ବୋଧେ । ମୁଁ ମୋ ମନକୁ ବୁଝାଇବାକୁ ଲାଗିଲି । ଭୂତପ୍ରେତ ସବୁ ଭ୍ରାନ୍ତ ଧାରଣା । ଯଦି ବି ଭୂତପ୍ରେତ ଥିବେ ସେମାନେ କ୍ରାନ୍ତିକାରୀ ମାନଙ୍କୁ କିଛି କରିବେନି । କିନ୍ତୁ ମୋ ଭିତରୁ ପୁରା ଡର ଯାଇନଥିଲା । ମୋ ସାଙ୍ଗମାନଙ୍କୁ ମନ ମନେ ରାଗିଗଲି ଅଯଥା ଡେରି କରୁଛନ୍ତି ।

ଯେତେବେଳେ ସାଙ୍ଗମାନେ ଟର୍ଚ୍ଚ ମାରି ବାଲଟି ଲଟକେଇ ତଳକୁ ପଠେଇଲେ, ସେତେବେଳେ ମୋ ଦେହରେ ଜୀବନ ପଶିଲା । ଭୟଜନିତ ଉତ୍ତେଜନା ପାଇଁ ମୁଁ ମୋ ନିୟନ୍ତ୍ରଣରେ ନଥିଲି । ଗୋଟେ ଅଦଭୂତ ହିଂସୁକ ପରି ବାଲଟିରେ ଚିନି ଭରୁଥିଲି । ବାଲଟି ଭରିଗଲା ପରେ ମୁଁ ଚିଲ୍ଲେଇ କରି କହିଲି, 'ଟାଣ ଉପରକୁ ଟାଣ ।' ଏଭଳି ଭାବରେ ଚିନି ଅପହରଣ ହୋଇ ଚାଲିଲା । ପନ୍ଦର ବାଲଟି ଭରି ଚିନି ଉପରକୁ ପଠେଇ ସାରିଲା ପରେ ପଚାରିଲି, 'ଏତିକି ତ ?' ସମସ୍ତେ କହିଲେ ହଁ ହଁ ।

ତା' ପରେ ମୋତେ ଉଠାଇବା ପାଇଁ ଦଉଡ଼ି ପଠାଇଲେ । ସେ ଦଉଡ଼ି ଧରି ମୁଁ ଉଠିବାକୁ ଠିଆହେଲି । ଅଥଚ ମୋତେ କେହି ଟାଣୁ ନଥିଲେ । 'କଣ ହେଲା ସାଙ୍ଗମାନେ କୁଆଡ଼େ ଗଲ ?'

ଉପରୁ ମନୋହରର ଶବ୍ଦ ଶୁଭିଲା ଭୟଭରା । ଭାଇ ଏଇଟା କାଠର ରେଲିଂ । ଆମେ ତିନିଜଣ ଦଉଡ଼ିରେ ଭିଡ଼ିଲେ ଏ କାଠ ତିଆରି ରେଲିଂ ଭାଙ୍ଗି ତଳେ ପଡ଼ିବ । ଏଥିରେ ରସି ଟାଣି ହେଉନି ।

ମୋର ଭୟର ସୀମା ବଢ଼ିଗଲା । ମୋତେ ଲାଗିଲା ମୁଁ ମୁଁ ନୁହେଁ । ମୋ ସାଙ୍ଗମାନେ ବି ମୋ ସାଙ୍ଗ ନୁହଁନ୍ତି । ଅଜଣା ମଣିଷ ପରି ଲାଗିଲେ ସେହି ମୁହୂର୍ତ୍ତରେ । ପୁରା ଭୟଙ୍କର ପରିସ୍ଥିତି । ମୋତେ ଖୁବ୍ ଅସ୍ୱାଭାବିକ ଲାଗୁଥାଏ । ସାରା ଘର ଅନ୍ଧକାରଛନ୍ନ । ମୋତେ ଲାଗୁଥାଏ ଅସଂଖ୍ୟ ଭୂତ ମୋତେ ଘେରି କରି ଠିଆ ହୋଇଥାଆନ୍ତି । ଠିକ୍ ସେହି ସମୟରେ କଠଉର ଠକ୍‌ଠକ୍ ଶବ୍ଦ ଶୁଭିଲା । ତା' ସହିତ କବାଟ ଖୋଲିବାର ଶବ୍ଦ ଶୁଣାଗଲା ।

'ଦଉଡ଼ି ଉପରକୁ ଟାଣି ନିଅ କାଇଁ । କିଏ ଆସୁଛି । ମୁଁ ଟାଣି ହୋଇ କହିଲି । ଚୁପ୍‌ଚାପ୍ ରୁହ ।

ସୌଭାଗ୍ୟରୁ ମୋ ଡାକ କିମ୍ବା କବାଟ ଖୋଲିବାର ଶବ୍ଦ ମୋ ସାଙ୍ଗ ମାନଙ୍କୁ ଶୁଭିଗଲା । ସେମାନେ ରସିକୁ ଉପରକୁ ଟାଣିନେଲେ । ପ୍ରକୃତରେ ଗୋଟେ ଲୋକ ବାହାର ପଟୁ କବାଟ ଖୋଲି ଲଣ୍ଠନ ଧରି ଘର ଭିତରକୁ ପଶିଲା । ଖଟ୍ ଖଟ୍ ଶବ୍ଦ ହେଉଥାଏ । ଏତେ ବଡ଼ ବିଶାଳ ନିର୍ଜନ ଘର ଭିତରକୁ ଜଣେ ମଣିଷ ଆସିବା ଦ୍ୱାରା ମୋର ଭୂତଭୟ ଟିକେ କମିଗଲା । କିନ୍ତୁ ତା' ଠାରୁ ମୋତେ ନିଜକୁ ବଞ୍ଚେଇବାକୁ ପଡ଼ିବ । ମୁଁ ଆଉ କିଛି ନଭାବି ଚିନି ବସ୍ତା ଭିତରକୁ ପଶିଗଲି । ନିଜକୁ ଚିନି ଦ୍ୱାରା ଘୋଡ଼େଇ ରଖିଲି । ଖାଲି ମୋର ନାକ ପୁଡ଼ା ବାହାରକୁ ଥିଲା ନିଃଶ୍ୱାସ ନେବାପାଇଁ ।

ସେ ଲୋକଟି ବହୁତ କାଶୁଥିଲା । ବୋଧେ ଡରରେ କମ୍ପୁଥିଲା । ଚିନିବସ୍ତା ପାଖରେ କିଛି ସମୟ ଠିଆ ହେଲା । କିଛି ସମୟ ଦୁଆରେ ଏପଟ ସେପଟ ହେଇ ଚାରି ଆଡ଼କୁ ସନ୍ତୁଷ୍ଟ ଦୃଷ୍ଟିରେ ଚାହିଲା, ପୁଣି ବାହାରକୁ ବାହାରି ଗଲା । ମୋତେ ଡର ଲାଗୁଥିଲା । ଯଦି ଦେଖିବ ଏ ବସ୍ତା ଭିତରେ ମୋ ବେକୁ ଧରିବ । ପୁଣି ମୁଁ ଭାବିଲି ଯଦି ମୋତ ଦେଖିବ ସେ ନିଜେ ଡରିକି ବାହାରକୁ ଦୌଡ଼ିବ । ମୋତେ ତ ଡନ୍ ଭାବିବ ।

ସିଏ ଶେଷ ପର୍ଯ୍ୟନ୍ତ କାଶି କାଶି ଗଲା । ସିଏ ସେତେବେଳେ ବାହାର କବାଟ ସେପଟୁ ବନ୍ଦ କଲା । ମୁଁ ଚିନି ବସ୍ତା ଭିତରୁ ବାହାରିଲି । ଏ ଘଟଣା ପରେ ମୋ ଭିତରେ ଏକ ଅଦମ୍ୟ ସାହାସ ଭରିଲା । ମୋର ଖୁବ୍ ଆତ୍ମବିଶ୍ୱାସ ବଢ଼ିଗଲା । କିନ୍ତୁ ଏବେ କଣ କରିବି ।

କାହାରି ସ୍ୱର ଉପରୁ ଶୁଭୁନାହିଁ । ମୋତେ ଅଧିକ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଲାନି । ମାତ୍ର ଅଳ୍ପ ସମୟ ଭିତରେ ମୋ ଉପରକୁ ପଛ କବାଟରୁ ଟିକି ଆଲୁଅ ପଡ଼ିଲା । ତା ସହ ସବୁ ସାଙ୍ଗମାନେ ବି ପହଞ୍ଚି ଯାଇଥିଲେ ।

ଦୀନେଶ୍ୱର ଫୁସ୍‌ଫୁସ୍ ହୋଇ କହିଲା, ଜଲଦି ଉପରକୁ ଚାଲ । ଆମ ଘରେ ଗୋଟେ ପୁରୁଣା ଚାପି ପେନ୍ଥା ଥିଲା । ସେଇ ଚାବିରେ ଏ ତାଲା ଖୋଲିଲା ।

ମୋତେ ବହୁତ ଖୁସି ଲାଗିଲା । ୟା' ପରେ ସାଙ୍ଗେ ସାଙ୍ଗେ ଆମେ ଦୌଡ଼ା ଦୌଡ଼ି ହୋଇ ସେ ଯାଗା ଛାଡ଼ିଦେଲୁ । ଯେତେବେଳେ ଆମେ ସମସ୍ତେ ଦୀନେଶ୍ୱର ଘରେ ଏକାଠି ହେଲୁ, ମୋର ସବୁ ସାଙ୍ଗମାନେ ଖାଲି ଘନଘନ ପ୍ରଶ୍ନ କଲେ ।

'ସେ ଶଳା ଦେଖିନି ତ ?'

'ତୁ ଡରିନୁ ତ ?'

'ଚିନି ଭିତରେ ପଶି କେମିତି ନିଶ୍ୱାସ ନେଲୁ ?

(କ୍ରମଶଃ)

ମୁଁ ସବୁ ପ୍ରଶ୍ନର ଉତ୍ତର ଗମ୍ଭୀରତାପୂର୍ଣ୍ଣ ପୂର୍ବକ ଦେଲି । ଆମ କ୍ରାନ୍ତିକାରୀ ଦଳର ଏଇଟା ପ୍ରଥମ ଦୀକ୍ଷା ଥିଲା । (କ୍ରମଶଃ)


♥ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬




# ରୋଟାରୀ ହେଉଛି ବିଶ୍ୱର ସର୍ବବୃହତ୍ ପରିବାର : ଡିଜିଏନ୍



ଭଦ୍ରକ,୩୦/୦୭ (ନି.ପ୍ର): ରୋଟାରୀ କ୍ଲବ ହେଉଛି ଏକ ପରିବାର। ଏହି ପରିବାର ହେଉଛି ବିଶ୍ୱର ସର୍ବ ବୃହତ ପରିବାର। ଯେଉଁ ପରିବାରରେ ରହିଛି ଶୃଙ୍ଖଳା ଏବଂ ଏହି ଚିନ୍ତାଧାରା ହେଉଛି ନିଃସ୍ୱାର୍ଥ ସାମାଜିକ ସେବା। ଏହାର ଏକ ଅଙ୍ଗ ଭାବେ ଭଦ୍ରକ ରୋଟାରୀ ମିଡ୍ ଟାଉନ ଭଦ୍ରକ ଜିଲ୍ଲାର ସାମାଜିକ ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ରୋଟାରୀ ମିଡ୍‌ଟାଉନର ୧୮ତମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ନମିନି (ଡିଜିଏନ୍) ଯଜ୍ଞାଶିଷ ମହାପାତ୍ର ଯୋଗ ଦେଇ ମତବ୍ୟକ୍ତ କରିଥିଲେ। ୨୦୨୨-୨୩ ମସିହା ପାଇଁ ନବ ନିର୍ବାଚିତ ସଭାପତି ଭାବେ ପ୍ରୀତିରଂଜନ ଜେନା ପଦ ଓ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ସମ୍ପାଦକ ରୋ. ବେଦପ୍ରକାଶ ଗୁପ୍ତା ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଶ୍ରୀ ଜେନା ତାଙ୍କ ଅଭିଭାଷଣରେ ଆଗାମୀ ବର୍ଷ ପାଇଁ ରୋଟାରୀ ମିଡ୍ ଟାଉନ ଏକ ନୂତନ ରୂପରେ ଏବଂ ନୂତନ ଢାଞ୍ଚାରେ କାର୍ଯ୍ୟ କରିବ। ଜିଲ୍ଲାର ସାମାଜିକ ଉନ୍ନତି ପାଇଁ ରକ୍ତଦାନ ଶିବିରରୁ କାର୍ଯ୍ୟକ୍ରମ ଆରମ୍ଭ କରି ଜାତୀୟ ରାଜପଥରେ ଟ୍ରମା ସେଣ୍ଟର ସ୍ଥାପନ ଭଳି କାର୍ଯ୍ୟରେ ଶେଷ କରାଯିବା ଭଳି କାର୍ଯ୍ୟକ୍ରମ ହାତକୁ ନିଆଯିବାର ଯୋଜନା ରହିଥିବା ସୂଚନା ଦେଇଥିଲେ। ଚେୟାରପର୍ସନ ସୀଲୁ ଲାଖାନୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ଅନ୍ୟତମ ଅତିଥି ଭାବେ ଏଡିଜି ଇନ୍ଦ୍ରଜିତ ସାହୁ, ସମ୍ପାଦକ ବେଦପ୍ରକାଶ ଗୁପ୍ତା, ପୂର୍ବତନ ସଭାପତି ରୋ. ଶିଶିର ମିଶ୍ର ପ୍ରମୁଖ ମଞ୍ଚାସିନ ହୋଇଥିଲେ। ପୂର୍ବସଭାପତି ପବିତ୍ର ମୋହନ ଖିଲାର ବିଗତ ବର୍ଷର ବିବରଣୀ ଉପସ୍ଥପାନ କରିଥିଲେ। ପ୍ରୀତି ଅଗ୍ରୱାଲଙ୍କ ସଂଯୋଜନାରେ ମୁଖ୍ୟଅତିଥି ରୋ. ମହାପାତ୍ର ଏବଂ ରୋ. ଇନ୍ଦ୍ରଜିତ୍ ସାହୁଙ୍କୁ ପାଷ୍ଟ ଲେଡି ପୁଷ୍ପିତା ଜେନା ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ଜିଲ୍ଲାର ପ୍ରଥମ ହୋଇଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ସାଇ ସତ୍ୟପ୍ରକାଶ ପରିଡ଼ା, ସିବିଏସ୍‌ଇ ମାଟିକ୍ର ଜିଲ୍ଲା ଟପ୍ପର ଏସ୍‌ବିଡ଼ି ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ର ଏସ୍. ଆଶୁତୋଷ, ଆଇସିଆଇ ମାଟ୍ରିକ ଟପ୍ପର କାର୍ମେଲ ସ୍କୁଲର ଛାତ୍ରୀ ବିଶ୍ୱରୂପା ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ନୂତନ ଭାବେ କ୍ଲବରେ ଯୋଗ ଦେଇଥିବା ମିହିର କୁମାର ମହାନ୍ତି, ଦେବହୁତି ମହାପାତ୍ର, ମନୋଜ ଅଗ୍ରୱାଲ, ରୁମା ଅଗ୍ରୱାଲ, ଜିତେନ୍ଦ୍ର ଅଗ୍ରୱାଲ, ସୀମା ଅଗ୍ରୱାଲ, ଅନିଲ କୁମାର ଦେ, ସଂଗୀତା ଦେ ଏବଂ ସମରେନ୍ଦ୍ର ମିଶ୍ରଙ୍କୁ କ୍ଲବ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଏହି ସମାରୋହରେ ରୋଟାରୀ ମିଡ୍‌ଟାଉନ ସହିତ ରୋଟାରୀ କ୍ଲବ ଭଦ୍ରକ, ଲାୟନସ୍ କ୍ଲବର ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ। ବରିଷ୍ଠ ସଦସ୍ୟ ରତନଲାଲ ଗୁପ୍ତା, ପ୍ରମୋଦ ଲାଖାନୀ, ରାହୁଲ ଖେରିଆ, ଅଶୋକ ଲାଖାନୀ, ଗୌରବ ଅଗ୍ରୱାଲ, ଅଞ୍ଜୁ ଗୁପ୍ତା, ସନ୍ଧ୍ୟା ଗୁପ୍ତା, ଚୈତାଳୀ ଖିଲାର, ଅମିତ ମଲ୍ଲିକ, ସମିତା ମିଶ୍ର, ଅଶୋକ ଶତପଥି, ସଞ୍ଜୟ ପରିଡା, ଅମ୍ବିକା ବଲ୍ଲଭ ସ୍ୱାଇଁ, ମାର୍ଗି ବଳଦେବା, ଅଭିଜିତ୍ ନାୟକ, ରାଜେଶ ବଳଦେବା, ଗୟାଧର ପଣ୍ଡା, ଅଶୋକ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିଦ୍ୟୁତ ବିଭାଗର ଚରମ ଅବହେଳା....

୭ ବର୍ଷର ପୁଅ ମୁନା ଘର ଅଗଣାରେ ଖେଳୁ ଖେଳୁ ଘର ପଡିଶା ଘର ଛାତ ଉପରକୁ ଚାଲିଯାଇଥିଲା । କିନ୍ତୁ କିଏ ବା ଜାଣିଥିଲା ବିପଦ ଚାହିଁ ବସିଥିଲା ମୁନାକୁ । ଛାତ ଉପରେ ଖେଳୁ ଖେଳୁ ଛାତରେ ଝୁଲିଥିବା ୧୧କେଭି ତାର ସଂସ୍ପର୍ଶରେ ଆସି ଯାଇଥିଲେ । ଆଉ ତାପରେ ଦୁଇ ହାତ ହରାଇ ସବୁଦିନ ପାଇଁ ଭିନ୍ନକ୍ଷମ ହୋଇଯାଇଛି ମୁନ୍ନା । ଛାତ ଉପରେ ଝୁଲିଥିବା ଏହି ବିଦ୍ୟୁତ ତାର ସମ୍ପର୍କରେ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ୨ ବର୍ଷ ପୂର୍ବରୁ ଜଣାଇଥିଲେ ଘର ମାଲିକ । ବିପଦକୁ ଏଡାଇବା ପାଇଁ ଲିଖିତ ଭାବେ ଜଣାଇଥିଲେ । ମାତ୍ର ପୂର୍ବ କନିଷ୍ଠ ଯନ୍ତ୍ରୀ ବଦଳି ହୋଇଗଲାପରେ ମଧ୍ୟ ଏହାର କୌଣସି ସମାଧାନ ହୋଇ ପାରିନଥିଲା । ନୂତନ କନିଷ୍ଠ ଯନ୍ତ୍ରୀଙ୍କୁ ବି ଏ ସମ୍ପର୍କରେ ଜଣାଇଥିଲେ ବି କୌଣସି ପଦକ୍ଷେପ ନେଇନଥିଲା ବିଦ୍ୟୁତ ବିଭାଗ । ଆଉ ଶେଷରେ ଘଟିଥିଲା ଏଭଳି ଅଘଟଣ । ସ୍ଥାନୀୟ ପୋଲିସକୁ ଏ ନେଇ ଅଭିଯୋଗ କରିବା ପରେ ବିଦ୍ୟୁତ ବିଭାଗ ଖୁଣ୍ଟ ଲଗାଇ ତାରକୁ ଉଠାଇ ଦେଇଛନ୍ତି । କିନ୍ତୁ ଦୁର୍ଭାଗ୍ୟର କଥା ଏଯାବତ ବିଦ୍ୟୁତ ବିଭାଗର କୌଣସି ଅଧିକାରୀ ବା କର୍ମଚାରୀ ସହାନୁଭୁତି ପାଇଁ ବି ପହଞ୍ଚିନାହାନ୍ତି । ବିଦ୍ୟୁତ ବିଭାଗର ଅଧିକାରୀଙ୍କ ସହ ଆମେ ଯୋଗାଯୋଗ କରିଥିଲେ ବି କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ଏବେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି ପୀଡ଼ିତ ନାବାଳକ ।

### ଜୟନାରାୟଣ ମିଶ୍ର ହେଲେ....

ଭାବେ କାର୍ଯ୍ୟ ତୁଲାଇଛନ୍ତି ଜୟନାରାୟଣ ମିଶ୍ର । ବିଧାୟକ ଦଳର ନେତା ତଥା ଓଡ଼ିଶା ବିଧାନସଭାରେ ବିରୋଧୀ ଦଳ ନେତା ବିଧାୟକ ପ୍ରଦୀପ୍ତ କୁମାର ନାଏକ ଦୀର୍ଘ ଦିନ ଧରି ଅସୁସ୍ଥ ଥିବା କାରଣରୁ ତାଙ୍କ ପକ୍ଷେ ଏହି ଗୁରୁଦାୟିତ୍ୱ ନିର୍ବାହ ଆଉ ସମ୍ଭବ ହେଉନଥିବାରୁ ଶ୍ରୀ ନାଏକ ତାଙ୍କର ଦାୟିତ୍ୱରୁ ଇସ୍ତଫା ଦେଇଥିଲେ। ତେଣୁ ବିଧାୟକମାନଙ୍କ ମଧ୍ୟରୁ ଅନ୍ୟ ଜଣଙ୍କୁ ଏହି ଦାୟିତ୍ୱ ଅର୍ପଣ କରିବା ସମ୍ପର୍କରେ ଆଜିର ବିଧାୟକ ଦଳ ବୈଠକରେ ବିଶେଷ ଚର୍ଚ୍ଚା ଆଲୋଚନା କରାଯାଇଥିଲା। ବିଜେଡିମୁକ୍ତ ଓଡ଼ିଶା ଆମର ଲକ୍ଷ୍ୟ ବୋଲି ବିରୋଧୀ ଦଳ ନେତା ଚୟନ ପରେ ଜୟନାରାୟଣ ମିଶ୍ର କହିଛନ୍ତି। ସେ କହିଛନ୍ତି ଯେ ଆମର କେନ୍ଦ୍ରୀୟ ଯୋଜନା କଂଗ୍ରେସମୁକ୍ତ ଭାରତ, ବିଜେଡିମୁକ୍ତ ଓଡ଼ିଶା। ଆମେ ଏହି ୨ଟି କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଆଗକୁ ବଢ଼ିବୁ। ୨୦୨୪ରେ ଆମେ କେମିତି ସଂଖ୍ୟାଗରିଷ୍ଠ ହେବୁ ସେନେଇ ଯୋଜନା କରିବୁ। ବୁଥ୍ ସ୍ତରରୁ ଆମେ ସଂଗଠନ ସୁଦୃଢ଼ କରିବୁ। ବିଜେଡି ସହ କୌଣସି ପ୍ରକାର ବୁଝାମଣା ହେବାର ନାହିଁ । ଉଭୟ ବିଧାନସଭା ଓ ରାଜରାସ୍ତାରେ ଆନ୍ଦୋଳନ ପାଇଁ ସମନ୍ୱୟ ରଖିବୁ ବୋଲି କହିଛନ୍ତି ଜୟନାରାୟଣ ।

## ବିଜେପି ପଞ୍ଚୁପଡ଼ା ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ

ବାଲେଶ୍ୱର,୩୦/୦୭ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଞ୍ଚୁପଡ଼ା ବିଜେପି ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ସଭାପତି ବିଜୟ କୁମାର ଦାସଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ମାନସ କୁମାର ଦତ୍ତ ଏଥିରେ ଯୋଗଦେଇ ଦଳୀୟ ସଙ୍ଗଠନକୁ ଆଗେଇ ନେବାର ବିଭିନ୍ନ ଦିଗ ସମ୍ପର୍କରେ କର୍ମୀମାନଙ୍କୁ ମାର୍ଗଦର୍ଶନ କରାଇଥିଲେ। ବିଶେଷ କରି ସ୍ଥାନୀୟ ସମସ୍ୟା ସମାଧାନ ଓ କେନ୍ଦ୍ରୀୟ ଯୋଜନା ସମ୍ପର୍କରେ ଜନ ସାଧାରଣଙ୍କୁ ସଚେତନତା କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟପକ୍ଷରେ ବିଭିନ୍ନ ଯୋଜନା କାର୍ଯ୍ୟକାରିତାରେ ବିଭାଗୀୟ ଅଧିକାରୀ ଏବଂ ଶାସକଦଳର ଛାମୁଆ କର୍ମୀଙ୍କ ଦ୍ୱାରା ହେଉଥିବା ଅନିୟମିତାତା, ଆବାସ ଯୋଜନା ଦୁର୍ନୀତି, ଟାଟା ପାୱାର ଦ୍ୱାରା ହେଉଥିବା ବିଦ୍ୟୁତ ଗ୍ରାହକ ଶୋଷଣ ଆଦିକୁ ଶ୍ରୀ ଦତ୍ତ ତୀବ୍ର ସମାଲୋଚନା କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଅନ୍ୟାନ୍ୟ କ୍ଷେତ୍ରରେ ହେଉଥିବା ଅନିୟମିତତାକୁ ନେଇ ଏହି ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ମଣ୍ଡଳ ପ୍ରବାରୀ ଲୋକନାଥ ଭୂୟାଁ, ରାଜେନ୍ଦ୍ର ଚାଟାର୍ଜୀ, ପଞ୍ଚାୟତ ସଭାପତି ଲଲାଟେନ୍ଦୁ ଦାସ, ବିମଲ ସାହୁ, ମହେଶ୍ୱର ମାନ୍ନା, ଭାଗ୍ୟଧର ଦାସ, କାହ୍ନୁଚରଣ ପ୍ରଧାନ, ସରପଞ୍ଚ ଜୟନ୍ତୀ ଆଦିକ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଶ୍ରୀବିଦ୍ୟାଙ୍କ ସ୍ମୃତିରେ ଶୀତତାପ ନିୟନ୍ତ୍ରିତ କ୍ୟାବିନ ଉଦ୍‌ଘାଟନ : ରକ୍ତଦାନ ଶିବିର ଓ ସ୍ମୃତିଚାରଣ ସଭା ଅନୁଷ୍ଠିତ



ଉଦଳା, ୩୦/୦୭ (ନି.ପ୍ର): ଶ୍ରୀବିଦ୍ୟା ଶୁଭଦର୍ଶନୀ(ରେନି)ଙ୍କ ସ୍ମୃତିରେ ତାଙ୍କର ଜନ୍ମଦିନ ଅବସରରେ ଉଦଳା ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଦୁଇଗୋଟି ଶୀତତାପ ନିୟନ୍ତ୍ରୀତ କ୍ୟାବିନ ଆଜି ଉଦ୍‌ଘାଟିତ ହୋଇ ଯାଇଛି । ଶ୍ରୀବିଦ୍ୟାଙ୍କ ପିତା ଦୁଳମଣି ପୁହାଣ, ମାତା ସୁଭଦ୍ରା ରାଉତଙ୍କ ଆର୍ଥିକ ଅନୁଦାନ ଓ ପ୍ରତକ୍ଷ ତତ୍ତ୍ୱାବଧାନରେ ନିର୍ମିତ କ୍ୟାବିନ ଦ୍ୱୟର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବରେ ଉଦଳାର ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ରକ୍ତଦାନ ଶିବିରର ଉଦ୍‌ଘାଟନ କରିଥିଲେ । ଏହି ରକ୍ତଦାନ ଶିବିରରେ ମୋଟ ୪୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡ଼ାକ୍ତର କମଳାକାନ୍ତ ନାୟକଙ୍କ ସଭାପତିତ୍ୱରେ ଶ୍ରୀବିଦ୍ୟାଙ୍କ ସ୍ମୃତିରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଡ଼ାକ୍ତର ପ୍ରଜ୍ଞା ପ୍ରୀୟଦର୍ଶନୀ ବେହେରା ଓ ଚିନ୍ମୟ ମିଶନର ଅଚ୍ୟୁତ ଚୈତନ୍ୟ ବ୍ରହ୍ମଚାରୀ ଯୋଗ ଦେବା ସହ ଉପସ୍ଥିତ ଅତିଥି ଗଣ ବିଦ୍ୟାଶ୍ରୀ ପିତାଙ୍କ ଏହି ମହାନ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ । ସ୍ମଅତିଚାରଣ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋରଚନ୍ଦ୍ର ଦାସ ବାବୁ ସଂଯୋଜନା କରିଥିବା ବେଳେ ମନୋରଂଜନ ବାଛିନୀ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ଅତିଥି ମାନଙ୍କ ଦ୍ୱାରା ଉପଖଣ୍ଡ ଚିକିତ୍ସାଳୟର ରୋଗୀ ମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଶ୍ରୀ ମେମୋରିଆଲ ଟ୍ରଷ୍ଟ କଇଁସାରୀର ସଦସ୍ୟ ବୃନ୍ଦ ତଥା ଶିଳ୍ପୀ ରାଜାରାମ ବେହେରା ସହଯୋଗ କରିଥିଲେ ।

## ନୀଳଗିରିରୁ ଶୁଭାରମ୍ଭ ହେବ କଂଗ୍ରେସର ୭୫ କିମି ପଦଯାତ୍ରା

ବାଲେଶ୍ୱର,୩୦/୦୭ (ନି.ପ୍ର): କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ଶାସନ ନୀତି ବିରୋଧରେ କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ଅଗଷ୍ଟ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ୭୫ କିମି ପଦଯାତ୍ରା ପାଇଁ ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଭାରତର ପ୍ରତି ଜିଲାରେ ଏହି ପଦଯାତ୍ରା ହେବାକୁ ଯାଉଥିବା ବେଳେ ଏନେଇ ବାଲେଶ୍ୱରରେ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା କଂଗ୍ରେସ ସଭାପତି ସଂଜୀବ ଗିରିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସରେ ନୀଳଗିରିରୁ ଏହି ପଦଯାତ୍ରା ଶୁଭାରମ୍ଭ କରାଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି। ନୀଳଗିରିରୁ ଏହି ପଦଯାତ୍ରା ଶୁଭାରମ୍ଭ ହୋଇ ସଦର, ରେମୁଣା, ସୋର, ସିମୁଳିଆ, ବସ୍ତା, ଜଳେଶ୍ୱର ଆଦି ନୀର୍ବାଚନମଣ୍ଡଳୀ ଅତିକ୍ରମ ସହ ୧୫ ତାରିଖ ଅର୍ଥାତ ସ୍ୱାଧୀନତା ଦିବସରେ ଭୋଗରାଇ ନିର୍ବାଚନମଣ୍ଡଳୀରେ ଏହା ଉଦଯାପିତ ହେବ। ଏହି ୭ ଦିନିଆ ପଦଯାତ୍ରାରେ ଜିଲା ତଥା ରାଜ୍ୟରୁ ନେତୃମଣ୍ଡଳୀ ଯୋଗଦେବେ ବୋଲି ଜିଲା ସଭାପତି ଶ୍ରୀ ଗିରି ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଓ ଅକ୍ଷୟ କୁମାର ଆଚାର୍ଯ୍ୟ, ପିସିସି ମୁଖପାତ୍ର ସୁଦର୍ଶନ ଦାସ, ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସ, ପିସିସି ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ମହିଳା କଂଗ୍ରେସ ଜିଲା ସଭାନେତ୍ରୀ ପ୍ରଜ୍ଞାପପାରମିତା ମହାନ୍ତିଙ୍କ ସମେତ ବିକାଶ ଦାସ, ତରୁଣ ଦାସ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ।

## ଗୋଟିଏ ଦିନରେ ୯୮୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୩୦/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୯୮୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୧୨୧୧୬କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧୬୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୯୬୨୯୩ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୬୬୩୨ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୫୭୫ ଜଣ ସଂଗରୋଧରୁ ଓ ୪୦୬ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୧, ବାଲେଶ୍ୱର ଜିଲ୍ଲାରେ ୧୩, ବରଗଡ ଜିଲ୍ଲାରେ ୪୪, ଭଦ୍ରକ ଜିଲ୍ଲାରେ ୧୨, ବଲାଙ୍ଗୀର ଜିଲ୍ଲାରେ ୨୨, ବୌଦ୍ଧ ଜିଲ୍ଲାରେ ୧୦, କଟକ ଜିଲ୍ଲାରେ ୩୮୨. ଦେବଗଡ, ଜିଲ୍ଲାରେ ୮, ଢେଙ୍କାନାଳ ଜିଲ୍ଲାରେ ୩, ଗଜପତି ଜିଲ୍ଲାରେ ୭ , ଜଗତସିଂହପୁର ଜିଲ୍ଲାରେ ୮ , ଯାଜପୁର ଜିଲ୍ଲାରେ ୧୬, ଝାରସୁଗୁଡା ଜିଲ୍ଲାରେ ୨୦, କଳାହାଣ୍ଡି ଜିଲ୍ଲାରେ ୩୦, କନ୍ଧମାଳ ଜିଲ୍ଲାରେ ୧୯, କେନ୍ଦ୍ରାପଡା ଜିଲ୍ଲାରେ ୮, କେନ୍ଦୁଝର ଜିଲ୍ଲାରେ ୧୦, ଖୋର୍ଦ୍ଧା ଜିଲ୍ଲାରେ ୧୫୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୧୬, ମାଲକାନଗିରି ଜିଲ୍ଲାରେ ୧, ମୟୁରଭଂଜ ଜିଲ୍ଲାରେ ୮୪ , ନବରଙ୍ଗପୁର ଜିଲ୍ଲାରେ ୨୮.ନୟାଗଡ ଜିଲ୍ଲାରେ ୨୪, ନୂଆପଡା ଜିଲ୍ଲାରେ ୧୦, ପୁରୀ ଜିଲ୍ଲାରେ ୬, ରାୟଗଡା ଜିଲ୍ଲାରେ ୮, ସମ୍ବଲପୁର ଜିଲ୍ଲାରେ ୭୧, ସୋନପୁର ଜିଲ୍ଲାରେ ୨୩, ସୁନ୍ଦରଗଡ ଜିଲ୍ଲାରେ ୨୫୯ ଓ ଷ୍ଟେଟ ପୁଲରେ ୩୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ଉଦ୍‌ବୃତ୍ତ ବର୍ଷାପାଣିରେ ବିସ୍ତୀର୍ଣ୍ଣ ଅଂଚଳ ଜଳମଗ୍ନ : ପଚିଲା ସବୁ ଧାନତଳି

ଜଳେଶ୍ୱର, ୩୦/୭(ନି.ପ୍ର): ଜଳେଶ୍ୱର ସହର ତଳି ଅଂଚଳର ଉଦ୍‌ବୃତ୍ତ ବର୍ଷାପାଣି ନିଷ୍କାସନର ବ୍ୟବସ୍ଥା ନ ଥିବାରୁ ଜଳ ନିଷ୍କାସନ ହୋଇନପାରି ବିସ୍ତିର୍ଣ୍ଣ ଅଂଚଳ ପାଣିରେ ଦୀର୍ଘଦିନ ବୁଡ଼ି ରହିଥିଲା । ଫଳରେ ସେ ଅଂଚଳରେ ପଡିଥିବା ସମସ୍ତ ଧାନତଳି ପଚି ନଷ୍ଟ ହୋଇଛି । ରାଜସ୍ୱ ଓ ପୂର୍ତ୍ତ ବିଭାଗର ମିଳିତ ଉଦ୍ୟମରେ ସଡକର ନୟନଯୋରି ଜବର ଦଖଲରୁ ଉଦ୍ଧାର କରିବା ସହିତ ଖନନ କରାଯାଇପାରିଲେ ଜଳ ନିଷ୍କାସନ ସମସ୍ୟା ଭାବେ ଦେଖା ଦିଅନ୍ତା ନାହିଁ ବୋଲି ମତପ୍ରକାଶ ପାଇଛି । ୬୦ନଂ ଜାତୀୟ ରାଜପଥ ନିକଟରୁ ଆମ୍ବଳିଅଠା, ନଛିମପୁର, ଦେଉଳା, ନାଙ୍ଗୁଡସାହି, ବେଲିଗୋପିନାଥପୁର, ଶାନ୍ତିଆ ଅଂଚଳର ଉଦ୍‌ବୃତ୍ତ ବର୍ଷାପାଣି ଗଡିଯିବା ଲାଗି ରାସ୍ତା ଅବରୋଧ ହୋଇଛି । ପୂର୍ବରୁ ଏହି ଅଂଚଳର ବର୍ଷାପାଣି ଜଳେଶ୍‌ବର-ଚନ୍ଦନେଶ୍ୱର ୫୭ ରାଜ୍ୟ ରାଜପଥର ନୟନଯୋରୀରେ ପାଣିନିଷ୍କାସନ ହେଉଥିଲା । କିନ୍ତୁ ଏବେ ନୟନଯୋରୀର ବିଭିନ୍ନ ସ୍ଥାନରେ ଜବରଦଖଲ ହୋଛି । କେଉଁଠି ବଡବଡ ପକ୍କାଗୃହ ନିର୍ମାଣ ହୋଇଛି ତ କେଉଁଠି ମାଟି ଭର୍ତ୍ତି କରାଯାଇଛି । ଏଥିଲାଗି ରାଜସ୍ୱ ବିଭାଗ ନା ପୂର୍ତ୍ତ ବିଭାଗର ନିଘା ରହିଛି । ଏହି ଅଂଚଳର ବର୍ଷାପାଣି ନୟନଯୋରୀ ଦ୍ୱାରା ବାଣିଦାଖାଳ, ନାମ୍ପୋ ଖାଳ, ନହରା ନାଳ ସହିତ ମିଶିଥାଏ । ତେଣୁ ବର୍ଷାପାଣି ସୁବର୍ଣ୍ଣରେଖା ନଦୀକୁ ଗଡିଯିବାରେ ଅସୁବିଧା ହେଉନଥିଲା । କିନ୍ତୁ ଏସବୁ ସ୍ଥାନ ପ୍ରଶାସନୀକ ଉଦାସୀନତା ଯୋଗୁଁ ଜବରଦଖଲ ହୋଇଛି । ବରଂ ରାଜସ୍ୱ ବିଭାଗ ସେସବୁ ସ୍ଥାନକୁ ନିଜ ନାମରେ ପଟ୍ଟା କରିବାଲାଗି ବ୍ୟବସ୍ଥା କରିଥିବା ବହୁ ନଜିର ରହିଛି । ଫଳରେ ସମସ୍ୟା ଦିନକୁଦିନ ବଢି ଚାଲିଛି । ଗତ କିଛିଦିନ ତଳେ ଲଘୁଚାପ ଜନୀତ ବର୍ଷାଯୋଗୁଁ ଉପରୋକ୍ତ ଅଂଚଳରେ ବର୍ଷାପାଣି ଦୀର୍ଘଦିନ ଜମି ରହିଥିଲା । ଏ ଅଂଚଳର ସମସ୍ତ ତଳି ପଚିଯାଇଥିବା ଦେଖିବାକୁ ମିଳିଛି । ଜବରଦଖଲ ହଟାଇ ନୟନଯୋରୀରେ ଜଳ ନିଷ୍କାସନର ବ୍ୟବସ୍ଥା କରାଯାଇପାରିଲେ ଉପରୋକ୍ତ ଅଂଚଳରୁ ଜଳନିଷ୍କାସନ ହେବା ସହିତ ଶହ ଶହ ଚାଷୀ ଉପକୃତ ହୋଇ ପାରନ୍ତେ । ଆମ୍ବଳିଅଠା ଗାଁର ଗୌରାଙ୍ଗ ପାତ୍ର ନେତୃତ୍ୱରେ ଜଳନିଷ୍କାସନ ଓ ନୟନଯୋରୀ ଖନନ ପାଇଁ କୃଷିବିଭାଗ, ଜିଲାପାଳଙ୍କ ସେମାନେ ଦୃଷ୍ଟି ଆକର୍ଷଣ କରିଛନ୍ତି । ଅନ୍ୟଥା ସେ ଅଂଚଳରେ ଚାଷୀ ଆନ୍ଦୋଳନ ସୂଚନା ମିଳୁଛି ।

## ଦୁଇ ଦିନିଆ ରାଜ୍ୟସ୍ତରୀୟ ଖୋଖୋ ଅଫିସିଆଲ ପ୍ରଶିକ୍ଷଣ ଶିବିର



ବାଲିଆପାଳ, ୩୦/୦୭ (ନି.ପ୍ର): ଦୁଇ ଦିବସିୟ ରାଜ୍ୟସ୍ତରୀୟ ଖୋଖୋ ପ୍ରଶିକ୍ଷଣ ଶିବିର ଆଜି ସ୍ଥାନିୟ ବାଲିଆପାଳ ଶାରିରୀକ କ୍ରୀଡା ମହାବିଦ୍ୟାଳୟ ପରିସରରେ ଉଦଘାଟିତ ହୋଇଯାଇଛି ।ଏହି ପ୍ରଶିକ୍ଷଣ ଶିବିରରେ ରାଜ୍ୟ ଖୋଖୋ ସଂଘର ସଂପାଦକ ପ୍ରଦ୍ୟୁମ୍ନ ମିଶ୍ର ଯୋଗଦେଇ ଉପସ୍ଥିତ ପ୍ରଶିକ୍ଷାର୍ଥୀ ମାନଙ୍କୁ ଅଫିସିଆଲ ହେବା ପୂର୍ବରୁ ଖୋଖୋ ଖେଳକୁ ପ୍ରଥମେ ଭଲପାଇବା ଦରକାର ବୋଲି କହିଥିଲେ। ଓଡ଼ିଶାର ଖୋଖୋ ଆଜି ସାରା ଦେଶରେ ଦ୍ୱିତୀୟ ସ୍ଥାନରେ ଅଛି। ସମସ୍ତଙ୍କ ପ୍ରଚେଷ୍ଟା ରହିଲେ ଆମେ ପ୍ରଥମ ସ୍ଥାନରେ ପହଞ୍ଚି ପାରିବା ବୋଲି ସଂପାଦକ ଶ୍ରୀଯୁକ୍ତ ମିଶ୍ର କହିଥିଲେ। କ୍ରୀଡାମହାବିଦ୍ୟାଳୟର ପ୍ରାଧାପକ ପ୍ରଦୀପ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରର ଉଦଘାଟନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡା ମହାବିଦ୍ୟାଳୟର ସଂପାଦକ ସଚିବ ଡ. ଶ୍ରୀକାନ୍ତ ମିଶ୍ର, ଅଧକ୍ଷ ଡ. ସୁଶାନ୍ତ ଦେ, ପ୍ରଶିକ୍ଷଣ ଶିବିରର ଆବାହକ ଡ.ଆଦିତ୍ୟ ପ୍ରସାଦ ପଟ୍ଟନାୟକ, ରାଜ୍ୟ ଖୋଖୋ ସଂଘର ମୁଖ୍ୟ ଟେକନିକାଲ ଅଫିସର ରବିନାରାୟଣ ପ୍ରଧାନ, କୋଷାଧକ୍ଷ ପାର୍ଥସାରଥୀ ମହାପାତ୍ର, ଜାତିୟ ସ୍ତରର ଖୋଖୋ ଅଫିସିଆଲ ସୁରର୍ଯ୍ୟନାରାୟଣ ଜେନା, ଦେବୀପ୍ରସାଦ ଦାସ ଓ କୁନମୁନ ବେହେରା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଦୁଇ ଦିନିଆ ଏହି ପ୍ରଶିକ୍ଷଣ ଶିବିରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୧୬୨ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଛନ୍ତି।ପ୍ରଶିକ୍ଷଣ ପରେ ଆସନ୍ତାକାଲି ପ୍ରଶିକ୍ଷାର୍ଥୀ ମାନଙ୍କର ଏକ ପରୀକ୍ଷା ଅନୁଷ୍ଠିତ ହେବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ କ୍ରୀଡାମହାବିଦ୍ୟାଳୟର ସମସ୍ତ ପ୍ରାଧାପକ ଓ ଛାତ୍ର ଛାତ୍ରୀଙ୍କ ସହଯୋଗ ରେ ଆୟୋଜିତ ହୋଇଅଛି।

## ବଜାର ଭାଙ୍ଗିବାକୁ ନେଇ ବିରୋଧ କାଲେ ବଣିକ ସଙ୍ଘ



ଖଇରା, ୩୦/୦୭ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ବଜାର କୁ ସୋମବାର ଦିନ ଭାଙ୍ଗିବାକୁ ନୋଟିସ ପ୍ରଦାନ ପରେ ଶନିବାର ମାଇକ ଯୋଗେ ପ୍ରଚାର କରାଯାଇଛି । ଦ୍ୱିତୀୟ ଥର ପାଇଁ ଏହି ଉଚ୍ଛେଦ ନିଷ୍ପତ୍ତିରେ ପ୍ରଥମ ପର୍ଯ୍ୟାୟରେ ଖଇରା ୟକୋ ବ୍ୟାଙ୍କ ନିକଟରୁ ତୋରାଣିପଦା ଏବଂ ଦ୍ୱିତିୟ ପର୍ଯ୍ୟାୟରେ ୟକୋ ବ୍ୟାଙ୍କ ନିକଟରୁ ବଣପାରିଆ ଛକ ପର୍ଯ୍ୟନ୍ତ ରାସ୍ତାର ୨ପାର୍ଶ୍ୱରେ ଥିବା ବ୍ୟବସାୟୀ ମାନଙ୍କୁ ଉଚ୍ଛେଦ ପାଇଁ ରାଜସ୍ୱ ବିଭାଗର ଏହି ନିଷ୍ପତ୍ତିକୁ ଖଇରା ବ୍ୟବସାୟୀ ଓ ସ୍ଥାନୀୟ ବାସିନ୍ଦା ଏକଜୁଟ ହୋଇ ତୀବ୍ର ବିରୋଧ କରିବା ସହ ଆନ୍ଦୋଳନ ଚେତାବନୀ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବ୍ୟବସାୟୀ ମାନଙ୍କ ତରଫରୁ ଶନିବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବହୁ ବ୍ୟବସାୟୀ ଏବଂ ସେମାନଙ୍କୁ ସମର୍ଥନ କରି ବହୁ ବୁଦ୍ଧିଜୀବୀ,ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ବିକ୍ଷୋଦ୍‌ଗାର କରିଛନ୍ତି । ସେମାନନଙ୍କର ଅଭିଯୋଗ ଅନୁଯାୟୀ ୨୦୧୬ ମାସିହାରେ ରାସ୍ତା ଓ ଡ୍ରେନ ର ପୁନର୍ନିର୍ମାଣ ପାଇଁ ତତ୍କାଳୀନ ତହସିଲଦାର ଦେବୀପ୍ରସାଦ ମହାନ୍ତିଙ୍କ ଦ୍ୱାରା ଜବରଦଖଲ ଉଚ୍ଛେଦ ନାମରେ ଶହ ଶହ ବର୍ଷ ଧରି ରାସ୍ତା କଡରେ ଦୋକାନ କରି ଚଳୁଥିବା ଛୋଟବଡ ଦୋକାନୀଙ୍କୁ ହଟାଇ ଦିଆଗଲା । ରାସ୍ତା ଓ ଡ୍ରେନ ନିର୍ମାଣ ପରେ ଯିଏ ଯେମିତି ଅଣ୍ଟାସଳଖି ପୁଣି ନିଜ ଯାଗାରେ ଦୋକାନ ବ୍ୟବସାୟ କରିବା ଆରମ୍ଭ କରିଥିଲେ । ବାସ୍ତବ କ୍ଷେତ୍ରରେ ରାସ୍ତା ନିର୍ମାଣ ବେଳେ ୟୁକୋ ବ୍ୟାଙ୍କ ନିକଟରେ ଠିକାଦାର ପୋଲକୁ ଅଣଓସାରିଆ କରି ଛାଡିଦେବା ଏବଂ ସମ୍ମୁଖ ଭାଗରେ ପାଣି ପଶୁଥିବା ସ୍ଥାନରେ ଜଳ ନିଷ୍କାସନରେ ପର୍ଯ୍ୟାପ୍ତ ବ୍ୟବସ୍ଥା କରାନଯିବା କାରଣରୁ ପରବର୍ତ୍ତୀ ସମୟରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ହେଲେ ଡ୍ରେନେଜ ବ୍ୟବସ୍ଥା ସଜାଡିବା ପରିବର୍ତ୍ତେ ଏବେ ପୁଣିଥରେ ଦୋକାନୀ ମାନଙ୍କୁ ଉଚ୍ଛେଦ ପାଇଁ ନୋଟିସ କରିବା ଏବଂ ସର୍ବସାଧରଣ ବ୍ୟବହାର କରୁଥିବା ୟୁକୋବ୍ୟାଙ୍କ ନିକଟସ୍ଥ ନାଳର ପଛପଟ ନିଷ୍କାସନ ଦ୍ୱାର ଏପରେ ପଡିଥିବା ସ୍ଲାବକୁ ଭାଙ୍ଗିବା ପାଇଁ ନିଷ୍ପତ୍ତି ପରେ ବ୍ୟବସାୟୀ ତଥା ବ୍ୟାଙ୍କକୁ ଆସୁଥିବା ଗ୍ରାହକଙ୍କ ମୁଣ୍ଡରେ ଚଡକ ପଡିଛି । ପ୍ରଶାସନର ମାପ ପରେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହା ନଭାଙ୍ଗିବାକୁ ବାଲେଶ୍ୱର ଉପଜିଲାପାଳଙ୍କ ୨୦୧୫ ଜୁଲାଇ ମାସରେ ନିର୍ଦ୍ଦେଶ ଦେଇଥିବା ବେଳେ ବର୍ତ୍ତମାନର ରାଜସ୍ୱ ବିଭାଗର ଭାଙ୍ଗିବା ନିଷ୍ପତ୍ତି ଏକ ଚକ୍ରାନ୍ତ ବୋଲି ବ୍ୟବସାୟୀ ପ୍ରଶାନ୍ତ ବେହେରା କହିଛନ୍ତି । ଗୋଟିଏ ଥର ବଜାର ଭଙ୍ଗା ଓ କରୋନା ମାଡର ଦୁଃଖ ନଭୁଲିବା ପୁର୍ବରୁ ପ୍ରଶାସନର ପୁଣି ବଜାର ଭଙ୍ଗା ନିଷ୍ପତ୍ତି ବୋଝ ଉପରେ ନଳିତା ବିଡା ବୋଲି ସ୍ଥାନୀୟ ବୁଦ୍ଧିଜିବୀ ସନ୍ତୋଷ ଶତପଥି କହିଛନ୍ତି । ରାସ୍ତା ନିର୍ମାଣ ପାଇଁ ପୁର୍ତ୍ତ ବିଭାଗର କୌଣସୀ ଯୋଜନା ନଥିବା ବେଳେ ହଠାତ ଏଭଳି ବଜାର ଉଚ୍ଛେଦ ନିଷ୍ପତ୍ତିକୁ ଉପସ୍ଥିତ ବ୍ୟବସାୟୀ ବିରୋଧ କରିଛନ୍ତି । ଏ ସମ୍ପର୍କରେ ପୁର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ନରେଶ ସିଂ ଙ୍କୁ ପଚାରିବାରେ ବିଭଗର ତରଫରୁ ଡ୍ରେନ ନିର୍ମାଣ ପାଇଁ ଆବଶ୍ୟକ ଯାଗା ଦେବା ପାଇଁ କୁହାଯାଇଛି । ସେ କେତେଯାଗା ଭାଙ୍ଗିବା ପାଇଁ ନୋଟିସ କରିଛନ୍ତି ସେ ବିଷୟରେ କହିପାରିବେ ନାହିଁ । ସବୁ ପରେ ଗତ ଖଇରା ବଜାରର ବହୁ ବ୍ୟବସାୟୀ ଓ ବ୍ୟାଙ୍କକୁ ଆସୁଥିବା ଗ୍ରାହକ ବଜାର ଉଚ୍ଛେଦ ବନ୍ଦ ରଖିବା ସହ ୟୁକୋ ବ୍ୟାଙ୍କ କଡରେ ଥିବା ସ୍ଲାବକୁ ନଭାଙ୍ଗିବାକୁ ବାଲେଶ୍ୱର ଜିଲାପାଳଙ୍କୁ ଗୁରୁବାର ଲିଖିତ ଭାବେ ଜଣାଇବା ପରେ ଜିଲପାଳ ଏହା ଉପରେ ଅନୁଧ୍ୟାନ କରିବାକୁ ପ୍ରତିଶୃତି ଦେଇଥିଲେ ହେଁ ଏହା ଭାଙ୍ଗିବା ପାଇଁ ନିଷ୍ପତ୍ତି ଅଗଣତାନ୍ତିକ ବୋଲି ବ୍ୟବସାୟୀ ମାନେ ଅଭିଯୋଗ କରିଛନ୍ତି । ଉକ୍ତ ଖବରଦାତା ସମ୍ମିଳନୀରେ ଗୋବର୍ଦ୍ଧନ ପାଇକରାୟ,କାହ୍ନୁ ଚରଣ ମାହାନା, ସରୋଜ କୁମାର ମହାନ୍ତି, ଅଭିମନ୍ୟୁ ପରମାଣିକ, ସଞ୍ଜୟ କୁମାର ମାହୁନ୍ତ, ନିଶାକର ନାୟକ, ଚିତ୍ତରଞ୍ଜନ ଦାସ ଙ୍କ ସମେତ ଶତାଧିକ ବ୍ୟବସାୟୀ ଉପସ୍ଥିତ ଥିଲେ ।

## ଓଡ଼ିଆ ବିଭାଗର ସଂପାନ ପ୍ରତୀକ କବିତାକୁ ପଲ୍ଲବିତ କରେ



ଭଦ୍ରକ,୩୦/୦୭ (ନି.ପ୍ର): ଚେତନାର ବ୍ୟାପକତାକୁ ଅତି ସହଜ ଓ ସରଳ ଭାବରେ ଉପସ୍ଥପାନ କରିବାରେ ପ୍ରତୀକର ଭୂମିକା ଗୁରୁତ୍ୱପୂର୍ଣ୍ଣ। କବିତା ବିଶେଷ ଅର୍ଥବୋଧରେ ବିଭୂଷିତ କରିବା ସହିତ କବିତା ସର୍ବୋତ୍କୃଷ୍ଟ ବିଭୂଷଣ ଭାବରେ ପରିଗୃହୀତ ପ୍ରତୀକ କବିତାକୁ ପଲ୍ଲବୀତ କରେ ବୋଲି ଭଦ୍ରକ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗର ସଂପାନରେ 'ପ୍ରତୀକବାଦୀ ଆନ୍ଦୋଳନ ଓ ଓଡ଼ିଆ କବିତାରେ ପ୍ରତୀକ ପ୍ରୟୋଗଧାରା' ଶୀର୍ଷକ ପ୍ରସଙ୍ଗ ଭିତ୍ତିକ ବକ୍ତବ୍ୟ ଉପସ୍ଥାପନ କରି ବିଷୟ ବିଶାରଦ ଭାବରେ ଯୋଗ ଦେଇଥିବା ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗର ମୁଖ୍ୟ ପ୍ରଫେସର ଡଃ ସନ୍ତୋଷ କୁମାର ନାୟକ ମତବ୍ୟକ୍ତ କରିଥିଲେ। ବିଭାଗମୁଖ୍ୟ ଅଧାପକ ଡଃ ଅଭୟ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସଂପାନକୁ ମହାବିଦ୍ୟାଳୟର ଅଧକ୍ଷା, କବି ସୁଚିତ୍ରା ପାଣିଗ୍ରାହୀ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅଧାପିକା ଅମୀତାରାଣୀ ବାରିକ ସ୍ୱାଗତ ଭାଷଣ ଓ ଅଧାପିକା ମଧୁବ୍ରତା ମଲ୍ଲିକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷବର୍ଷର ଛାତ୍ରୀ ବର୍ଷାରାଣୀ ଦାସ, ଲିଲି ମହାଲିକ, ଅନୀତା ଦାସ, ପ୍ରୀତିରାଣୀ ନାୟକ, ସୋନାଲି ସ୍ୱାଇଁ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିବା ବେଳେ ରୂପାଲି ମହାନ୍ତି, ନିବେଦିତା ବାଳାଲିଆ, ଶୁଭଲକ୍ଷ୍ମୀ ସାହୁ ପ୍ରସଙ୍ଗ ଭିତ୍ତିକ ପ୍ରବନ୍ଧ ପାଠ କରିଥିଲେ। ଲକ୍ଷ୍ମୀପ୍ରିୟା, ରଶ୍ମିତା, ଧରିତ୍ରୀ, ରୋଜାଲିନ, ମଧୁସ୍ମିତା, କବିତା ପ୍ରମୁଖ ପାଠଚକ୍ର ପରିଚାଳନା କରିଥିଲେ। ସଂପାନରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଧାପିକା ଡଃ ସଂଗୀତା ଦାସ, ସୌଦାମିନୀ ରାଉତ, ଗୀତାଞ୍ଜଳି ସାହୁ, ଅଧାପକ ମନୋଜ କୁମାର ସାହୁ, ଜଗନ ଟୁଡୁ, ରାଜେଶ କୁମାର ପାହାରୀ ପ୍ରମୁଖ ଯୋଗ ଦେଇଥିଲେ। ଅଧାପିକା ପ୍ରମିଳା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଟାଉନ ହାଇସ୍କୁଲରେ ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରା

ବାଲେଶ୍ୱର,୩୦/୦୭ (ନି.ପ୍ର): ୭୩ତମ ବନ ମହୋତ୍ସବ ଅବସରରେ ଟାଉନ ହାଇସ୍କୁଲ ଇକୋ-କ୍ଲବ ପକ୍ଷରୁ ପରିବେଶ ବଞ୍ଚାଅ ସଚେତନତା କର୍ମଶାଳ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସ୍ଥାନୀୟ କାଉନସିଲର ପଦ୍ମଲୋଚନ ଲେଙ୍କା ପତକା ଦେଖାଇ ଏହି ଶୋଭାଯାତ୍ରାକୁ ଉଦଘାଟନ କରିଥିଲେ। ପରିବେଶ ସୁରକ୍ଷା ସାଙ୍ଗକୁ ବାୟୁମଣ୍ଡଳରେ ଅମ୍ଳଜାନ ସ୍ତର ବୃଦ୍ଧି ପାଇଁ ବୃକ୍ଷ ରୋପଣର ଆବଶ୍ୟକତାକୁ ନେଇ ଆୟୋଜନ ଏହି ଶୋଭାଯାତ୍ରା ବେଶ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଶ୍ରୀ ଲେଙ୍କା କହିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନମିତା ମହାପାତ୍ର, ପୁରାତନ ଛାତ୍ର ସଂସଦ ସଭାପତି ସୁବ୍ରତ କର, ଖଣାଧକ୍ଷ ରବୀନ୍ଦ୍ର କୁମାର ମହାନ୍ତି, ବିଦ୍ୟାଳୟ ଏସଏମସିର ପୂର୍ବତନ ସଭାପତି ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଏହି ଉଦଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ସମ୍ପ୍ରତି ବଢୁଥିବା ଗ୍ଲୋବାଲ ୱାର୍ମିଂ ବିଶ୍ୱ ପାଇଁ ମହା ବିପଦ ହୋଇଛି। ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟି ଏକମାତ୍ର ସ୍ଥାୟୀ ପ୍ରତିକାର ହୋଇଥିବା ବେଳେ ଏଥିପ୍ରତି ସବୁ ମହଲରୁ ଉଦ୍ୟମ କରାଯିବା ଉଚିତ ବୋଲି ସେମାନେ କହିଥିଲେ। ପ୍ରତି ପରିବାର ପକ୍ଷରୁ ଅତିକମରେ ଦୁଇଟି ଗଛ ଲଗାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଇକୋ-କ୍ଲବର ଗାଇଡ ଶିକ୍ଷକ ଅକ୍ଷୟ କୁମାର ପାତ୍ର, ଖେଳ ଶିକ୍ଷୟିତ୍ରୀ କଳ୍ପଲତା ରଥ, ବରିଷ୍ଠ ଶିକ୍ଷକ ଦମୋଦର ପଣ୍ଡାଙ୍କ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀଙ୍କ ମିଳିତ ସହଯୋଗରେ ଏହି ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି ସହର ପରିକ୍ରମା କରିଥିଲା। ଗଛ ବଞ୍ଚିଲେ ଆମେ ବଞ୍ଚିବା ବାର୍ତ୍ତା ନେଇ ଜନ ସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଶିକ୍ଷକ ରାମକୃଷ୍ଣ ପଣ୍ଡା, ଶଶିକାନ୍ତ ମିଶ୍ର, ରାଜେନ୍ଦ୍ର ଦେ, ଶଶଧର ନାୟକ, ଅଜିତ ପଟ୍ଟନାୟକ, କାର୍ତ୍ତିକ ଜେନା, ସୁମତି ରାଉତ, ଦେବସ୍ମିତା ଦାସ, ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବାରେ ଅବହେଳାକୁ ନେଇ ଉଦ୍‌ବେଗ



ବାଲେଶ୍ୱର,୩୦/୦୭ (ନି.ପ୍ର): ଫକୀରମୋହନ ମେଡିକାଲ କଲେଜ୍ ହସପିଟାଲ ତଥା ଜିଲା ମୁଖ୍ୟ ଚିକିତ୍ସାଳୟରେ ର୍ବିଭାଗର ସବୁ ବିଭାଗର ଡାକ୍ତର ରହୁନଥିବାରୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଉଦବେଗ ପ୍ରକାଶ କରିଛି ବୈଠକରେ ଘୋର ଉଦ୍‌ବେଗ ପ୍ରକାଶ ପାଇଛି। ଏନେଇ କମିଟିର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ ଅଧିକାରୀଙ୍କୁ ଓ ବାଲେଶ୍ୱର ଜିଲ୍ଲାର ବିଧାୟକମାନଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଥିବା କରାଯିବା ନେଇ ସଭାପତି ମମତା ମହାପାତ୍ର ଓ ସାଧାରଣ ସମ୍ପାଦକ ପ୍ରଦୀପ ଦାସ ବୈଠକରେ ଜଣାଇଥିଲେ। ଅନ୍ୟପକ୍ଷରେ ମୁଖ୍ୟ ଚିକିତ୍ସାଳୟ ସମେତ ଜିଲାର ବିଭିନ୍ନ ହସପିଟାଲରେ ୩୦ଜଣ ଡାକ୍ତରଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେବା ଖବରକୁ ବୈଠକରେ ସ୍ୱାଗତ କରାଯାଇଛି। ଦୀର୍ଘଦିନର ଦାବିପରେ ମାତ୍ର ଜଣେ ହୃଦରୋଗ ବିଶେଷଜ୍ଞଙ୍କୁ ବାଲେଶ୍ୱରରେ ନିଯୁକ୍ତି ଦିଆଯାଇଛି। ତେବେ ଇକୋ କାର୍ଡ଼ିଓଲୋଜି ମେସିନ୍ ନଥିବାରୁ ସମସ୍ତ ରୋଗୀ ଚିକିତ୍ସା ପାଇପାରିବେ ନାହିଁ। ତେଣୁ ତୁରନ୍ତ ଏହି ମେସିନ୍ ହସପିଟାଲରେ ପ୍ରତିଷ୍ଠା ପାଇଁ ଦାବି କରାଯାଇଛି। କେତେକ ଡାକ୍ତର ସରକାରୀ ଚିକିତ୍ସାରେ ଅବହେଳା କରି ଘରୋଇ ଚିକିତ୍ସା କରୁଥିବା ବେଳେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ବାଲେଶ୍ୱରକୁ ତଦନ୍ତ ପାଇଁ ଆସୁଥିବା ପ୍ରତିନିଧିମାନଙ୍କୁ ସାକ୍ଷାତ ସମୟରେ ପ୍ରକାଶ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। କ୍ରିୟାନୁଷ୍ଠାନ କମିଟି ବୈଠକରେ କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା ଉପ-ସଭାପତି ପ୍ରଭାକର ସାହୁଙ୍କ ସମେତ ଡ. ଇଂ. ହୃଷିକେଶ ସାହୁ, ଦୀନବନ୍ଧୁ ଲେଙ୍କା, ଡ. କେଶବ ଚରଣ ପଣ୍ଡା, ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ସର୍ବଶ୍ରୀ ବେଣୁଧର ପାଳ, ଯୋଗେନ୍ଦ୍ର ମାହାର୍ଣ୍ଣା, ରବିନାରାୟଣ ଭୋଳ, ଯୋଗେଶ ଚନ୍ଦ୍ର ପ୍ରଧାନ, ଜିତେନ୍ଦ୍ର ଦାସ, ଡ. ବି.ବି. ମହାପାତ୍ର, ରମେଶ ଚନ୍ଦ୍ର ଜେନା, ଶ୍ୟାମସୁନ୍ଦର ଜେନା, ପୁରୁଷୋତ୍ତମ ବିଶ୍ୱାଳ, ଡ. କ୍ଷିତୀଶ୍ୱର ଦାଶ ଓ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅକ୍ଷୟ କୁମାର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ଅଗଷ୍ଟ ମାସ ପାଇଁ ଯୁଗ୍ମ ଜନଶୁଣାଣି ଶିବିରର କାର୍ଯ୍ୟସୂଚୀ

ଭଦ୍ରକ, ୩୦/୦୭ (ନି.ପ୍ର): ଜିଲ୍ଲାର ଜନ ସାଧାରଣଙ୍କର ଆପତ୍ତି ଅଭିଯୋଗର ସମାଧାନ ପାଇଁ ମାସର ପ୍ରତ୍ୟେକ ସୋମବାର ଜିଲ୍ଲାପାଳ ଓ ଏସ୍.ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହେଉଅଛି। ଅଗଷ୍ଟ ମାସ ପାଇଁ ଏହି ଶିବିର ଆୟୋଜନ ନେଇ ଜିଲ୍ଲା ପ୍ରଶାସନ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ୧.୮.୨୨ ମାସର ପ୍ରଥମ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ୮.୮.୨୨ରିଖ ମାସର ୨ୟ ସୋମବାର ଭଣ୍ଡାରିପୋଖରୀ ବ୍ଲକ୍‌ରେ, ୧୫-୮୨୨ ରିଖ ସୋମବାର ସରକାରୀ ଛୁଟି ଦିବସ ଥିବାରୁ ପରଦିନ ୧୬-୮-୨୨ ମଙ୍ଗଳବାର ଦିନ ଚାନ୍ଦବାଲି ବ୍ଲକରେ, ୨୨-୮-୨୨ ମାସର ୪ର୍ଥ ସୋମବାର ଦିନ ଧାମନଗର ବ୍ଲକ୍‌ରେ, ୨୯-୮-୨୨ ମାସର ୫ମ ଓ ଶେଷ ସୋମବାର ଦିନ ତିହିଡ଼ି ବ୍ଲକ୍‌ରେ ଏହି ଶିବିର ଅନୁଷ୍ଠିତ ହେବ।

# ଜିଲ୍ଲାପାଳଙ୍କ ରୂପ୍‌ସା ଗସ୍ତ : ବିଭିନ୍ନ କାର୍ଯ୍ୟର ତଦାରଖ



ବସ୍ତା, ୩୦/୦୭ (ନି.ପ୍ର): ରୂପସା ର ବିଭିନ୍ନ ଅଞ୍ଚଳକୁ ଗସ୍ତକରି ଶନିବାର ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଧେ ଏକାଧିକ କାର୍ଯ୍ୟ ର ତଦାରଖ କରିଛନ୍ତି।ସଦରବ୍ଲକରେ ତୃତୀୟ ପର୍ଯ୍ୟାୟରେ ଆଉ ୧୮ ଟି ସ୍କୁଲ ୫ ଟିରେ ରୂପାନ୍ତରିତ ହେବାକୁ ଥିବାବେଳେ ସେଥିମଧ୍ୟରୁ ରୂପସା ରେ ଦୁଇଟି ସ୍କୁଲ ସ୍ଥାନ ପାଇଛି। ରୂପସା ପଂଚାୟତର ପିଂଛାବଣିଆ ଆବାସିକ ବିଦ୍ୟାଳୟ ଏବଂ କସିପଦା ପଂଚାୟତ ଉଚ୍ଚ ବିଦ୍ୟାଳୟ ଦୁଇଟି ୫ଟି ଯୋଜନାରେ ଅନ୍ତର୍ଭୁକ୍ତ ହେବାପରେ ଜିଲ୍ଲାପାଳଙ୍କ ସହିତ ସଦର ବିଡ଼ିଓ ନରେନ୍ଦ୍ର ଖମାରି ଏହି ଦୁଇ ବିଦ୍ୟାଳୟର ଭିତ୍ତିଭୂମି ଯାଞ୍ଚ କରିଥିଲେ।ଏହି ସମୟରେ କସିପଦା ସ୍କୁଲରେ ଶିକ୍ଷକ ଅଭାବ ଥିବା ଗ୍ରାମବାସୀ ମାନେ ଅଭିଯୋଗ କରିବାପରେ ଏଠାରେ ଖୁବଶୀଘ୍ର ଖାଲିଥିବା ଶିକ୍ଷକଙ୍କ ସ୍ଥାନ ପୂରଣ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ।ଏହାପରେ ଆଙ୍କ ପଂଚାୟତ ରେ ଥିବା ପଦ୍ମପୋଖରୀ ବୁଲି ଦେଖିବା ସହିତ ପୋଖରୀଟିକୁ କିଭଳି ଭାବେ ଅଧିକ ସୌନ୍ଦର୍ଯ୍ୟ କରଣ କରିହେବ ସେ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ଜିଲ୍ଲା ପରିଷଦ ସଞ୍ଜୟ କୁମାର ସେଠୀ, ରୂପସା ସରପଞ୍ଚଙ୍କ ପ୍ରତିନିଧି ମନୋରଞ୍ଜନ ପ୍ରଧାନ, ପଂଚାୟତ ସଭାପତି ବୁଲୁ ବିଶ୍ୱାଳ, ସମିତି ସଭ୍ୟଙ୍କ ପ୍ରତିନିଧି ପିଙ୍କୁ ବେହେରା,ଆଙ୍କ ସରପଞ୍ଚ ଜ୍ୟୋସ୍ନା ବେହେରା, କସିପଦା ସରପଞ୍ଚ ଗଙ୍ଗାମଣି ବେହେରା, ସମିତିସଭ୍ୟଙ୍କ ପ୍ରତିନିଧି ବଂଶୀଧର ପଣ୍ଡା, ବିଧାୟକଙ୍କ ପ୍ରତିନିଧି ନିଲୁ ନାୟକ, ଯୁବ ସମାଜ ସେବୀ ଜଗଦୀଶ ବେହେରା,ବିନୟ କୁମାର ବେହେରା, ପଦ୍ମଲୋଚନ ପଣ୍ଡା, ପଙ୍କଜ ବିଶ୍ୱାଳ ଉପସ୍ଥିତ ରହିଥିଲେ।

# ମନ୍ତ୍ରୀ ହୋମୱାର୍କ କରି ଆସନ୍ତୁ : ସନ୍ତୋଷ ସିଂହ ସାଲୁଜା

ଭୁବନେଶ୍ୱର,୩୦/୦୭ (ନି.ପ୍ର): ବିଧାନସଭାରେ ପଚାରିଥିବା ପ୍ରଶ୍ନର ସଠିକ ଉତର ମିଳି ନ ଥିବାରୁ କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ ମନ୍ତ୍ରୀ ହୋମ ବାର୍କ କରି ବିଧାନସଭାରେ ଉତର ଦିଅନ୍ତୁ ବୋଲି କହିଥିବା ଦେଖିବାକୁ ମିଳିଥିଲା। ବିଧାୟକ ଶ୍ରୀ ସାଲୁଜା ପର୍ଯ୍ୟଟନ ସ୍ଥଳୀ ମାନଙ୍କରେ ୨୦୧୦ ମସିହା ଠାରୁ କେତେ ଧନରାଶି ଖର୍ଚ୍ଚ କରା ଯାଇଛି ବୋଲି ପଚାରା ଯାଇଥିବା ପ୍ରଶ୍ନର ଉତରରେ ମନ୍ତ୍ରୀ ୨୦୧୫ ପର ଠାରୁ କେତେ ରାଶି ଖର୍ଚ୍ଚ ହୋଇଛି ତାର ସୂଚନା ଦେଇଥିଲେ। ଏହି ଉତର ପାଇବା ପରେ ବିଧାୟକ ସନ୍ତୋଷ ସିଂହ ସାଲୁଜା ଏହାକୁ ନେଇ ପ୍ରଶ୍ନ କରିଥିଲେ। ଏତିକି ବେଳେ ବାଚସ୍ପତି ବିକ୍ରମ କେଶରୀ ଆରୁଖ କହିଥିଲେ ଯେ ବିଭାଗୀୟ ମନ୍ତ୍ରୀ ତାଙ୍କୁ ୨୦୧୦ ପର ଠାରୁ କରା ଯାଇଥିବା ଖର୍ଚ୍ଚ ସମ୍ପର୍କରେ ତାଙ୍କୁ ପରେ ସୂଚନା ଦେଇ ଦେବେ। ତେବେ ସନ୍ତୋଷ ସିଂହ ସାଲୁଜା କହିଥିଲେ ଯେ ସେ ମନ୍ତ୍ରୀଙ୍କୁ ସମାଲୋଚନା କରୁ ନାହାନ୍ତି। ସେ କେବଳ ଏତିକି କହିବାକୁ ଚାହୁଁଛନ୍ତି ଯେ ଅଧିକାରୀ ମାନେ ଯାହା ଲେଖି ମନ୍ତ୍ରୀଙ୍କୁ ଧରାଉଛନ୍ତି ତାହାକୁ ମନ୍ତ୍ରୀ ପଢିବା ଉଚିତ ନୁହେଁ। ସେ ତାଙ୍କର ହୋମ ୱାର୍କ କରିବା ଆବଶ୍ୟକ। କାରଣ ମନ୍ତ୍ରୀ ବିଧାନସଭା ପ୍ରତି ଉତରଦାୟୀ, ସରକାରୀ ଅଧିକାରୀ ମାନେ ନୁହନ୍ତି। ତେଣୁ ମନ୍ତ୍ରୀ ଏ ବିଷୟରେ ଧ୍ୟାନ ଦେବା ଆବଶ୍ୟକ ବୋଲି ସେ କହିଥିଲେ।

# ନୂଆସାହି ମହାବିଦ୍ୟାଳୟର ଅଭୂତପୂର୍ବ ସଫଳତା



ଉଦଳା, ୩୦/୦୭ (ନି.ପ୍ର): କପ୍ତିପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ନୂଆସାହି ଚଳିତ ବର୍ଷ ବିଜ୍ଞାନ ପରୀକ୍ଷାରେ ଅପୂର୍ବ ସଫଳତା ହାସଲ କରିଛି। ସମୁଦାୟ ୪୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୯୮% ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ତନ୍ମଧ୍ୟରୁ ୭୯%(୩୪)ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ, ୬ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ଜଣେ ୩ୟ ଶ୍ରେଣୀରେ ଓତ୍ତୀର୍ଣ୍ଣ ହୋଇଛନ୍ତି। ୫୪୪ ନମ୍ବର ରଖି ସରୋଜ କୁମାର ଘଡେଇ ବିଦ୍ୟାଳୟର ପ୍ରଥମ ତଥା ବ୍ଲକର ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ତାଙ୍କୁ ଆଜି ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ର କୁମାର ପଟ୍ଟନାୟକ ଏବଂ ଅଧ୍ୟାପକଗଣ ଫୁଲତୋଡା, ମିଷ୍ଟାନ୍ନ ଦେଇ ସମ୍ବର୍ଦ୍ଧିତ କରିବା ସହ ଭବିଷ୍ୟତରେ ସଫଳ ହୁଅନ୍ତୁ ବୋଲି ଆଶୀର୍ବାଦ ପ୍ରଦାନ କରିଛନ୍ତି। ସରୋଜ କୁମାର କପ୍ତିପଦା ପଞ୍ଚାୟତ ସମିତି ଅଧୀନସ୍ଥ ନୁଆଗାଁ ଗ୍ରାମର ଗୌରଚନ୍ଦ୍ର ଘୋଡେଇଙ୍କ ସୁପୁତ୍ର। ସେହିଭଳି ବାଣିଜ୍ୟ ପରୀକ୍ଷାରେ ବିଦ୍ୟାଳୟର ୪୭ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୮୧% (୩୮) ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି।

# ମାଳିପାଳ ଗାର୍ଲସ ହାଇସ୍କୁଲ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ



ଜଳେଶ୍ୱର, ୩୦/୦୭ (ନି.ପ୍ର): ମାଳିପାଳ ଗାର୍ଲସ ହାଇସ୍କୁଲରେ ବିଜୁ ଜନତା ଦଳର ୨୫ ତମ ପୂର୍ତ୍ତି ଅବସରରେ ବିଜୁ ଯୁବ ଛାତ୍ର ଜନତା ଦଳ ଶ୍ରୀରାମପୁର ପଂଚାୟତ ତରଫରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ଉକ୍ତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ପଂଚାୟତର ସରପଞ୍ଚ ଆଲୋକ ଗିରି, ସମିତି ସଦସ୍ୟ ଗୋପାଳ ଚନ୍ଦ୍ର ସାମଲ, ହାଇସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ର, ଛାତ୍ରୀ, ବିଭିନ୍ନ ୱାର୍ଡର ସଦସ୍ୟ, ସଦସ୍ୟାମାନେ ସାମିଲ ହୋଇ ବିଭିନ୍ନ ପ୍ରକାର ଗଛ ଲଗାଇ ଥିଲେ। ବୃକ୍ଷ ଦ୍ୱାରା ଆମେ ସବୁ କଣ କଣ ଉପକାର ପାଉଛୁ ଏ ସମ୍ପର୍କରେ ପିଲାମାନଙ୍କୁ ଅବଗତ କରାଇବା ସହିତ ସେମାନଙ୍କୁ ମଧ୍ୟ ବୃକ୍ଷ ଲଗାଇବାକୁ କହିଥିଲେ। ଏହାଛଡ଼ା ସରପଞ୍ଚ ଶ୍ରୀଯୁକ୍ତ ଗିରି ପିଲାମାନଙ୍କୁ କହିଥିଲେ କି କେବଳ ନିଜେ ଗଛଟିଏ ଲଗାଇଲେ ହେବ ନାହିଁ ଅନ୍ୟକୁ ମଧ୍ୟ ଗଛଟିଏ ଲଗାଇବାକୁ ଅନୁରୋଧ କର। ଯାହା ଫଳରେ ଆମ ପରିବେଶ ସୁରକ୍ଷିତ ରହିବ।

# ବ୍ୟାଘ୍ର ଦିବସ ଉପଲକ୍ଷେ ଆଲୋଚନା ଚକ୍ର ଓ ପାଦଯାତ୍ରା

ବାରିପଦା, ୩୦/୦୭ (ନି.ପ୍ର): ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ଆନୁକୂଲ୍ୟରେ ସ୍ୱାଧୀନତାର ଅମୃତ ମହୋତ୍ସବ ଏବଂ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ଉପଲକ୍ଷେ ଏକ ଆଲୋଚନା ଚକ୍ର ଓ ପାଦଯାତ୍ରା କାର୍ଯ୍ୟକ୍ରମ ଶିମିଳିପାଳର ପାଦଦେଶର ପୀଠାବାଟା ରେଂଜରେ ଅନୁଷ୍ଠିତ ହୋଇ ଯାଇଛି। ଇକୋ କ୍ଲବର ଜିଲ୍ଲା ସଂଯୋଜକ ଡ଼ଃ ରମାକାନ୍ତ ମହାନ୍ତଙ୍କର ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବରେ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର ସାଉଥ ଡିଭିଜନର ବନଖଣ୍ଡ ଅଧିକାରୀ ଡ଼ଃ ସମ୍ରାଟ ଗୌଡ଼ ଯୋଗଦାନ କରି କଳା ବାଘ ପାଇଁ ଶିମିଳିପାଳ ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ବୋଲି କହି ଶିମିଳିପାଳ ବିଷୟରେ ଅଧିକ ଜାଣିବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଂଜନ ଗିରି ଯୋଗଦାନ କରି ଅଧ୍ୟୟନରତ ଛାତ୍ର ଛାତ୍ରୀମାନଙ୍କ ମନରେ ପରିବେଶ ସୁରକ୍ଷା ଚେତନା ଜାଗ୍ରତ କରିବା ପାଇଁ ବ୍ୟାଘ୍ର ପ୍ରକଳ୍ପର ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଓଷ୍ଟାର ଜିଲ୍ଲା ସମ୍ପାଦକ ଚିତ ରଂଜନ ପାଳତା, ଯୁଗ୍ମ ସମ୍ପାଦିକା ଅତସୀ କୁଣ୍ଡୁ, ଉପ ସଭାପତି ଶିଶିର କୁମାର ନାୟକ ପ୍ରମୁଖଙ୍କ ସମେତ ରଙ୍ଗା ମାଟିଆ ହାଇସ୍କୁଲ, ବୟଗୁରୁ ହାଇସ୍କୁଲ କଳାପଥରା, ଏଲ.ଏମ.ପି, ହାଇସ୍କୁଲ ଧନପୁର, କେ.ସି.ଏମ.ହାଇସ୍କୁଲ ବାଲିଡିହା, ବିଦ୍ୟା ବିହାର ହାଇସ୍କୁଲ, ବାରିପଦା, କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ପାଟଲିପୁରା ଏବଂ ଜି.ପି. ହାଇସ୍କୁଲ ଚନ୍ଦନପୁରର ଛାତ୍ର ଛାତ୍ରୀ ଏବଂ ଗାଇଡ଼ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଯୋଗଦାନ କରିଥିଲେ। ଉପବନ ସଂରକ୍ଷକ ବିଦ୍ୟା ସାଗର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ରେଂଜ ଅଫିସର ଜ୍ୟୋତିରଂଜନ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଇକୋ କ୍ଲବର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିବା ବେଳେ, ଏଥିରେ ବାୟାଗୁରୁ ହାଇସ୍କୁଲର ଛାତ୍ର ମଙ୍ଗଳ ହାଁସଦା ପ୍ରଥମ, ରଙ୍ଗାମାଟିଆ ହାଇସ୍କୁଲର ସ୍ୱପ୍ନା ସିଂ ଦ୍ୱିତୀୟ ଏବଂ ରାଣୀ ସିଂ ଓ କେ.ସି.ଏମ. ହାଇସ୍କୁଲର ଛାତ୍ର ଦେବାଶିଷ ନାଏକ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ଲାଭ କରିଛନ୍ତି।

# ସମ୍ବର୍ଦ୍ଧନା, କୃତି ଶିକ୍ଷାର୍ଥୀଙ୍କୁ ପ୍ରୋତ୍ସାହିତ ଓ ଉନ୍ମାଦନ ସୃଷ୍ଟି କରେ

ଜଳେଶ୍ୱର, ୩୦/୭(ନି.ପ୍ର): ମ୍ୟାଟ୍ରିକପରେ ଉଚ୍ଚ ମାଧ୍ୟମିକ ସ୍ତରରେ କୃତିଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ଦିଆଯାଉଛି। ଏହି ସମ୍ବର୍ଦ୍ଧନା ସେମାନଙ୍କୁ ପ୍ରତ୍ସାହିତ ଓ ନୂତନ ଉନ୍ମାଦନା ଦେଇଥାଏ ବୋଲି ଗତ ସଂଧ୍ୟାରେ କୌଟିଲ୍ୟ ଷ୍ଟାଡି ସର୍କଲ ପକ୍ଷରୁ କୁହଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନିଲ କୁମାର ନାୟକଙ୍କ ପୌରହିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟବକ୍ତାଭାବେ ପଦାର୍ଥ ବିଜ୍ଞାନ ବରିଷ୍ଠ ପ୍ରାଧ୍ୟାପକ ସୁକାନ୍ତ କୁମାର ଦାସ ଯୋଗ ଦେଇ କୃତିତ୍ୱ ହାସଲ କରୁଥିବା ଛାତ୍ରଛାତ୍ରୀଙ୍କୁ ପ୍ରତ୍ସାହିତ କରାଯିବା ଉଚିତ ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ଯୁବ ନେତା ବ୍ରଜମୋହନ ପ୍ରଧାନ ଯୋଗ ଦେଇ ଶିକ୍ଷାର ପରିସମାପ୍ତି ନାହିଁ ଉଚ୍ଚ ଶିକ୍ଷିତଙ୍କୁ ଉତ୍ସାହିତ କରାଯିବା ଉଚିତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଂଚ ରାଜେଶ କୁମାର ଜେନା, ସତ୍ୟମୟ ଆଚାର୍ଯ୍ୟ, କାଳିଚରଣ ଦାସ, ସତ୍ୟରଂଜନ ଦାସ, ଅନନ୍ତ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଂସ୍ଥାର ମୁଖ୍ୟ ବାପୁଜୀ ନାଥ ସୂଚନା ଓ ପ୍ରତ୍ସାହତ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବର୍ଷାରାଣୀ କୁଣ୍ଡୁ , ଦୁର୍ଗେଶ୍ୱରୀ ନନ୍ଦୀ ଯଥାକ୍ରମେ ୫୧୮ ଓ ୫୦୭ ରଖି କୃତିତ୍ୱ ହାସଲ କରିଥିବାରୁ ସେମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

# ଅଗଷ୍ଟ ୨ ତାରିଖ ବୃଦ୍ଧ, ବୃଦ୍ଧା ଓ ଦିବ୍ୟାଙ୍ଗମାନଙ୍କ ଉପକରଣ ବଂଟନ ଚିହ୍ନଟ ଶିବିର

ବାଲିଆପାଳ, ୩୦/୦୭ (ନି.ପ୍ର): ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବାଲିଆପାଳ ବ୍ଲକରେ ଆସନ୍ତା ଅଗଷ୍ଟ ୨ ତାରିଖ ମଙ୍ଗଳବାର ବୃଦ୍ଧ,ବୃଦ୍ଧା ଓ ଦିବ୍ୟାଙ୍ଗ ଲୋକମାନଙ୍କର ଉପକରଣ ବଂଟନ ପାଇଁ ବ୍ଲକ କାର୍ଯ୍ୟାଳୟରେ ଏକ ଚିହ୍ନଟ ଶିବିର ଅନୁଷ୍ଠିତ ହେବ। ବାଲିଆପାଳ ବ୍ଲକରେ ଥିବା ସମସ୍ତ ଦିବ୍ୟାଙ୍ଗ ଓ ବୃଦ୍ଧ ବୃଦ୍ଧା ବ୍ୟକ୍ତିମାନେ ସେମାନଙ୍କର ସମସ୍ତ କାଗଜ ପତ୍ର ସହିତ ଜନସେବା କେନ୍ଦ୍ରରେ ଅଲିମକୁ ଡଟ ଇନ୍ ପର୍ଟାଲରେ ଆବେଦନ କରି ସକାଳ ୮ଟା ସୁଦ୍ଧା ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ହେବାକୁ ବିଡିଓ ଦୀପକ କୁମାର ଦାସ ଅନୁରୋଧ କରିଛନ୍ତି। ଆବଶ୍ୟକସ୍ଥଳେ ଯୋଗା ଯୋଗ ପାଇଁ ବ୍ଲକ ସାମାଜିକ ଅଧିକାରୀ ଜିନାରାଣୀ ପାତ୍ରଙ୍କ ୮୯୦୮୨୦୪୮୫୪ ଏହି ନମ୍ବରରେ ଯୋଗା ଯୋଗ କରିବାକୁ ବାଲିଆପାଳ ବ୍ଲକ ପ୍ରଶାସନ ତରଫରୁ ଅନୁରୋଧ କରାଯାଇଛି।

# ସାଂସଦ ଅଧୀର ରଂଜନଙ୍କ ରାଷ୍ଟ୍ରପତ୍ନୀ ବିବାଦ : ଜିଲ୍ଲାପାଳଙ୍କ ଅଫିସ ଆଗରେ ବିଜେପିର ବିକ୍ଷୋଭ ଓ କୁଶପୁତ୍ତଳିକା ଦାହ



ବାରିପଦା, ୩୦/୦୭ (ନି.ପ୍ର): କଂଗ୍ରେସ ସାଂସଦ ଅଧିର ରଂଜନ ଚୌଧୁରୀ ଭାରତର ମହାମହିମ ରାଷ୍ଟ୍ରପତିଙ୍କୁ ରାଷ୍ଟ୍ରପତ୍ନୀ ବୋଲି କହି ଅଡୁଆରେ ପଡିଥିବା ବେଳେ, ସାଂସଦ ଅଧିର ରଂଜନ ଏହା ତାଙ୍କ ଅଜାଣତରେ ହୋଇଥିବା ଏବଂ ଏଥିପାଇଁ ସେ ମହାମହିମ ରାଷ୍ଟ୍ରପତିଙ୍କୁ ଭେଟି କ୍ଷମା ମାଗିବେ ବୋଲି କହିଥିଲେ ମଧ୍ୟ ଏହାକୁ ନେଇ ଦୁଇଦିନ ହେଲାଣି ଦିଲ୍ଲିରୁ ପଲ୍ଲୀ ଯାଏ ବିଜେପିର ବିରୋଧ ଜାରୀ ରହିଛି। ବିଜେପି ଏଥିପାଇଁ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧି ଭୁଲ ମାଗିବା ଦରକାର ବୋଲି ଦାବୀ କରିଛି। ବିଜେପି ଦଳ ପକ୍ଷରୁ ଲୋକସଭା, ରାଜ୍ୟସଭା ଠାରୁ ବିଧାନସଭା ଏପରିକି ରାଜ ରାସ୍ତାରେ ତୁମ୍ବିତୁଫାନ କରୁଥିବାର ଦେଖାଯାଇଛି। ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ଜଣେ ରାଷ୍ଟ୍ର ମୁଖ୍ୟଙ୍କର ମର୍ଯ୍ୟାଦାକୁ ଅଧିରଙ୍କ ବୟାନ ହାନୀ ଘଟାଇଛି। ଏନେଇ ଚାରିଆଡେ କଂଗ୍ରେସ କ୍ଷମା ମାଗୁ ବୋଲି ଦାବୀ କରି ବିକ୍ଷୋଭ ପ୍ରଦର୍ଶନ ଓ ବିରୋଧ କରାଯାଉଥିବା ପରିପ୍ରେକ୍ଷୀରେ ଆଜି ଜିଲ୍ଲା ବିଜେପି ପକ୍ଷରୁ ମୟୂରଭଂଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅଧିର ରଂଜନ ଚୌଧୁରୀ, ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କ କୁଶପୁତଳିକା ମଧ୍ୟ ଦାହ କରାଯାଇ ଥିବାର ଦେଖାଯାଇଛି। ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ, ପୂର୍ବତନ ସଭାପତି କୃଷ୍ଣ ଚନ୍ଦ୍ର ମହାପାତ୍ର, ଯୁବମୋର୍ଚ୍ଚା ସଭାପତି ବଳରାମ ସାହୁ, ଯୁବ ସାଧାରଣ ସମ୍ପାଦକ ଦେବବ୍ରତ ସାମଲ, ବରିଷ୍ଠ ବିଜେପି ନେତା କବି ବିଷ୍ଣୁ ଶତପଥି, ଜିଲ୍ଲା ସମ୍ପାଦକ ବିଜୟ ଦାସ ଏବଂ ପ୍ରବୀଣ ପାତ୍ର, ମହିଳା ମୋର୍ଚ୍ଚା ସମ୍ପାଦିକା ପାୟେଲ ରାୟ, ସୁମନ ସିଂ, ଶୋଭାବତୀ ଓତା, ସୁଜାତା ମୁର୍ମୁ , ନିରଂଜନ ଦାସ ପ୍ରମୁଖ ବହୁ ବିଜେପି ନେତା ଓ କର୍ମୀ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ରାଜଧାନୀରେ ୧୩୩ ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୩୦/୦୭ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଶନିବାର ମୋଟ ୧୩୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୧୬୭ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୩ ହଜାର ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୦ ହଜାର ୪୯୫ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୩ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୧୨୯୧ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୧୩୨ ପଜିଟିଭ୍ ଚିହ୍ନଟ ହୋଇଥିଲେ।

# ବାରିପଦା ରକ୍ସି ସିନେମା ହଲରେ ରିଲିଜ ହେଲା ଓଡ଼ିଆ ଚଳଚ୍ଚିତ୍ର ବିଶ୍ୱାସ



ବାରିପଦା, ୩୦/୦୭ (ନି.ପ୍ର): ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଘଡିସନ୍ଧି ମୁହୂର୍ତ୍ତରେ ଆଜି ବାରିପଦା ରକ୍ସି ସିନେମା ହଲରେ ମୁକ୍ତିଲାଭ କରିଛି ରାଜ୍ୟ, ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ବିବେଚିତ ହୋଇଥିବା ସୁଧନ୍ୟା କ୍ରିଏଟିଭସ ଦ୍ୱାରା ପ୍ରାଯୋଜିତ ତଥା ଓଲିଉଡର ଆଗଧାଡିର ଲେଖକ ଚିନ୍ମୟ ଦାସପଟ୍ଟନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ଚଳଚ୍ଚିତ୍ର ବିଶ୍ୱାସ- ଦି ଲାଇଟ ଓଭର ଡାର୍କନେସ୍। ସିନେମାଟିର ରିଲିଜ ସୋରେ ସିନେମା ହଲ ହାଉସଫୁଲ ଥିବା ବେଳେ ପ୍ରତ୍ୟେକ ଦର୍ଶକ ମୁହଁରେ ଥିଲା ଅଜସ୍ର ପ୍ରଶଂସା। ଏହାକୁ ଆନୁଷ୍ଠାନିକ ଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସହ ବରିଷ୍ଠ ସାମ୍ବାଦିକ ଡକ୍ଟର ବିଜୟ ଅଗରୱାଲ ଏବଂ ବରିଷ୍ଠ ଡାକ୍ତର କେ.ସି. ମହାନ୍ତି। ଓଡ଼ିଆ ଚଳଚ୍ଚିତ୍ର ଜଗତରେ ହଜିଯାଇଥିବା ଗୌରବ, ନିଛକ ଓଡିଆତ୍ୱ ଏତେ ଦିନପରେ ଫେରେଇ ଆଣିବାରେ ବିଶ୍ୱାସ ଚଳଚ୍ଚିତ୍ର ଭରପୁର ପ୍ରୟାସ କରିଥିବା ନେଇ ଦର୍ଶକ ମହଲରେ ଆଲୋଚନା ହୋଇଛି। କାହାଣୀ, ଚିତ୍ରନାଟ୍ୟ, ଅଭିନୟ, ନିର୍ଦ୍ଦେଶନା, ଗୀତ, ସଂଗିତ, କଳାକାର, ଭାଷା, ସଂଳାପ ସବୁଠି ଓଡ଼ିଆ ଓ ଓଡ଼ିଶାର ଲୋକକଥା ଦେଖିବାକୁ ମିଳିଛି। ପରିବାର ସହିତ ଦେଖିଲା ଭଳି ଭଲ ଚଳଚ୍ଚିତ୍ର ଟେ ଏତେ ଦିନ ପରେ ମିଳିଛି ବୋଲି ଦର୍ଶକ ଏବଂ ଅତିଥି ମାନେ ପ୍ରତିକ୍ରିୟାରେ କହିଛନ୍ତି। ମୟୂରଭଞ୍ଜର ସଂପୂର୍ଣ୍ଣ ନୂତନ କଳାକାରଙ୍କୁ ନେଇ ନିର୍ମିତ ହୋଇଥିବା ଏହି ଚଳଚ୍ଚିତ୍ର ରେ ପ୍ରାୟତଃ ସମସ୍ତେ ଅଭିରାମ ଅଭିନୟ ଅନୁଷ୍ଠାନ ଦ୍ୱାରା ପ୍ରଶିକ୍ଷିତ। ଦର୍ଶକଙ୍କ ବିଶ୍ୱାସ ଭାଜନ ହୋଇଥିବା ଏହି ଚଳଚ୍ଚିତ୍ର ଟି ଅନ୍ଧାର ରୁ ଆଲୋକ ଯିବା ବାଟରେ ଅବିଶ୍ୱାସ -ଅନ୍ଧବିଶ୍ୱାସ ଉପରେ ପର୍ଯ୍ୟବେସିତ। ଏଥିରେ ନବାଗତ ସାହିଲ ମିଶ୍ର (ଗୁଡ୍ଡି) ନିଜର ଉତ୍କୃଷ୍ଟ ଅଭିନୟ ନିମନ୍ତେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଚଳଚ୍ଚିତ୍ର ଜଗତ ଦ୍ୱାରା ପୁରସ୍କୃତ ହୋଇଥିବା ବେଳେ ନବନୀତ ମହାନ୍ତ ଶ୍ରେଷ୍ଠ ଶିଶୁକଳାକାର ଏବଂ ଶ୍ରେଷ୍ଠ ଖଳନାୟକ ଭାବେ ଚିନ୍ମୟ ଦାସପଟ୍ଟନାୟକ ପୁରସ୍କୃତ ହୋଇଛନ୍ତି। ଶ୍ରେଷ୍ଠ ଚଳଚ୍ଚିତ୍ର ପ୍ରଯୋଜକ ଭାବେ ଡକ୍ଟର ବିବେକାନନ୍ଦ ପାଣିଗ୍ରାହୀ ପୁରସ୍କୃତ ହୋଇଥିବା ବେଳେ ଶ୍ରେଷ୍ଠ ନିର୍ଦ୍ଦେଶକର ପୁରସ୍କାର ଚିନମୟ ଦାସପଟ୍ଟନାୟକ ହାସଲ କରିଛନ୍ତି। ଏଥିରେ ସଂଗୀତ ନିର୍ଦ୍ଦେଶନା ସାନ୍ତନୁ ଶତପଥୀ ଦେଇଥିବା ବେଳେ ଗୀତଗୁଡିକର ରଚନା ଚିନ୍ମୟ ଦାସପଟ୍ଟନାୟକ କରିଛନ୍ତି। ଏହି ଚଳଚ୍ଚିତ୍ରରେ ସୁଧିର ମହାନ୍ତ, ଡକ୍ଟର ବିଶ୍ୱଜିତ ଦାସ, ତାପସ ରଂଜନ ପଣ୍ଡା, ସନ୍ତୋଷ ମହାନ୍ତି, ଶିବ ଶଙ୍କର ବାରିକ, ସୁଜୟ ମହାନ୍ତି, ଅରୁଣ ମହାନ୍ତ, ମଙ୍ଗଳ ବେଶ୍ରା, ଗୋକୁଳଦାସ, ଲମ୍ବୋଦର ସିଂ, ସୁଜିତ ନାଥ, ଗୋପାଳ ମହାନ୍ତି, ସୁବ୍ରତ ଦେ, ସଂଗ୍ରାମ ଭଞ୍ଜଦେଓ, ଶ୍ରୀନିବାସ ଭଞ୍ଜ, ଜୀବନ ସାହୁ, ଲାଲମୋହନ ସାହୁ, ବିଶ୍ୱଜୀତ ପରିଡା, କମଳେନ୍ଦୁ ମଢୁଆଳ, ମୋହନ ବେହେରା, ସାଗରିକା ଦାସ, ଅର୍ପିତା ଦାସ, ପ୍ରକାଶିନି ମିଶ୍ର, ଦର୍ଶନା ଭଂଜଦେଓ, ଲେସଲି ପାତ୍ର ଏବଂ ଅନ୍ୟମାନେ ଅଭିନୟ କରିଥିବାର ଜଣାଯାଇଛି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo